

# ପ୍ରଗତି ସାହିତ୍ୟ

କୃଷ୍ଣଚରଣ ବେହେରା



# ପ୍ରଗତି ସାହିତ୍ୟ

କୃଷ୍ଣଚରଣ ବେହେରା

# ପ୍ରଗତି ସାହିତ୍ୟ
## ଓ
## ଅନ୍ୟାନ୍ୟ ପ୍ରବନ୍ଧ

ଶ୍ରୀ କୃଷ୍ଣଚରଣ ବେହେରା ଏମ୍. ଏ.
ଅଧ୍ୟାପକ, ଭଦ୍ରକ କଲେଜ

ପ୍ରଥମ ପ୍ରକାଶ—

ଅଗଷ୍ଟ, ୧୯୫୮

ପ୍ରକାଶକ—

ଶ୍ରୀ ସୋମନାଥ ତ୍ରିପାଠୀ, ପୁରୀ

ମୁଦ୍ରାକର—

ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

ଗୋପୀନାଥ ପ୍ରେସ୍, ଭଦ୍ରକ

ପ୍ରଚ୍ଛଦ-ସଜ୍ଜା—

ଶିଳ୍ପୀ ଶ୍ରୀମତୀ ବୀଣା ଦେବୀ

ଏ ଗ୍ରନ୍ଥର ସର୍ବସ୍ୱତ୍ୱ—

ଶ୍ରୀମତୀ ଜୟନ୍ତୀ ବେହେରାଣୀଙ୍କର

ମୂଲ୍ୟ—

ଏକ ଟଙ୍କା ପଅଁସ୍ତରି ନୟା ପଇସା

* * * * * * *

ସୁପରିଚିତ ଐତିହାସିକ—
ସଂସ୍କୃତିପ୍ରେମୀ ଦେଶସେବକ
ଡକ୍‌ଟର ଶ୍ରୀହରେକୃଷ୍ଣ ମହତାବଙ୍କ
କର-କମଳରେ...

* * * * * * *

ଲେଖକଙ୍କର ଅନ୍ୟାନ୍ୟ ପୁସ୍ତକ—

## ସୃଷ୍ଟିର ସ୍ୱପ୍ନ

(ଅଭିନବ ଗଳ୍ପ-ସଂଗ୍ରହ)

ମୂଲ୍ୟ—ବାରଅଣା

*

## ଗୁ କପ୍‌ଲେ ଝିଁଟି

( ଅଧୁନିକ କବିତା ଗୁଚ୍ଛ )

ମୂଲ୍ୟ—ବାରଅଣା

*

ପ୍ରକାଶ ଅପେକ୍ଷାରେ—

କ୍ରାନ୍ତିକାରୀ ଆଧୁନିକ କଥାକାବ୍ୟ

**୫୪, ଭାନୁବାଈ ଲେନ୍**

# ନିଜ କଥା

ଉପଯୁକ୍ତ ଲାଳନ-ପାଳନରେ ହିଁ ସୃଷ୍ଟିର ସୌକର୍ଯ୍ୟ ଓ ସୌନ୍ଦର୍ଯ୍ୟ । ସେଥିପାଇଁ ଆମ ପୁରାଣରେ ସୃଷ୍ଟି-କର୍ତ୍ତା ବ୍ରହ୍ମାଙ୍କ ସଙ୍ଗକୁ ପାଳନ-କର୍ତ୍ତା ବିଷ୍ଣୁଙ୍କର କଳ୍ପନା କରା ଯାଇଛି । ସାହିତ୍ୟରେ ମଧ୍ୟ ସୃଷ୍ଟି-କର୍ମ ସଙ୍ଗେ ସଙ୍ଗେ ପାଳନ-କର୍ମ ଲୋଡ଼ା । ଆଜିକାଲି ଆମ ସାହିତ୍ୟରେ ସୃଷ୍ଟି-କର୍ମ ବେଶ୍ ଚାଲିଛି, କିନ୍ତୁ ପାଳନ-କର୍ମ ସନ୍ତୋଷଜନକ ଭାବରେ ହେଉ ନାହିଁ; ଅର୍ଥାତ୍ ସାହିତ୍ୟର ମୂଲ୍ୟାଙ୍କନ ବିଶେଷ ଦେଖିବାକୁ ମିଳୁ ନାହିଁ । ସେହି ଅଭାବ ପୂରଣଲାଗି ମୁଁ ଏଠାରେ ସାମାନ୍ୟ ପ୍ରୟାସ କରିଛି ମାତ୍ର ।

ଏହି ପ୍ରବନ୍ଧଗୁଡ଼ିକ ମଧ୍ୟରୁ ଅଧିକାଂଶ ପୂର୍ବରୁ ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶିତ ହୋଇଥିଲା ଏବଂ ପ୍ରକାଶ ପୂର୍ବରୁ ଶାନ୍ତି-ନିକେତନର ସାହିତ୍ୟ-ଆଲୋଚନା-ଚକ୍ରରେ ଆଲୋଚିତ ହୋଇଥିଲା । ସେହି ଆଲୋଚନାରେ ଅଂଶ ଗ୍ରହଣ କରିଥିବା ଶାନ୍ତିନିକେତନର ଓଡ଼ିଆ ଅଧ୍ୟାପକ ତଥା ଛାତ୍ରବନ୍ଧୁମାନଙ୍କୁ ଆଜି ମୁଁ ଶ୍ରଦ୍ଧାର ସହିତ ସ୍ମରଣ କରୁଛି ।

ଶେଷରେ ସାହିତ୍ୟ-ରସିକ ପାଠକମାନଙ୍କଠାରୁ ପ୍ରବନ୍ଧଗୁଡ଼ିକ ସମ୍ପର୍କରେ ଅଭିମତ ଭିକ୍ଷା କରି ରହିଲି । ଇତି

ଭଦ୍ରକ କଲେଜ
୧ । ୮ । ୧୯୫୮

କୃଷ୍ଣଚରଣ ବେହେରା

# ନିର୍ଦ୍ଦେଶିକା


| ବିଷୟ | | ପୃଷ୍ଠା |
|---|---|---|
| ୧ । ପ୍ରଗତି ସାହିତ୍ୟ | — — | ୩ |
| ୨ । ସାହିତ୍ୟର ଦୁରବସ୍ଥା | — — | ୨୩ |
| ୩ । ପ୍ରକୃତି-ଚୟନ | — — | ୩୫ |
| ୪ । ଓଡ଼ିଆ ଲୋକ-ସାହିତ୍ୟ | — — | ୪୯ |
| ୫ । ଫକୀରମୋହନ : ଦେଶ ଓ କାଳ | — | ୭୩ |

# ପ୍ରଗତି ସାହିତ୍ୟ

ଗୋଟିଏ ମଜା କଥାରୁ ଆରମ୍ଭ କରେଁ । ସେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର କଥା । ଚୀନ ସମ୍ରାଟ ସି ହୋୟାଂ ତି ଆଦେଶ ଦେଲେ—"ସବୁ ଗ୍ରନ୍ଥ ପୋଡ଼ି ପକାଅ ! ପୁସ୍ତକ-ଗ୍ରନ୍ଥ ପରି ଅପକାରୀ ଜିନିଷ ଆଉ ନାହିଁ ।" ଏକଥାରୁ ଆମେ ଦେଖିଛୁଁ—ଜଗତ୍‌ରେ ଜ୍ଞାନର ବି ଶତ୍ରୁର ଅଭାବ ନାହିଁ । ଏବେ ସେହିପରି ଦଳେ ସନାତନପନ୍ଥୀ ସମାଲୋଚକ ପ୍ରଗତି ସାହିତ୍ୟର ଶତ୍ରୁତା କରୁଛନ୍ତି ।

ସାହିତ୍ୟ କ୍ଷେତ୍ରରେ ପ୍ରଗତି କଥାଟା ଏଇ ସନାତନ ପନ୍ଥୀମାନଙ୍କର ବଡ଼ ଚକ୍ଷୁ-ଶୂଳ ହେଉଛି । ସେମାନଙ୍କ ମତରେ—ସାହିତ୍ୟ ଜିନିଷଟା ହେଉଛି ଶାଶ୍ବତ, ଚିରନ୍ତନ । ଶହ ଶହ ବର୍ଷ ପୂର୍ବେ କାଳିଦାସ, ସେକ୍ସପିଅର୍ ଯାହା ଲେଖି ଯାଇଥିଲେ, ତାହା ଆଜି ସୁଦ୍ଧା ଆମର ଆଦରର ଧନ ହୋଇ ରହିଛି ଓ ରହିବ ମଧ୍ୟ ଚିର କାଳ । ସାରସ୍ୱତ ମନ୍ଦାକିନୀର ପ୍ରବାହ ଚିରସ୍ଥାୟୀ । ତେଣୁ ଏଥିରେ ପ୍ରଗତି, ଅ-ପ୍ରଗତିର ପ୍ରଶ୍ନ ନାହିଁ ।

ବେଶ୍ କଥା ! ସାହିତ୍ୟ ଜିନିଷଟା ଯେ କେତେକ ପରିମାଣରେ ଚିରସ୍ଥାୟୀ—ଏ କଥା କେହି ଉଡ଼ାଇ ଦେଉନି' । କିନ୍ତୁ ସଙ୍ଗେ ସଙ୍ଗେ ସାହିତ୍ୟଟା ଯେ ପରିବର୍ତ୍ତନଶୀଳ ଏବଂ ଯୁଗ-ଭେଦରେ ଏହା ଯେ ବିଭିନ୍ନ ରୂପ ଧାରଣ କରେ—ଏ କଥା ତ ଅସ୍ୱୀକାର କରି ହେବନି' ! କାଳିଦାସ, ସେକ୍ସପିଅର୍ ଯେଉଁ ସମୟରେ ଓ ଯେଉଁ ସାମାଜିକ

ପରିବେଶ ଭିତରେ ଲେଖନୀ ଧରିଥିଲେ, ସେ କାଳ ଓ ସେ ସମାଜ ଅଙ୍କି ଅଛି ନାହିଁ । କାଳିଦାସ ଯଦି ବର୍ତ୍ତମାନ ଆମର ସମାଜ ଭିତରେ ଥାଇ ଲେଖିଥାନ୍ତେ, ତା'ହେଲେ ଆଜି ହୁଏତ ତାଙ୍କ ଯକ୍ଷ ନିଜ ପ୍ରିୟତମା ପାଖକୁ ମେଘଦୂତ ବଦଳରେ ପତ୍ର ପଠାଇଥାନ୍ତେ ଏୟାର୍ ମେଲ୍‌ରେ ଏବଂ ନିଃସଙ୍ଗ ପ୍ରିୟାର ବିରହ ବେଦନାର ଖବର ସଙ୍ଗେ ସଙ୍ଗେ ଅଳକାପୁରୀର ରେସନ୍ ଦର ଜାଣିବାକୁ ଉତ୍ସୁକ ହୋଇଥାନ୍ତେ । ସେକସ୍‌ପିଅରଙ୍କ ରୋମିଓ, ଜୁଲିଏଟ୍ ଆଜି ହୁଏତ ନିଜ ନିଜର ବଂଶ ମର୍ଯ୍ୟାଦା, ସାମାଜିକ ସଂସ୍ଥା ବିରୁଦ୍ଧରେ ବିଦ୍ରୋହ କରି କୌଣସି ରୋମାଣ୍ଟିକ୍ ଏଡ୍‌ଭେଞ୍ଚର୍‌ରେ ପଳାଇ ଆସିଥାନ୍ତେ ପ୍ୟାରୀ ବା ଜେନେଭା । ପ୍ରତ୍ୟେକ ଯୁଗର ସାହିତ୍ୟ ସେହି ଯୁଗର ସାମାଜିକ ତଥା ରାଷ୍ଟ୍ରୀୟ ଅବସ୍ଥାର ପ୍ରତିବିମ୍ବ ବହନ କରେ । ସମାଜ ବଦଳିବା ସଙ୍ଗେ ସଙ୍ଗେ ସାହିତ୍ୟ ମଧ୍ୟ ବଦଳୁଥାଏ । ସମାଜରେ ଯେପରି କୌଣସି ଗୋଟାଏ ନିର୍ଦ୍ଦିଷ୍ଟ ନୀତି ବା ସଂସ୍ଥା ଚିରସ୍ଥାୟୀ ନୁହେଁ, ସମାଜ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସାହିତ୍ୟରେ ମଧ୍ୟ ସେହିପରି କୌଣସି ପନ୍ଥା ବା ଧାରା ଚିରନ୍ତନ ନୁହେଁ । ସେହି କାରଣରୁ ଇଂଲଣ୍ଡର ଏଲିଜାବେଥାନ୍ ଓ ଭିକ୍ଟୋରିଆନ୍ ସାହିତ୍ୟ ମଧ୍ୟରେ ଏବଂ ଓଡ଼ିଶାର ଭଞ୍ଜୀୟ ଓ ରାଧା-ନାଥ ସାହିତ୍ୟ ଭିତରେ ଆମେ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟମାନ ଦେଖିବାକୁ ପାଉଁ । ତେଣୁ ଉପରୋକ୍ତ ସନାତନ-ପନ୍ଥୀ ସମାଲୋଚକ-ମାନଙ୍କୁ ଜବାବ ଦିଆଯାଇପାରେ—ସାହିତ୍ୟ ଆଜି ଆମ ନିକଟରେ ଯେତିକି ଚିରନ୍ତନ, ସେତିକି ପରିବର୍ତ୍ତନ-ଶୀଳ । ପୈତୃକସୂତ୍ରରୁ ପ୍ରାପ୍ତ ସାହିତ୍ୟ-ସଂସ୍କୃତିକୁ ଆମେ ସମ୍ପୂର୍ଣ୍ଣ ରୂପେ ଅନାଦର ବା ଅବହେଳା କରୁନା' । ଆମ ପାଇଁ ତହିଁରେ ଥିବା କେବଳ ଦରକାରୀ ଜିନିଷତକ ଆମେ ଗ୍ରହଣ କରୁଁ । ସେଥିପାଇଁ ଆଜି ଆମର ବର୍ତ୍ତରଷମ ବହି-ଥାକରେ କାଳିଦାସ, ସେକ୍‌ସପିଅର ଯେତିକି ସ୍ଥାନ ପାଇବାର

କଥା, ତାଠାରୁ ଟିକିଏ ହେଲେ ବେଶୀ ସ୍ଥାନ ଦେବାକୁ ଆମେ ରାଜି ନୋହୁଁ । ଏହି ପର୍ଯ୍ୟନ୍ତ ଆମେ ତୁମ ସହିତ ଏକମତ ଯେ—ସାହିତ୍ୟ ଶାଶ୍ବତ, ଚିରନ୍ତନ । କିନ୍ତୁ ତା’ ପରେ ଆମେ କହିବୁଁ—ବର୍ତ୍ତମାନ ଆମ ସମାଜର ଶତ ଶତ ସମସ୍ୟା-ସଂଘର୍ଷ, ଆଶା-ଆକାଙ୍କ୍ଷା କେବଳ କାଳି-ଦାସ ସେକ୍ସପିଅରଙ୍କୁ ନେଇ ଆମେ ସମାଧାନ କରି ପାରିବୁ ନାହିଁ । ଆମ ଆଗରେ ବର୍ତ୍ତମାନ ନୂତନ ସମାଜ, ନୂତନ ଜୀବନ, ଯାହା କି କାଳିଦାସ-ସେକ୍ସପିଅର ସେତେବେଳେ ହୁଏତ କଳ୍ପନା କରି ପାରି ନ ଥିବେ । ତେଣୁ କାଳିଦାସ-ସେକ୍ସପିଅରଙ୍କଠାରୁ ଆଜି ଆମେ ଅଧିକ ଆବଶ୍ୟକ ମନେ କରୁଁ—ରବୀନ୍ଦ୍ରନାଥ-ବର୍ଣ୍ଣାଡ୍‌ଶଙ୍କର, ଆରାଗଁ-ଏଲୁଅର୍, ହାର୍ଓ୍ୱାର୍ଡ଼ ଫାଷ୍ଟ-ପାବ୍ଲୋ ନେରୁଦାଙ୍କର, ଫକୀରମୋହନ-ଗୋପବନ୍ଧୁଙ୍କର । ଏଇଟି ଆମେ ଦେଖାଇ ଦେବାକୁ ଚାହୁଁ—କାଳିଦାସ ସେକ୍ସପିଅରଙ୍କ ଅମଳରେ ସାହିତ୍ୟର ସ୍ବରୂପ ଓ ମୂଲ୍ୟବୋଧ ଯେପରି ଥିଲା, ରବୀନ୍ଦ୍ରନାଥ-ବର୍ଣ୍ଣାଡ୍‌ଶଙ୍କ ସମୟରେ ତା’ର ଅନେକ ପରିବର୍ତ୍ତନ ସାଧିତ ହୋଇଛି । ଉଦାହରଣ ସ୍ୱରୂପ—କାଳିଦାସ-ସେକ୍ସପିଅର ଉଭୟ ମଣିଷ ଜୀବନର ଶୋକ ଦୁଃଖ, ବିରହ ମିଳନ, ଘୃଣା ଭୟ, ହିଂସା ଦ୍ୱେଷ ପ୍ରଭୃତି ନାନା ବିଭାବର ଚିତ୍ର ଦେଇଛନ୍ତି; କିନ୍ତୁ ମଣିଷ ଜୀବନ ସହିତ ସମାଜ ଓ ରାଷ୍ଟ୍ରର ସମ୍ବନ୍ଧ, କ୍ରିୟା ପ୍ରତିକ୍ରିୟା—ଗୋଟିଏ କଥାରେ ସମାଜ-ସଚେତନତା ସେମାନଙ୍କ ରଚନାରେ ସ୍ପଷ୍ଟ ଓ ପ୍ରତ୍ୟକ୍ଷ ଭାବେ କେଉଁଠି ପ୍ରକାଶ ପାଇଛି କି ? କିନ୍ତୁ ରବୀନ୍ଦ୍ରନାଥ-ବର୍ଣ୍ଣାଡ୍‌ଶ ଉଭୟ ଥିଲେ ସମାଜ-ସଚେତନ । ତେଣୁ ନିଜ ନିଜ ଦେଶର ସାମାଜିକ, ଧାର୍ମିକ, ରାଜନୈତିକ ଅବସ୍ଥାର ଚିତ୍ର ସେମାନଙ୍କ ରଚନାରୁ ଆମେ ପାଉଁ । ଏକ ସମୟରେ କେବଳ ଜୀବନକୁ ନେଇ ସାହିତ୍ୟର ଥିଲା କାରବାର । ଆଜି ସାହିତ୍ୟର ଉପଜୀବ୍ୟ କେବଳ ଜୀବନ ନୁହେଁ, ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ

ଜଡ଼ିତ ସମାଜ ଓ ରାଷ୍ଟ୍ର ମଧ୍ୟ । ତେଣୁ ସାହିତ୍ୟ କେବଳ ଶାଶ୍ୱତ, ସନାତନ ନୁହେଁ, ଯୁଗେ ଯୁଗେ ଏହା ପରିବର୍ତ୍ତନ ପଥରେ ଗତି କରି ଚାଲିଛି । ସେଥିପାଇଁ ସାହିତ୍ୟରେ ପ୍ରଗତି, ଅ-ପ୍ରଗତିର ପ୍ରଶ୍ନ ରହିଛି । ଏହା କେହି ଅସ୍ୱୀକାର କରି ପାରିବ ନାହିଁ ।

ତାହେଲେ ସାହିତ୍ୟ ପ୍ରଗତିମୁଖୀ, ନା ଅ-ପ୍ରଗତିମୁଖୀ ? ଇତିହାସରେ ଆମେ ଦେଖୁଁ—ମାନବ-ସଭ୍ୟତା ସବୁବେଳେ ଅଗ୍ରଗାମୀ, କେବେ ପାଶ୍ଚାତ୍‌ଗାମୀ ହୋଇ ନାହିଁ କିମ୍ବା ସ୍ଥିରଭାବେ ଦଣ୍ଡାୟମାନ ଅବସ୍ଥାରେ ରହି ନାହିଁ । ଅଗ୍ରଗତି ହିଁ ମାନବ ସଭ୍ୟତାର ଧର୍ମ । ସେ କେଉଁ ପ୍ରାଗୈତିହାସିକ ଯୁଗରେ ମାନବ ଜାତି ଯାପନ କରୁଥିଲା ଅନୁନ୍ନତ ଯାଯାବର ଜୀବନ । ସମାଜ-ଜୀବନ ବା କୌମ-ଜୀବନ ବୋଇଲେ ସେତେବେଳେ କିଛି ନ ଥିଲା । ଥିଲା ଖାଲି କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀ । ପଣ୍ଡିତମାନଙ୍କ ମତରେ ଏ ଗୋଷ୍ଠୀ ପୁଣି ଥିଲା ମାତୃ-ପ୍ରଧାନ । ଗୋଷ୍ଠୀର ଜଣେ ଲୋକ ଯାହା ରୋଜଗାର କରୁଥିଲା, ତାହା ତା'ର ବ୍ୟକ୍ତିଗତ ସମ୍ପତ୍ତି ହୋଇ ରହୁ ନ ଥିଲା । ଗୋଷ୍ଠୀର ସମସ୍ତଙ୍କର ଅଧିକାର ଥିଲା ସେଥିରେ । ତାପରେ ମାନବ-ଜାତି କୃଷି ଜୀବିକାର ଉଦ୍ଭାବନ କଲା ଏବଂ ଫଳତଃ କୌଣସି ସ୍ଥାନରେ ସ୍ଥାୟୀ ବସବାସର ଦରକାର ପଡ଼ିଲା । ଧୀରେ ଧୀରେ ଗଢ଼ି ଉଠିଲା ପରିବାର, କୌମ ଓ ସମାଜ । ସମାଜର ପରିଚାଳନାପାଇଁ ସୃଷ୍ଟି ହେଲେ ଗ୍ରାମଣୀ ବା ସମାଜପତି । ସମୟ ସ୍ରୋତରେ ପୁଣି ଏଇମାନଙ୍କ ଭିତରୁ ଅନେକ ହୋଇଗଲେ ଜମିର ମାଲିକ । ବ୍ୟକ୍ତିଗତ ସମ୍ପତ୍ତିର ଉଦ୍ଭବ ହେଲା । ସମାଜରେ ଜଣେ ସମ୍ପତ୍ତିଶାଳୀ ବ୍ୟକ୍ତି ଅପେକ୍ଷାକୃତ ଉଣା ସମ୍ପତ୍ତିଶାଳୀ ବ୍ୟକ୍ତିମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କଲା । ଦାସତ୍ୱ ପ୍ରଥାର ଆରମ୍ଭ ହେଲା । ପୁଣି ବିଭିନ୍ନ ସମ୍ପତ୍ତିଶାଳୀ ବ୍ୟକ୍ତି, ବିଭିନ୍ନ ସମାଜ ବା ବିଭିନ୍ନ କୌମ ଭିତରେ ସୃଷ୍ଟି ହେଲା ସଂଘର୍ଷ । ଏଇ ସଂଘର୍ଷ

ଫଳରେ ମଥା ଟେକିଲା ବିଭିନ୍ନ ଜାତି ଓ ଦେଶ । ଗୋଟିଏ ଜାତି ବା ଦେଶ ପାଇଁ ସୃଷ୍ଟି ହେଲେ ରାଜା ଓ ତାଙ୍କର ସାମନ୍ତବର୍ଗ । ପୁଣି ରାଜାଙ୍କ ଭିତରେ ଚାଲିଲା ସାମ୍ରାଜ୍ୟ-ବିସ୍ତାର ଓ ରାଜଚକ୍ରବର୍ତ୍ତୀ ହେବାର ଚେଷ୍ଟା । ବିଭିନ୍ନ ସଭ୍ୟତାର ପରସ୍ପର ସମ୍ମିଶ୍ରଣ ଓ ଭାବ ଆଦାନ-ପ୍ରଦାନ ଏ ଯୁଗର ଏକ ଉଲ୍ଲେଖଯୋଗ୍ୟ କଥା ।

ଏହାପରେ ମଧ୍ୟ ଯୁଗରେ ମାନବ ସଭ୍ୟତାର ବିକାଶ ହେଲା ସ୍ପଷ୍ଟରୁ ସ୍ପଷ୍ଟତର । ମଣିଷ ନିଜ ବୁଦ୍ଧି ବଳରେ ଧନ ଉତ୍ପାଦନର ନାନା ଉପାୟ ଉଦ୍ଭାବନ କଲା । ଛୋଟ ଛୋଟ ଶିଳ୍ପ ଅନୁଷ୍ଠାନ ଗଢି ଉଠିଲା । ସମାଜରେ ଶ୍ରମ ବିଭାଗ ଓ ଅର୍ଥ ବଣ୍ଟନର ବୈଷମ୍ୟ ଏବଂ ତା ଫଳରେ ଶ୍ରେଣୀ ସଂଘର୍ଷ ଦେଖା ଦେଲା । ବିଭିନ୍ନ ଧର୍ମ ଭିତରେ ମଧ୍ୟ ଦେଖା ଦେଲା ସଂଘର୍ଷ । ପ୍ରାୟ ସମଗ୍ର ପୃଥିବୀରେ ବ୍ୟାପିଗଲା ସୌଦାଗରୀ ସଭ୍ୟତା (Feudalistic Civilization). ଏ ସଭ୍ୟତା ଦେଶର ଆର୍ଥିକ ଉତ୍ପାଦନକୁ ଯେପରି ନିୟନ୍ତ୍ରିତ କଲା, ସେହିପରି ମଧ୍ୟ ପ୍ରଭାବିତ କଲା ଜାତୀୟ ସଂସ୍କୃତିକୁ । କିନ୍ତୁ ମାନବ ସଭ୍ୟତାର ବିକାଶ ଧାରା ସେଇଠି ଅଟକି ଗଲା ନାହିଁ । ପ୍ରାଚୀନ ଓ ମଧ୍ୟ ଯୁଗର ଯାପିତ ଜୀବନକୁ ଆହୁରି ଉନ୍ନତ, ଆହୁରି ଶୁଭ୍ର, ସୁନ୍ଦର କରିବାପାଇଁ ମଣିଷ ସଦାବେଳେ ଚେଷ୍ଟା କଲା । କ୍ରମେ ଆଫ୍ରିକା, ଆମେରିକା ପରି ନୂଆ ନୂଆ ଦେଶମାନ ଆବିଷ୍କୃତ ହୋଇ ବାଣିଜ୍ୟ ବ୍ୟବସାୟ ପ୍ରସାର ଲାଭ କଲା । ବିଜ୍ଞାନର ବିକାଶ ହେଲା ଧୀରେ ଧୀରେ । ମଣିଷ ସମାଜ ଅଧିକ ଆତ୍ମସଚେତନ ହୋଇଉଠିଲା । ପ୍ରତିଷ୍ଠିତ ଧାର୍ମିକ ଓ ସାମାଜିକ ସଂସ୍ଥା ବିରୁଦ୍ଧରେ ସେ ହେଲା ବିଦ୍ରୋହୀ । ୟୁରୋପରେ ଆରମ୍ଭ ହେଲା 'ରେନେସାଁ' ବା ପୁନର୍ଜାଗୃତି । ଏହା ପରେ ପରେ ହେଲା ବିଜ୍ଞାନ ବା ଯନ୍ତ୍ରଯୁଗର ପୂର୍ଣ୍ଣ ବିକାଶ । ଜୀବନ, ସମାଜ ଓ ସଂସ୍କୃତିରେ ପ୍ରକାଶ ପାଇଲା ବୈଜ୍ଞାନିକ ଦୃଷ୍ଟି-ଭଙ୍ଗୀ । ସଭ୍ୟତାର ଅଗ୍ରଗତି ହେଲା ଦ୍ରୁତତର ।

ମୋଟାମୋଟି ମାନବ-ସଭ୍ୟତାର ଇତିହାସପ୍ରତି ବିହଙ୍ଗା-ବଲୋକନ କଲେ, ଆମେ ସ୍ପଷ୍ଟ ଦେଖି ପାରିବା—ଏହା ସଦାବେଳେ ଅଗ୍ରଗାମୀ, ପ୍ରଗତିମୁଖୀ । ଯୁଗକୁ ଯୁଗ ମାନବ-ସଭ୍ୟତା ବିକାଶ ପଥରେ ପାହାଚ ପରେ ପାହାଚ ଆଗେଇ ଚାଲିଛି । ଡକ୍ଟର ରାଧାନାଥ ରଥ ଏହି ବିକାଶ-ଧାରାକୁ ନିଜର 'ଯୁଗଧର୍ମ' ପ୍ରବନ୍ଧରେ ପରିଷ୍କାର ଭାବେ ଦେଖାଇ ସାରି କହିଛନ୍ତି:—"ପ୍ରତ୍ୟେକ ଯୁଗ ପୂର୍ବବର୍ତ୍ତୀ ଯୁଗର ପରସ୍ପର ବିରୁଦ୍ଧାତ୍ମକ ଶକ୍ତିର ସଂଘାତଜନିତ ସମସଂସ୍ଥାନ ବା ଦ୍ୱନ୍ଦ୍ୱଭଞ୍ଜନରୁ ହିଁ ଉତ୍ପନ୍ନ । ଏହା ପ୍ରଗତିର ପ୍ରତୀକ ରୂପେ ସଙ୍କେତିତ ହୋଇଥାଏ ଏବଂ ତାହା ମଧ୍ୟ ଅବସ୍ଥାକ୍ରମେ ସେହିପରି ଭାବରେ ଅନ୍ୟ ଏକ ଯୁଗରେ ପରିଣତ ହୋଇଥାଏ । ଏହିପରି ମାନବ-ସଭ୍ୟତା କ୍ରମ-ବର୍ଦ୍ଧିଷ୍ଣୁ ଗତିଶୀଳ ବରଫ ସେମ୍ଭୁଲା ପରି ଅନବରତ ଚାଲିଛି । ତେଣୁ ପଛକୁ ଫେରିବାର ସମ୍ଭାବନା କାହିଁ ?" —ପ୍ରଗତି, ପୃଷ୍ଠା ୭-୮ । ଅନେକେ କହନ୍ତି—ଏ ଯୁଗରେ ବିଜ୍ଞାନ ଯେପରି ମାରଣାସ୍ତ୍ର ଉଦ୍ଭାବନ କଲାଣି, ସେଥିରେ ମାନବ-ସଭ୍ୟତାର ଆଉ ପ୍ରଗତି ହୋଇ ପାରିବନି; ଏହା ଅଚିରେ ଧ୍ୱଂସପ୍ରାପ୍ତ ହେବ । କିନ୍ତୁ ପ୍ରକୃତରେ ବିଜ୍ଞାନ କେବେ ପ୍ରଗତିର ପ୍ରତିବନ୍ଧକ ହୋଇ ନାହିଁ, ବରଂ ହୋଇଛି ପ୍ରଗତିର ପ୍ରଧାନ ସହାୟକ । ଦୋଷ ହେଉଛି ମଣିଷର । ସେ ଇଚ୍ଛା କଲେ ପରମାଣୁ ଶକ୍ତିକୁ କାଳକୂଟ ରୂପେ ବ୍ୟବହାର ନ କରି କାମଧେନୁ ରୂପେ ବ୍ୟବହାର କରି ପାରେ ।

ମାନବ-ସମାଜ ଓ ସଭ୍ୟତା ଯେପରି ପ୍ରଗତିମୁଖୀ, ତା'ର ସାହିତ୍ୟ ସେହିପରି ପ୍ରଗତିଧର୍ମୀ ! ମାନବ-ସଭ୍ୟତା ସହିତ ସମତାଳରେ ଏହା ଅନୁଗତି କରେ । ପୃଥିବୀର ପ୍ରାଚୀନ ସାହିତ୍ୟରେ ଆମେ ଦେଖିବାକୁ ପାଉଁ ସାଧାରଣତଃ ରାଜା ଓ ବୀରମାନଙ୍କର ଯଶୋଗାନ, କିମ୍ବା ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ ପ୍ରଭୃତି ବିଭିନ୍ନ ପ୍ରାକୃତିକ ବସ୍ତୁର ବନ୍ଦନା

ମନେ କରି ସେମାନଙ୍କର ସ୍ତୁତି ବନ୍ଦନା । ଗ୍ରୀସ୍‌ର ଇଲିଅଡ୍, ଓଡେସି ଏବଂ ଭାରତର ବେଦ, ରାମାୟଣ, ମହାଭାରତ ଏହାର ଉଦାହରଣ । ଏହା ପର ଯୁଗ ସାହିତ୍ୟରେ ଦୁଇଟି ମୁଖ୍ୟ ଧାରାର ପରିଚୟ ମିଳେ —ଧର୍ମଧାରା ଓ ପ୍ରେମଧାରା । ଇଉରୋପର ଦାନ୍ତେ, ସେକ୍‌ସପିଅର, ମିଲ୍‌ଟନ୍ ଏବଂ ଭାରତର ନାନା ପୁରାଣ, କାଳିଦାସ, ଶ୍ରୀହର୍ଷ ପ୍ରଭୃତିଙ୍କ ରଚନା ଭିତରେ ଏ ଦୁଇଟି ଧାରା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି । ତଥାପି ଏ ଯୁଗର ସାହିତ୍ୟରେ ସ୍ଥାନେ ସ୍ଥାନେ ଆମେ ଜନସାଧାରଣଙ୍କ ସୁଖ, ଦୁଃଖ, ସାମାଜିକ ଓ ରାଷ୍ଟ୍ରୀୟ ଅବସ୍ଥାର ଚିତ୍ର ପାଉଁ । ସେକ୍‌ସପିଅରଙ୍କ 'ମାରଚେଣ୍ଟ୍ ଅଫ୍ ଭେନିସ୍', 'ଜୁଲିଅସ୍ ସିଜର' ପ୍ରଭୃତି ନାଟକରେ ତତ୍‌କାଳୀନ ସମାଜର ଶ୍ରେଣୀ-ସଂଘର୍ଷର ଚିତ୍ର ମିଳେ । ସେକ୍‌ସପିଅରଙ୍କର ପ୍ରାୟ ସମସାମୟିକ ଓଡ଼ିଆ ସାହିତ୍ୟରେ ସାରଳା ଦାସ ଓ ବଳରାମ ଦାସ ପ୍ରଭୃତିଙ୍କ ରଚନାରେ କେତେକ ସ୍ଥଳରେ ଏହି ବାସ୍ତବମୁଖୀ ଦୃଷ୍ଟି-କୋଣର ପରିଚୟ ମିଳେ । ମୋଟାମୋଟି ମାନବ ସଭ୍ୟତାର ପ୍ରାଚୀନ ସାହିତ୍ୟଠାରୁ ଏଇ ସୌଦାଗରୀ ସଭ୍ୟତାର ସାହିତ୍ୟ ଯେ ପ୍ରଗତିମୁଖୀ—ଏଥିରେ ସନ୍ଦେହ ନାହିଁ । ଏହା ପର ଯୁଗରେ ମାନବ-ସମାଜ ଯେତେବେଳେ ସୌଦାଗରୀ ସଭ୍ୟତାରୁ ଆସି ପୁଞ୍ଜିବାଦୀ ସଭ୍ୟତା ଭିତରେ ପହଞ୍ଚେ, ସେତେବେଳେ ତା'ର ସାହିତ୍ୟ ଭିନ୍ନ ଗତି ଧାରଣ କରେ । ବିଲାତର ଯାନ୍ତ୍ରିକ ବିପ୍ଳବ ଓ ଫରାସୀର ରାଷ୍ଟ୍ର ବିପ୍ଳବ ପରେ ଏ ସାହିତ୍ୟର ହୁଏ ଅଭ୍ୟୁଦୟ ଏବଂ ଭାରତରେ କାଣ୍ଟିଙ୍ଗ୍ ପରେ ଅର୍ଥାତ୍ ଇଂରେଜୀ ଶାସନରେ ଏଇ ସାହିତ୍ୟିକ ଯୁଗର ଆରମ୍ଭ । ଏ ଯୁଗରେ ପୁଞ୍ଜିବାଦୀ ସଭ୍ୟତା ସୌଦାଗରୀ ସଭ୍ୟତାର ଧ୍ୱଂସ-ସ୍ତୂପ ଉପରେ ନିଜକୁ ପ୍ରତିଷ୍ଠିତ କରିବାକୁ ଚାହିଁବାରୁ ପୁରାତନ ରୀତିନୀତି, ସଂସ୍କାର ବିରୁଦ୍ଧରେ ବିଦ୍ରୋହ ଦେଖାଦିଏ । ଏ ଯୁଗ ସାହିତ୍ୟରେ ଜାତୀୟବାଦ ଗୋଟିଏ

ବିଶିଷ୍ଟ ବିଭବ । ଫରାସୀ ସାହିତ୍ୟରେ ବଲଜାକ୍, ଭିକ୍ଟର୍ ହ୍ୟୁଗୋ ପ୍ରଭୃତି, ଇଂରାଜୀ ସାହିତ୍ୟରେ ଡିକେନ୍ସ୍, ଥ୍ୟାକରେ ଆଦି ଏବଂ ଭାରତୀୟ ସାହିତ୍ୟରେ ରବୀନ୍ଦ୍ରନାଥ ଏ ସାହିତ୍ୟର ପ୍ରଧାନ ସ୍ରଷ୍ଟା । ସୌଦାଗରୀ ସଭ୍ୟତାର ସାହିତ୍ୟଠାରୁ ଏ ସାହିତ୍ୟରେ ଜୀବନ, ସମାଜ ତଥା ପ୍ରକୃତିର ବାସ୍ତବ ଚିତ୍ର ସ୍ପଷ୍ଟତର । ତେଣୁ ପୂର୍ବତନ ସାହିତ୍ୟଠାରୁ ଏ ସାହିତ୍ୟ ପ୍ରଗତିମୁଖୀ । ପୁଣି ପୁଞ୍ଜିବାଦୀ ସଭ୍ୟତା ପରେ ପୃଥିବୀରେ ଆଜି ଯେଉଁ ଶ୍ରମଜୀବୀ ସଭ୍ୟତାର ଅଭ୍ୟୁଦୟ ହୋଇଛି ଏବଂ ହେଉଛି, ସେ ସଭ୍ୟତାର ସାହିତ୍ୟ ପୂର୍ବର ସମସ୍ତ ସାହିତ୍ୟଠାରୁ ଅଧିକ ପ୍ରଗତିଶୀଳ । ମୁଖ୍ୟତଃ ସୋଭିଏଟ୍ ରୁଷିଆ ଓ ନୂଆ ଚୀନରେ ଏ ସାହିତ୍ୟର ବିକାଶ ହୋଇଛି ।

ଉପରୋକ୍ତ ଆଲୋଚନାରୁ ଆମେ ଦେଖି ପାରିବା—ପ୍ରଗତି ସାହିତ୍ୟ ମଧ୍ୟ ବିକାଶ ପଥରେ ଚାଲିଛି, ଅର୍ଥାତ୍ ପ୍ରଗତି ସାହିତ୍ୟର ମଧ୍ୟ ପ୍ରଗତି ରହିଛି । ତେଣୁ ଗୋଟିଏ ଯୁଗର ପ୍ରଗତି ସାହିତ୍ୟଠାରୁ ଅନ୍ୟ ଏକ ଯୁଗର ପ୍ରଗତି ସାହିତ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଗୋଟିଏ ଉଦାହରଣ ଦିଆଯାଉ—ସାରଳାଦାସଙ୍କ ସମୟରେ ଦେଶରେ ରାଜତନ୍ତ୍ର ଶାସନ ଚାଲିଥିଲା । ସେତେବେଳେ ରାଷ୍ଟ୍ରୀୟ ବ୍ୟାପାରରେ ଏହି ରାଜା-ପ୍ରଜା—ଶାସକ-ଶାସିତର କଥା ହିଁ କବି ପକ୍ଷରେ ଥିଲା ପ୍ରଧାନ ବାସ୍ତବତା । ତେଣୁ ସାରଳାଦାସ ଏହି ବାସ୍ତବତା ଭିତରେ ଏକ ଉନ୍ନତ ରାଷ୍ଟ୍ରୀୟ ବ୍ୟବସ୍ଥାର ଚିତ୍ର ଦେଲେ —ଯୁଧିଷ୍ଠିରଙ୍କ ପ୍ରତି ଭୀଷ୍ମଙ୍କ ଉପଦେଶରେ: ପ୍ରଜାଙ୍କୁ ନ୍ୟାୟରେ ପାଳିବ, ସୁଖରେ ରଖିବ, ଧନ ସଞ୍ଚିବ ନାହିଁ, ଋଷିଙ୍କୁ ଅର୍ଥଦଣ୍ଡ ଦେବ ନାହିଁ, ପରଦାର, ପରଧନରେ ଲୋଭ କରିବ ନାହିଁ, ଇତ୍ୟାଦି, ଇତ୍ୟାଦି । କିନ୍ତୁ ଫକୀରମୋହନଙ୍କ ସମୟରେ ସେ ରାଷ୍ଟ୍ରୀୟ ଓ ସାମାଜିକ ବ୍ୟବସ୍ଥା ଆଉ ନାହିଁ । ରାଜତନ୍ତ୍ର ଶାସନ ଥିଲେ ବି ରାଜା ଓ ପ୍ରଜାଙ୍କର ପୂର୍ବରୁ

ଥିବା ଜନସ୍ତ ସମ୍ପର୍କ ଶିଥିଳୀକୃତ । ଶାସକ-ଶାସିତ ମଧ୍ୟରେ ତୃତୀୟ ପୁରୁଷ—ଜମିଦାର, ମଧ୍ୟସ୍ୱତ୍ୱାଧିକାରୀ, ପଣ୍ଡା, ପୁରୋହିତ ସାମାଜିକ ତଥା ରାଷ୍ଟ୍ରୀୟ ବ୍ୟବସ୍ଥାକୁ ନିୟନ୍ତ୍ରିତ କରୁଛନ୍ତି । ରାଷ୍ଟ୍ରୀୟ ବ୍ୟାପାରରେ ଫକୀରମୋହନଙ୍କ କାଳର ବାସ୍ତବତା ସାରଳାଦାସଙ୍କ କାଳର ବାସ୍ତବତାଠାରୁ ତଫାତ୍ । ତେଣୁ ଫକୀରମୋହନ ନିଜ ଯୁଗର ବାସ୍ତବତା ଭିତରେ ରାଜାଙ୍କର ପ୍ରଜାପାଳନ କଥା ନ କହି କହିଲେ —ଜମିଦାର ରାମଚନ୍ଦ୍ର ମଙ୍ଗରାଜ ଓ ନାଜର ନଂବର ଦାସଙ୍କ ଦାସ୍ୟକର ଲୋକ-ପ୍ରୀତି, ସମାଜ-ପ୍ରୀତି କଥା । କିନ୍ତୁ ସାରଳାଦାସ ଓ ଫକୀରମୋହନ ଉଭୟ ନିଜ ନିଜ ବାଟରେ ପ୍ରଗତି-ପନ୍ଥୀ । ସେହିପରି ବର୍ତ୍ତମାନରେ ଆଧୁନିକ ପ୍ରଗତି ସାହିତ୍ୟ ପୂର୍ବବର୍ତ୍ତୀ ପ୍ରଗତି ସାହିତ୍ୟଠାରୁ ତଫାତ୍ । ବର୍ତ୍ତମାନ ପ୍ରଗତି ସାହିତ୍ୟ ଏ ଯୁଗର ରାଷ୍ଟ୍ରୀୟ ଓ ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ମଥା ଟେକିଛି ଏବଂ ବର୍ତ୍ତମାନ କାଳର ନୂତନ ବାସ୍ତବତା ଉପରେ ଭିତ୍ତି କରି ଅଗ୍ରସର ହେଉଛି ।

ତା ହେଲେ ଏହି ପ୍ରଗତି ସାହିତ୍ୟର ସ୍ୱରୂପ କଣ ? ପ୍ରଥମ ଓ ପ୍ରଧାନ କଥା—ପ୍ରଗତି ସାହିତ୍ୟ ପଶ୍ଚାତ୍ ଗମନର ସାହିତ୍ୟ ନୁହେଁ, ଅଗ୍ରଗମନର ସାହିତ୍ୟ ଏବଂ ଏହାର ଅଗ୍ରଗମନ ସଦାବେଳେ ଉନ୍ନତି ଓ ମଙ୍ଗଳ ଦିଗରେ । ଆଲୁଅ ଓ ଅନ୍ଧାର ମିଶି ଗୋଟିଏ ପୂର୍ଣ୍ଣ ଦିବସ ହେଲା ପରି ମନିଷ ଜୀବନ ଉନ୍ନତି ଓ ଅଧଃପତନ ଏହି ଦୁଇଟି ଦିଗର ସମଷ୍ଟି । ଯେଉଁ ସାହିତ୍ୟ ମଣିଷକୁ ଅଧଃପତନ ଦିଗରୁ ସଦାବେଳେ ଉନ୍ନତି ଦିଗକୁ ଟାଣିନିଏ, ବ୍ୟାପକ ଅର୍ଥରେ ତାହାକୁ ହିଁ ପ୍ରଗତି ସାହିତ୍ୟ କୁହାଯାଏ । ମଣିଷ ବା ମଣିଷ ଜୀବନ ବୋଇଲେ ଖାଲି ଗୋଟାଏ ଏକକ ଶକ୍ତି ବା ସତ୍ତା ବୁଝାଏ ନାହିଁ, ଏହା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଅଛି ସମାଜ ଓ ରାଷ୍ଟ୍ର । ସମାଜର ଆର୍ଥିକ ଉତ୍ପାଦନ ବ୍ୟବସ୍ଥା ତଥା ରାଷ୍ଟ୍ରର ଶାସନ-ସଂସ୍ଥା ମଣିଷ ଜୀବନକୁ ପୂର୍ଣ୍ଣ ପ୍ରଭାବିତ

କରେ । ତେଣୁ ପ୍ରଗତି ସାହିତ୍ୟର ଉପଜୀବ୍ୟ କେବଳ ମଣିଷ ଜୀବନ ନୁହେଁ, ତା ସହିତ ତା'ର ସମାଜ ଓ ରାଷ୍ଟ୍ର ମଧ୍ୟ । କେତେକ ରକ୍ଷଣଶୀଳ ସାହିତ୍ୟ-ସମାଲୋଚକ ସାହିତ୍ୟରେ ଅର୍ଥନୀତି, ରାଜନୀତି ପ୍ରଭୃତିର ପ୍ରବେଶାଧିକାର ଦେଖି ସାରସ୍ୱତ ମନ୍ଦିର 'ମାରି ହୋଇଗଲା' 'ମାରି ହୋଇଗଲା' ବୋଲି ହୁରି ପକାନ୍ତି । କିନ୍ତୁ ସେହିମାନେ ଯାଇ ସାହିତ୍ୟ ସଭାରେ କଣ୍ଟ୍ରୋଲ ଉଠାଇବା କଥା, ମାର୍କିନ୍-ପାକିସ୍ଥାନ ସାମରିକ ସାହାଯ୍ୟ ଚୁକ୍ତି କଥା ପକାନ୍ତି । ଆଜି ସାହିତ୍ୟର ବଡ଼ କଥା ହେଉଛି—ସାମାଜିକ ବାସ୍ତବତା । ରାଜନୀତି ଏହି ସାମାଜିକ ବାସ୍ତବତାର ଅନ୍ୟତମ ଅଙ୍ଗ । ତେଣୁ ସାହିତ୍ୟରେ ରାଜନୀତିକୁ ସ୍ଥାନ ନ ଦେବା ମାନେ ଏହି ସାମାଜିକ ବାସ୍ତବତାକୁ ଅସ୍ୱୀକାର କରିବା । ସେହି କାରଣରୁ ଆଜିର ସାହିତ୍ୟ ସଭାରେ ସରସ୍ୱତୀଙ୍କ ପାଖେ ପାଖେ ଲକ୍ଷ୍ମୀ କିମ୍ବା ଦୁର୍ଗାଙ୍କର ଆରାଧନା କରାଯିବା ଅତି ସ୍ୱାଭାବିକ ।

ବାସ୍ତବତା ପ୍ରଗତି ସାହିତ୍ୟର ଏକ ବିଶିଷ୍ଟ ଲକ୍ଷଣ । ଜୀବନ, ସମାଜ ତଥା ରାଷ୍ଟ୍ରପ୍ରତି ସଦାବେଳେ ବାସ୍ତବବାଦୀ ଦୃଷ୍ଟିକୋଣ ପ୍ରଗତି ସାହିତ୍ୟରେ ମିଳିଥାଏ । ନିରର୍ଥକ ସ୍ୱପ୍ନ-ବିଳାସ, ଅପାର କଳ୍ପନା-ପ୍ରବଣତାର ସ୍ଥାନ ଏଥିରେ ନାହିଁ । ତଥାପି ପ୍ରଗତିଶୀଳ ସାହିତ୍ୟିକ ଯେ ସ୍ୱପ୍ନ ନ ଦେଖେ—କଳ୍ପନା ନ କରେ, ତା ନୁହେଁ । ତା'ର ସ୍ୱପ୍ନ ବଗୁରହିଙ୍କ ସ୍ୱପ୍ନ, କଳ୍ପନା ବୁଦ୍ଧିମାନ୍‌ର କଳ୍ପନା । ଶିଶୁକୁ ପରି ସେ ଶୂନ୍ୟରେ ସ୍ୱର୍ଗ ରଚନା ନ କରି ଏଇ ମାଟିର ଧରଣୀ ଉପରେ ଗଢ଼େ ନିଜ ନନ୍ଦନ ।

ହାୱାର୍ଡ ଫାଷ୍ଟ ପଚାରିଛନ୍ତି—ଆଜିର ଲେଖକଠାରୁ ଆମେ କଣ ଚାହୁଁ ? ପ୍ରକୃତରେ ଆମେ ଆଜି ଲେଖକଠାରୁ କିଛି ଚାହୁଁନା । ବରଂ ତା'ର ନିଜ ହୃଦୟ, ନିଜର ମନୁଷ୍ୟତ୍ୱ ତାଠାରୁ ଦାବୀ କରେ

ନିଜପ୍ରତି ବିଶ୍ବସ୍ତ ହୁଅ—"To thine own self be true !" ଲେଖକ ଆଜି ନିଜର ଗୃହ ଦିଗରେ ସମାଜକୁ ଯେପରି ଦେଖୁଛନ୍ତି ଓ ସମାଜର ସଂଘର୍ଷ-ସମସ୍ୟାକୁ ଯେପରି ଭାବେ ଅନୁଭବ କରୁଛନ୍ତି, ତା'ର ବାସ୍ତବ ଚିତ୍ର ସାହିତ୍ୟରେ ପରିସ୍ଫୁଟ ନ କଲେ, ସେ ନିଜପ୍ରତି ନ୍ୟାୟ ବିଚାର କରିବ କିପରି ! ଦିନେ ସମାଜର ସାମନ୍ତବାଦୀ, ସୌଦାଗରୀ ସଭ୍ୟତାର ନିପୀଡ଼ନରୁ ମନିଷ ଜାତିକୁ ଉଦ୍ଧାର କରିବାପାଇଁ ପ୍ରଗତିବାଦୀ ରୁଷୋ, ଭଲଟେୟାର୍ ମୁକ୍ତି, ସାମ୍ୟ ଓ ବନ୍ଧୁତ୍ବର ଆହ୍ବାନ ଦେଇଥିଲେ । ଫଳରେ ଫ୍ରାନ୍ସ-ରେ ହେଲା ରକ୍ତ ବିପ୍ଳବ ଏବଂ ଏହି ବିପ୍ଳବ ପରେ ପରେ ସୌଦା-ଗରୀ ସଭ୍ୟତାର ଧ୍ବଂସ ସ୍ତୂପ ଉପରେ ମଥା ଟେକିଲା—ଏକ ବିଶ୍ବବ୍ୟାପୀ ବୁର୍ଜୋୟା ସଭ୍ୟତା । ଏହି ସଭ୍ୟତାର ନାନା କୁଫଳ ଆମେ ବର୍ତ୍ତମାନ ଅଙ୍ଗେ ନିଭାଉଛୁଁ । ଆଜି ଆମ ସମାଜର ବିଶ୍ଳେଷଣ ଲେଖକ ସ୍ପଷ୍ଟ ଦେଖି ପାରୁଛନ୍ତି—ତା'ର ସମାଜ ଶ୍ରେଣୀ-ବିଭାଗ ଓ ଶ୍ରେଣୀ ସଂଘର୍ଷରେ ପରିପୂର୍ଣ୍ଣ । ଗୋଟିଏ ଦଳ ଦେଶର ଧନ ଉତ୍ପାଦନକୁ ଏକମୁଠିଆ କରି ଜମାଇ ରଖିଛନ୍ତି—ଅଗାଧ ପୁଞ୍ଜି ଏବଂ ଆଉ ଗୋଟିଏ ଦଳ ଶରୀରର ସମସ୍ତ ଶ୍ରମ ବଦଳରେ ମଧ୍ୟ ନିୟମିତ ଗ୍ରାସାଚ୍ଛାଦନର ବ୍ୟବସ୍ଥା କରି ପାରୁ ନାହିଁ । ଦୁଃଖ, ଦାରିଦ୍ର୍ୟ, ଶୋଷଣ, ଅତ୍ୟାଚାର ସମାଜର ଶିରେ ଶିରେ ବିଷ ସଞ୍ଚାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ; ମାନବିକତାର ନୈତିକ ମାନ ଖସି ଖସି ଯାଉଛି ତଳକୁ । ଏପରି ପରିସ୍ଥିତିରେ ଆଜିର ଲେଖକ କଣ ଆଖି ମୁଦି ସ୍ଥିର ହୋଇ ରହି ପାରେ ? ସେ ଚାହେଁ—ସମାଜରେ ପ୍ରତିଷ୍ଠା କରିବ ସାମ୍ୟବାଦ, ପ୍ରତିଷ୍ଠା କରିବ ଗୋଟିଏ ଶ୍ରେଣୀହୀନ ରାଜ୍ୟ । ଯେଉଁଠି ପ୍ରତ୍ୟେକ ଲୋକ ଶକ୍ତି ଅନୁଯାୟୀ ଖଟିବ, ଦରକାର ଅନୁଯାୟୀ ଖାଇବ । ସମାଜର ନୈତିକ ମାନ ଉଠିବ ଊର୍ଦ୍ଧ୍ବକୁ । ପରିବାର ହେବ ଏକ ପବିତ୍ର

"ଅନୁଷ୍ଠାନ । ନାରୀର ମୌଳିକ ଅଧିକାର ରହିବ ଅକ୍ଷୁର୍ଣ୍ଣ । ନାରୀପାଇଁ ରହିବ ନାହିଁ—'Red Light District' କିମ୍ବା 'Yellow Card System' । ଯେଉଁଠି ଶିଶୁପାଇଁ ରହିବ ଉଚ୍ଚ ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସ୍ଥା । ମଣିଷ ଜୀବନ ତା'ର ସମସ୍ତ ଶକ୍ତି, ସାମର୍ଥ୍ୟ ସହ ହେବ ଉନ୍ନତିଶୀଳ । ଆଜିର ପ୍ରଗତିଶୀଳ ଲେଖକ ବର୍ତ୍ତମାନ ସାମାଜିକ ଜୀବନର ବାସ୍ତବ ଚିତ୍ର ଅଙ୍କିବା ସଙ୍ଗେ ସଙ୍ଗେ ଆଶା ଭରେ ଏହି ମହନୀୟ ଜୀବନର, ବିଶ୍ୱାସ ରଖେ ଏହି ଉଜ୍ଜ୍ୱଳ ଭବିଷ୍ୟତ୍‌ର । ମଣିଷ ଜୀବନର ଶକ୍ତି ଓ ଉନ୍ନତି ଉପରେ ତା'ର ପୂର୍ଣ୍ଣ ବିଶ୍ୱାସ ! ତେଣୁ ଟି: ଏସ: ଇଲିୟଟ୍‌ଙ୍କ ପରି ନିଜକୁ 'Hollow man' ବା 'ନକଲି ମଣିଷ' ବୋଲି କହି ସେ କେବେ ନିଜକୁ ଧିକ୍କାର କରେନା । ଆଜିର ଜୀବନ ଓ ସମାଜର ଦୋଷ ଦୁର୍ବଳତାପ୍ରତି ସେ ସଦାବେଳେ ସଚେତନ ରହି ତାର ଭିତରେ ଉନ୍ନତିଶୀଳ ହେବାର ଆଶା ରଖେ । ତା'ର ପୂର୍ଣ୍ଣ ବିଶ୍ୱାସ—ଜୀବନରେ ମଣିଷ ସର୍ବାଙ୍ଗୀନ ଉନ୍ନତି ହାସଲ କରିପାରେ । ସେଥିପାଇଁ କେବଳ ଗୋଟାଏ ବିପ୍ଳବ-ସିଦ୍ଧ ପନ୍ଥା ଆବଶ୍ୟକ । ତେଣୁ ମଣିଷ ସମାଜର ଉଜ୍ଜ୍ୱଳ ଭବିଷ୍ୟତ୍ ଉପରୁ ସେ କଦାପି ଆସ୍ଥା ହରାଏ ନାହିଁ ।

ବର୍ତ୍ତମାନ ଜୀବନର ଉନ୍ନତି ଉପରେ ଦୃଢ଼ ବିଶ୍ୱାସ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ୍ ବିଷୟରେ ପୂର୍ଣ୍ଣ ଆଶା—ମୋଟାମୋଟି ଏହା ହିଁ ହେଉଛି ପ୍ରଗତି ସାହିତ୍ୟର 'ସାମ୍ୟବାଦୀ ବାସ୍ତବତା' । ଏହାରି ଯୋଗୁହିଁ ପ୍ରଗତି ସାହିତ୍ୟ, ଅନ୍ୟ ସମସ୍ତ ପ୍ରତିକ୍ରିୟାଶୀଳ ବାସ୍ତବ-ବାଦୀ ସାହିତ୍ୟଠାରୁ ତଫାତ୍ । ପ୍ରତିକ୍ରିୟାଶୀଳ ବାସ୍ତବବାଦୀ ଲେଖକ ଜୀବନ ଓ ସମାଜର ଅବିକଳ ଚିତ୍ର ଦିଏ ଏବଂ ଅନେକ ସ୍ଥଳରେ ବାସ୍ତବତା ନାମରେ ଯୌନ କୁପ୍ରବୃତ୍ତି, କୁସଂସ୍କାରର ଚିତ୍ର ମଧ୍ୟ ଆଙ୍କେ । ଏହାର ଏକ ଜ୍ୱଳନ୍ତ ଉଦାହରଣ—ଫରାସି ଲେଖକ

ହୋଇ । କିନ୍ତୁ ଭବିଷ୍ୟତ୍ ଜୀବନ ଓ ସମାଜର ଚିତ୍ର ଏପରି ଲେଖକ ସାଧାରଣତଃ ଦିଏ ନାହିଁ । ଯେଉଁଠି ଦିଏ, ସେଠାରେ ସେ ଚିତ୍ର ଅସାର, ଅବୈଜ୍ଞାନିକ 'ସ୍ୱର୍ଗ' 'ଝଗ୍ରେଲା' କଳ୍ପନା ପରି ନିରର୍ଥକ ହୁଏ । କିନ୍ତୁ ସାମ୍ୟବାଦୀ ବାସ୍ତବତା ଉପରେ ପ୍ରତିଷ୍ଠିତ ବର୍ତ୍ତମାନ ପ୍ରଗତି ସାହିତ୍ୟ ଚିତ୍ର ଦିଏ—ଏକ ବସ୍ତୁରସିଦ୍ଧ ବୈଜ୍ଞାନିକ ଭବିଷ୍ୟତର । ସେ ଭବିଷ୍ୟତ୍ ଏଇ ମାଟିର ପୃଥିବୀରେ ଏବଂ ଏଇ ମଣିଷ ଶକ୍ତି ପକ୍ଷରେ ହିଁ ସମ୍ଭବ । ଭାଗ୍ୟ କିବା ଭଗବାନ ପରି କୌଣସି ଅଦୃଶ୍ୟ, ଅବୋଧ୍ୟ ଶକ୍ତି ନିରର୍ଥକ ।

ବର୍ତ୍ତମାନ ଓ ଭବିଷ୍ୟତ୍ ଉପରେ ପ୍ରଗତି ସାହିତ୍ୟ ଅଧିକ ଲକ୍ଷ୍ୟ ଦେଲେ ହେଁ, ଅତୀତର ଜାତୀୟ ସାହିତ୍ୟ-ସଂସ୍କୃତିକୁ ଏହା ସଂପୂର୍ଣ୍ଣ ଅବହେଳା କରେନା । ସେଥିରେ ଥିବା ବର୍ତ୍ତମାନପାଇଁ ଉପଯୋଗୀ ଚିନ୍ତାଧାରା ପ୍ରଗତି ସାହିତ୍ୟ ଗ୍ରହଣ କରେ । ତେଣୁ ସାରଳା ଦାସ, ତୁଳସୀ ଦାସ, ଚଣ୍ଡୀ ଦାସ ପ୍ରଭୃତି ଅନ୍ୟ ପ୍ରଗତିଶୀଳ ସାହିତ୍ୟରେ ଆଦୃତ ହୋଇଥାନ୍ତି ଏବଂ ସୋଭିଏତ୍, ଚୀନ ପ୍ରଭୃତି ପ୍ରଗତିଶୀଳ ସାହିତ୍ୟରେ ପ୍ରାଚୀନ ଲୋକଗୀତି, ଲୋକ-କାହାଣୀପାଇଁ ଯଥାଯୋଗ୍ୟ ସ୍ଥାନ ନିର୍ଦ୍ଦିଷ୍ଟ ଥାଏ ।

ଅନେକେ ମନେ କରନ୍ତି—ପ୍ରଗତି ସାହିତ୍ୟ କେବଳ ସମାଜର ଅର୍ଥନୈତିକ ସମସ୍ୟା ଓ ଶ୍ରମିକ ଆନ୍ଦୋଳନକୁ ମୂଳ କରି ସୃଷ୍ଟି ହୋଇଥାଏ । ଏହା ଗୋଟିଏ ଭ୍ରାନ୍ତ ଧାରଣା । ଜନସାଧାରଣଙ୍କ ଜୀବନର ପ୍ରେମ-ଘୃଣା, ଆନନ୍ଦ-ଦୁଃଖ, ହାସ-ଅଶ୍ରୁ ଯାହା କିଛି ଉଲ୍ଲେଖଯୋଗ୍ୟ ବିଷୟ, ତାହା ପ୍ରଗତି ସାହିତ୍ୟରେ ସ୍ଥାନ ପାଇଥାଏ । ସେଥିପାଇଁ ମୁଲ୍କ ରାଜ ଆନନ୍ଦଙ୍କର 'ଅଚ୍ଛୁତ', 'କୁଲି' ପ୍ରଭୃତି ଉପନ୍ୟାସରେ ଆମେ କେବଳ କୁଲି-ମେହେନ୍ତରଙ୍କର ଅର୍ଥନୈତିକ ଜୀବନର ଚିତ୍ର ପାଉନା, ପାଉଁ ମଧ୍ୟ ସେମାନଙ୍କର ସାମାଜିକ

ସାଂସ୍କୃତିକ ଜୀବନର ଚିତ୍ର—ସେମାନଙ୍କର ଗୃହଚଳନ, ଚିନ୍ତା, ସଂସ୍କାରର ଛବି । ତେଣୁ ପ୍ରଗତି ସାହିତ୍ୟ ଉଦର-ପୋଷଣ ଏବଂ ହୃଦୟ-ତୋଷଣ ଉଭୟ କାର୍ଯ୍ୟପାଇଁ ଉଦ୍ଦିଷ୍ଟ ।

ମୁଖ୍ୟତଃ ଉପରୋକ୍ତ ଜୀବନ-ବିଶ୍ଵାସ, ସମାଜ ସଚେତନତା ଓ ଭବିଷ୍ୟତ୍ ଆଶା ଦେଉଛନ୍ତି—ପ୍ରଗତି ସାହିତ୍ୟର କଞ୍ଚା ମାଲ । କିନ୍ତୁ ସାହିତ୍ୟରୁ କେହି କଞ୍ଚା ମାଲ ଗ୍ରହଣ କରନ୍ତି ନାହିଁ, ଗ୍ରହଣ କରନ୍ତି ତିଆରି ମାଲ । କେତେକ ସମାଲୋଚକ କହନ୍ତି - ପ୍ରଗତି ସାହିତ୍ୟରେ କଞ୍ଚା ମାଲ ତିଆରି ମାଲରେ ପରିଣତ ହୁଏନା । ଏ ଧାରଣା ଅମୂଳକ । ଫକୀର-ମୋହନ, ପ୍ରେମଚନ୍ଦ ଆଦିଙ୍କ ଉପନ୍ୟାସରେ, ଆରାଗଁ, ଏଲୁଆର୍ ପ୍ରଭୃତିଙ୍କ କବିତାରେ ଯେ କେହି ଏ ମତର ବ୍ୟତିକ୍ରମ ଲକ୍ଷ୍ୟ କରି ପାରିବେ । ପ୍ରଗତିଶୀଳ ଲେଖକ ସାହିତ୍ୟର ଏହି କଞ୍ଚାମାଲକୁ ତିଆରି ମାଲରେ ପରିଣତ କରିବାପାଇଁ ଗୋଟିଏ ସୁପ୍ରୟୋଗଯୋଗୀ, ଜନପ୍ରିୟ ଓ ଶିଳ୍ପୀ-ସୁଲଭ ଅଙ୍ଗିକ (Form) ଗ୍ରହଣ କରେ । କିନ୍ତୁ ସେହି ଅଙ୍ଗିକକୁ ସାହିତ୍ୟର ବିଷୟବସ୍ତୁ(Contents)ଠାରୁ ସେ କଦାପି ଉଚ୍ଚ ସ୍ଥାନ ଦିଏନା । ତେଣୁ ପ୍ରଗତି ସାହିତ୍ୟରେ ଅଙ୍ଗିକ ଗୌଣ, ବିଷୟବସ୍ତୁ ମୁଖ୍ୟ । ପ୍ରଗତିଶୀଳ ଲେଖକ ତା'ର ସାହିତ୍ୟ ସୃଷ୍ଟିରେ ବାସ୍ତବତାର ଚିତ୍ର ଆଙ୍କେ ସତ୍ୟ, କିନ୍ତୁ ସେ ଚିତ୍ର ଖାଲି ନିଛକ ଫଟୋଗ୍ରାଫି ନୁହେଁ । ତହିଁରେ ଶିଳ୍ପୀ ତୁଳିକାର ପରଶ ଟିକିଏ ଲାଗିଥାଏ ଏବଂ ଏହି ପରଶଟି ତା ସାହିତ୍ୟର କଞ୍ଚା ମାଲକୁ ପରିଣତ କରେ ତିଆରି ମାଲରେ ।

ପ୍ରଗତିଶୀଳ ଲେଖକ ଦେଖେ—ପୂର୍ବପରି ତା'ର ସାହିତ୍ୟ ସୃଷ୍ଟି ଆଜି କେବଳ ଗୋଟିଏ ବିଶିଷ୍ଟ ଗୋଷ୍ଠୀ ବା ଦଳପାଇଁ ଉଦ୍ଦିଷ୍ଟ ନୁହେଁ । ଆଜି ତା'ର ପାଠକ ଅଗଣିତ ଜନସାଧାରଣ । ସମାଜର ମୁକ୍ତ ବିହଙ୍ଗ ଉପରେ ଆଜି ଯେତେବେଳେ ସେ ଗୁରୁତ୍ୱ ଦେଉଛି, ତା'ର

କଣ୍ଠସ୍ୱର ସମସ୍ତଙ୍କର ଶ୍ରାବ୍ୟ ଓ ବୋଧ ହେବା ଉଚିତ । ତେଣୁ ସେ ଲେଖେ ଜନସାଧାରଣଙ୍କ ଭାଷାରେ ଏବଂ ଜନସାଧାରଣଙ୍କ ପରି ସରଳ ସୁନ୍ଦର ଭାବରେ । ପ୍ରକାଶ-ଭଙ୍ଗୀରେ ଛଳନା କିମ୍ବା ଅସ୍ପଷ୍ଟତାର ସେ ବିରୋଧୀ ।

ସାମାଜିକ ଓ ଜାତୀୟ ଜୀବନ ଗଠନରେ ପ୍ରଗତି ସାହିତ୍ୟ ପ୍ରତ୍ୟେକ ଯୁଗରେ ଅଂଶ ଗ୍ରହଣ କରିଛି । 'କଳା ପାଇଁ କଳାର ସାଧନା' କେବେ ଏହାର ଲକ୍ଷ୍ୟ ହୋଇ ନାହିଁ । ତେଣୁ ବିପକ୍ଷବାଦୀମାନେ ଏହାକୁ ଉଦ୍ଦେଶ୍ୟମୂଳକ, ପ୍ରଚାରପୂର୍ଣ୍ଣ ବୋଲି ସମାଲୋଚନା କରନ୍ତି । କିନ୍ତୁ ଠିକ୍ ଭାବରେ ଦେଖିଲେ ଜଣାପିବ—ସାହିତ୍ୟ କିମ୍ବା କଳା କେଉଁଠି ଉଦ୍ଦେଶ୍ୟ-ମୂଳକ ନୁହେଁ ? ଲେଖକ ବା ଶିଳ୍ପୀ ନିଜର ଭାବ, ଅନୁଭୂତି, ଅଭିଜ୍ଞତା, ମତବାଦ ସାହିତ୍ୟ-ଶିଳ୍ପ ଭିତରେଇ ପ୍ରକାଶ କରିଥାଏ । ତେଣୁ ଯେଉଁ ଶିଳ୍ପୀମାନେ 'କଳାପାଇଁ କଳାର ସାଧନା' କରନ୍ତି, ସେମାନଙ୍କ ସୃଷ୍ଟିରେ ମଧ୍ୟ ପ୍ରତ୍ୟକ୍ଷରେ ନ ହେଲେ ପରୋକ୍ଷରେ କୌଣସି ନା କୌଣସି ଉଦ୍ଦେଶ୍ୟ ନିହିତ ଥାଏ । ଭାରତର ବେଦ, ଗ୍ରୀସର ଇଲିଅଡ୍, ଓଡେସି, ଇଂରେଜୀରେ ସେକ୍ସପିଅରଙ୍କ ନାଟକ —ଏ ସବୁ କଣ ଉଦ୍ଦେଶ୍ୟହୀନ ? ଉଦ୍ଦେଶ୍ୟ ବିନା ସୃଷ୍ଟି ଅସମ୍ଭବ । ତେଣୁ ପ୍ରଗତି ସାହିତ୍ୟ ଉଦ୍ଦେଶ୍ୟମୂଳକ ହେଲେ, ସାରସ୍ୱତ ପୀଠ କେବେ ଅପବିତ୍ର ହୋଇପିବ ନାହିଁ । ଏକ ମହତ୍ ଉଦ୍ଦେଶ୍ୟ ଆଗରେ ଥୋଇ ପ୍ରଗତି ସାହିତ୍ୟ ସଦାବେଳେ ଗତି କରୁଥିବାରୁ ଏହାର ଐତିହାସିକ ଆବଶ୍ୟକତା ରହିଛି ଏବଂ ବର୍ତ୍ତମାନ ଏହି ଆବଶ୍ୟକତା ମଧ୍ୟ ଉପଲବ୍ଧ ହେଉଛି । ତେଣୁ ପୃଥିବୀର ପ୍ରାୟ ପ୍ରତ୍ୟେକ ଜାତୀୟ ସାହିତ୍ୟରେ ପ୍ରଗତି-ଧାରା ପ୍ରଧାନ ଓ ପ୍ରଭାବଶାଳୀ ହୋଇ ଉଠିଛି ।

ବର୍ତ୍ତମାନ ଉପସଂହାରରେ ମୋର ବକ୍ତବ୍ୟର ସାର କଥାଟିକୁ କହି ଦେଉଁ:—ସନାତନପନ୍ଥୀ ସମାଲୋଚକମାନଙ୍କ ମତରେ ସାହିତ୍ୟ-ସମ୍ପଦ ଶାଶ୍ୱତ, ସନାତନ। ତଥାପି ସାହିତ୍ୟ ପରିବର୍ତ୍ତନଶୀଳ ଏବଂ ପ୍ରତ୍ୟେକ ଯୁଗରେ ଏହାର ସ୍ୱରୂପ ଓ ମୂଲ୍ୟବୋଧର ପରିବର୍ତ୍ତନ ହେଉଥାଏ। ସାହିତ୍ୟର ଏ କ୍ରମପରିବର୍ତ୍ତନ ଦେବଦା ପ୍ରଗତିମୁଖୀ। କାରଣ ମଣିଷ ସଭ୍ୟତା ପ୍ରଗତିମୁଖୀ ହୋଇଥିବାରୁ ତା'ର ସାହିତ୍ୟ ମଧ୍ୟ ସେହି ପନ୍ଥା ଅନୁସରଣ କରେ। ପ୍ରଗତି ସାହିତ୍ୟରେ ମଧ୍ୟ ପ୍ରଗତି ରହିଛି। ସମାଜର ଗୋଟିଏ ଯୁଗର ବାସ୍ତବତା ଅନ୍ୟ ଯୁଗର ବାସ୍ତବତାଠାରୁ ପୃଥକ୍ ହୋଇଥିବାରୁ ସାହିତ୍ୟରେ ମଧ୍ୟ ଗୋଟିଏ ଯୁଗର ପ୍ରଗତି ଧାରା ଅନ୍ୟ ଯୁଗର ପ୍ରଗତି-ଧାରାଠାରୁ ଅଲଗା। ପ୍ରଗତି ସାହିତ୍ୟ ଜୀବନ ଓ ଅଗ୍ରଗମନର ସାହିତ୍ୟ। ଜୀବନମୁଖୀନତା, ସମାଜ ସଚେତନତା ଓ ରାଷ୍ଟ୍ରୀୟ ଚେତନା ଏହାର ପ୍ରଧାନ ଉପଜୀବ୍ୟ। ତେଣୁ ଏହା ବାସ୍ତବବାଦୀ ସାହିତ୍ୟ। କିନ୍ତୁ ଏହା ବର୍ତ୍ତମାନ ଜୀବନର ସାମର୍ଥ୍ୟ ଓ ସମ୍ଭାବନା ଉପରେ ଦୃଢ଼ ବିଶ୍ୱାସ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତର ବସ୍ତୁବାଦୀ ବୈଜ୍ଞାନିକ କଳ୍ପନା ପୋଷଣ କରୁଥିବାରୁ ଏହାର ବାସ୍ତବତା ସାମ୍ୟବାଦୀ ବାସ୍ତବତା। ପ୍ରଗତି ସାହିତ୍ୟ ଅତୀତର ଜାତୀୟ ସାହିତ୍ୟ ସଂସ୍କୃତିକୁ ସମ୍ପୂର୍ଣ୍ଣ ଅବହେଳା କରେନା ଏବଂ ଜୀବନର ଅର୍ଥନୈତିକ ଦିଗ ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ମାନବିକ ଓ ସାଂସ୍କୃତିକ ଦିଗ ଉପରେ ଆଲୋକପାତ କରେ। ଏହା ଏକ ଉପଯୋଗୀ, କଳାତ୍ମକ ଓ ଶିଳ୍ପୀସୁଲଭ ଆଙ୍ଗିକ ଗ୍ରହଣ କରେ ଏବଂ ବିଷୟବସ୍ତୁଠାରୁ ଆଙ୍ଗିକକୁ କେବେ ଉଚ୍ଚ ସ୍ଥାନ ଦିଏନା। ଏହାର ଭାଷା ଜନସାଧାରଣଙ୍କ ଭାଷା ଏବଂ ପ୍ରକାଶ-ଭଙ୍ଗୀ ସରଳ, ସୁବୋଧ। ସର୍ବୋପରି ପ୍ରଗତି ସାହିତ୍ୟ ଗୋଟିଏ ମହତ୍ ଲକ୍ଷ୍ୟ ଦିଗରେ ଦୃଷ୍ଟି ରଖେ। ତେଣୁ 'କଳା

ପାଇଁ କଳାର ସାଧନା' ମାତ୍ର ଏହା ବିରୋଧୀ । ଏହା ସାମାଜିକ ଓ ଜାତୀୟ ଜୀବନ ଗଠନରେ ପ୍ରଧାନ ଅଂଶ ଗ୍ରହଣ କରେ । ତେଣୁ ପ୍ରତ୍ୟେକ ଦେଶପାଇଁ ଏହାର ଐତିହାସିକ ଆବଶ୍ୟକତା ରହିଛି । *

ଶାନ୍ତିନିକେତନ—୧୯୫୪

* ପ୍ରବନ୍ଧଟି ଲେଖିବାରେ ନିମ୍ନଲିଖିତ ପୁସ୍ତକ ଓ ପତ୍ରିକାମାନଙ୍କର ସାହାଯ୍ୟ ନିଆଯାଇଛି :—

୧ । ପ୍ରବନ୍ଧ—ଡକ୍ଟର ରଘୁନାଥ ରଥ

୨ । ସାହିତ୍ୟ ପ୍ରବନ୍ଧ—ଡକ୍ଟର ସୁରେନ୍ଦ୍ରନାଥ ଦତ୍ତ

୩ । Literature and Reality—Howard Fast.

୪ । Indian Literature—No. 2 of 1952.

No. 2, of 1953.

# ସାହିତ୍ୟର ଦୁରବସ୍ଥା

ଭାରତ ଇତିହାସରେ ଖାମ୍‌ଖିଆଲି ସମ୍ରାଟ ଔରଙ୍ଗଜେବ ଥରେ ସଙ୍ଗୀତକୁ କବର ଦେଇଥିଲେ ବୋଲି କଥିତ ହୁଏ । ସେ ତ କେବେକାର କଥା ! ଏବେ ଆମରି ଆଖି ଆଗରେ ସାହିତ୍ୟକୁ କବର ଦିଆଯାଉଛି । କେବଳ ଭାରତରେ ନୁହେଁ, ଆଜି ପୃଥିବୀର ପ୍ରତ୍ୟେକ ଦେଶରେ ଧୀରେ ଧୀରେ ସାହିତ୍ୟର କବର ପ୍ରସ୍ତୁତ ହେଉଛି ବୋଲି ଶୁଣିବାକୁ ମିଳେ । ପ୍ରଳୟଙ୍କରୀ ଦ୍ୱିତୀୟ ମହାଯୁଦ୍ଧ ପରେ ସମୁଦାୟ ଇଉରୋପ ଓ ଆମେରିକାରେ ଧ୍ୱନି ଉଠୁଛି—"Now is not the time for literature." "Modern literature is threatened with nothing less than death." ଇତ୍ୟାଦି । ଏପରିକି ବର୍ତ୍ତମାନ ସୋଭିଏଟ୍ ସାହିତ୍ୟର ମଧ୍ୟ ସେହି ଅବସ୍ଥା । କିଛି ଦିନ ତଳେ ବିଖ୍ୟାତ ସୋଭିଏଟ୍ ସାହିତ୍ୟିକ ଇଲ୍ୟା ଇରେନ୍‌ବର୍ଗ୍ ନିଜର 'The Writer and His Craft' ପୁସ୍ତିକାରେ ସ୍ପଷ୍ଟ ପ୍ରକାଶ କରିଛନ୍ତି—ସାମ୍ପ୍ରତିକ ସୋଭିଏଟ୍ ସାହିତ୍ୟର ମାନ ଅତି ତଳେ । ପୁଣି ଗତ ୧୯୫୪ ମସିହା ଡିସେମ୍ବର ମାସରେ ମସ୍କୋଠାରେ ଅନୁଷ୍ଠିତ 'ନିଖିଳ ସୋଭିଏଟ୍ ଲେଖକ ସଙ୍ଘ' ସର୍ବ ପ୍ରଥମରେ ଘୋଷଣା କରିଛନ୍ତି—"The lofty mission of our literature is still far from having been adequately accomplished." ଏତେ ଦୂରକୁ ଯିବା ଲୋଡ଼ା ନାହିଁ । ଏଇ ଆମ ଓଡ଼ିଆ ସାହିତ୍ୟ କଥା ଦେଖାଯାଉ । ଲେଖକେ ଦାପୁଡ଼ା

ଆମ ସମାଜରେ ଯେପରି ଏକ ଉପେକ୍ଷଣୀୟ ଜୀବ ! ଦୁରବସ୍ଥା ମଧ୍ୟରେ ଯାହା ସେ ସୃଷ୍ଟି କରେ, ତାହାର ଉଚିତ ମୂଲ୍ୟ ସେ ପାଏ ନା । ଖୁବ୍ ଭଲ ଭଲ ସାହିତ୍ୟ-ଗ୍ରନ୍ଥ ମଧ୍ୟ ପୁସ୍ତକ ଦୋକାନରେ ପଡ଼ି ପଡ଼ି ନଷ୍ଟ ହୁଏ । ଆଉ ଆମ ପାଠକ ସମାଜ—ଅତି ସୀମାବଦ୍ଧ ହେଲେ ବି—ଓଡ଼ିଆ ସାହିତ୍ୟ ପ୍ରତି ସେତେ ଶ୍ରଦ୍ଧାଶୀଳ ନୁହନ୍ତି । ଏଥିରେ ଓଡ଼ିଆ ସାହିତ୍ୟର ଭବିଷ୍ୟତ୍ ଯେ କଣ ହେବ, ତାହା ସହଜରେ ଅନୁମେୟ । ପ୍ରକୃତରେ ସଂପ୍ରତି ସମଗ୍ର ବିଶ୍ୱ ସାହିତ୍ୟରେ ଏକ ଅଧଃପତନର ଯୁଗ ଦେଖା ଦେଇଛି । ଆଧୁନିକ ଲେଖକ ଅବହେଳିତ—ନାନା ଅଭାବ ଅସୁବିଧାରେ ନିପୀଡ଼ିତ । ଲେଖା ତାହାର ଆଜି ଜଇତକୋଠୀର ହେଉ ନାହିଁ । ଜନସାଧାରଣ ବର୍ତ୍ତମାନ ସାହିତ୍ୟ ପ୍ରତି ବୀତସ୍ପୃହ । ଏହି ସେଦିନ ସାହିତ୍ୟିକ ଜେ. ବି. ପ୍ରୀଷ୍ଟଲି କ୍ଷୋଭ ପ୍ରକାଶ କରି କହିଛନ୍ତି—"ପୂର୍ବପରି ଲୋକେ ଆଉ ସାହିତ୍ୟିକଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେଖାଉ ନାହାନ୍ତି ।" ସତ କଥା, ଏ ଯୁଗରେ ରାଜନୀତିଜ୍ଞ ନେତା, ଶାସକ ପ୍ରଭୃତି ସାର୍ବଙ୍କ ସମ୍ମାନର ଅଧିକାରୀ । ସେ 'ନବରତ୍ନ'ଙ୍କ ଯୁଗ ଆଉ ନାହିଁ—ଯେତେବେଳେ ମୁକ୍ତ ରାଜସଭାରେ ନିଜେ ରାଜା ମଧ୍ୟ କବି କାଳିଦାସଙ୍କ ନିକଟରେ ପରାଜିତ ବା ଉପହସିତ ହେବାକୁ ଅଗୌରବ ମଣୁ ନ ଥିଲେ । ସାହିତ୍ୟିକମାନଙ୍କର ଆତ୍ମବିଶ୍ୱାସ ବି ଆଜି କମି ଯାଇଛି । ଦିନେ କବି ନିଜକୁ "unacknowledged legislators of the world" ବୋଲି କହିବାକୁ କୁଣ୍ଠାବୋଧ କରୁ ନ ଥିଲେ । କିନ୍ତୁ ଆଜିର କବି ଆତ୍ମ-ବିଶ୍ୱାସ ହରାଇ ' We are the hollow man" ବୋଲି ନିଜକୁ ଯେପରି ଧିକ୍କାର କରୁଛି !

ମୋଟାମୋଟି ସାହିତ୍ୟର ଭବିଷ୍ୟତ୍ ଅନ୍ଧକାରମୟ ବୋଲି ବର୍ତ୍ତମାନ ପୃଥିବୀରେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଆଶଙ୍କା ଗଣିଲେଣି ।

ତେଣୁ ସାହିତ୍ୟ ସମାଲୋଚକମାନଙ୍କ ମୁଖରେ ଆଜି ଫୁଟି ଉଠୁଛି—ଏକ କରୁଣ ଜିଜ୍ଞାସା—ଅଧୁନାର ସାହିତ୍ୟର ଏ ଦୁରବସ୍ଥା କାହିଁକି ? ପ୍ରାୟ ଦୁଇ ବର୍ଷ ତଳେ ସାହିତ୍ୟିକ ଅନ୍ନଦାଶଙ୍କର ରାୟ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ଆହୂତ ହୋଇ 'ସାହିତ୍ୟର ସଙ୍କଟ' ବିଷୟରେ ଏକ ଚମତ୍କାର ଭାଷଣ ଦେଇଥିଲେ । ତାଙ୍କ ମତରେ—ସାହିତ୍ୟରେ ଆଜି ସଙ୍କଟ ଦେଖା ଦେଇଛି, କାରଣ ମଣିଷ ଜୀବନ ବର୍ତ୍ତମାନ ସଙ୍କଟାପନ୍ନ । ଜୀବନକୁ ସଙ୍କଟ-ମୁକ୍ତ କରିଦେଲେ, ସାହିତ୍ୟର ସଙ୍କଟ ଆପେ ଆପେ ଦୂର ହୋଇଯିବ । ପ୍ରକୃତରେ, ଜୀବନ ସହିତ ସାହିତ୍ୟର କ୍ଷୀର-ନୀର ସମ୍ପର୍କ । ତେଣୁ ଗୋଟିକର ଅଧଃପତନରେ ଅନ୍ୟଟିର ଅଧଃପତନ ନିଶ୍ଚିତ । ଜୀବନ ଆଜି ନାନା ସମସ୍ୟାର ସମ୍ମୁଖୀନ ହୋଇଛି । ମଣିଷର ଆତ୍ମିକ ଅଧଃପତନ ଘଟିଛି । ତେଣୁ ସାହିତ୍ୟର ଏ ବିପତ୍ତି । କେତେକ ପଣ୍ଡିତଙ୍କ ମତରେ—ବର୍ତ୍ତମାନ ମଣିଷର ଆତ୍ମିକ ଅଧଃପତନ ଏକ ଐତିହାସିକ କ୍ରମପରିଣାମର ଫଳ । ମଣିଷ ଜାତି ଯେଉଁ ଦିନ ଆତ୍ମବିଶ୍ୱାସ ହରାଇଲା ବା ଯେଉଁ ଦିନଠାରୁ ତା' ମନରେ ଖର୍ବତ୍ୱବୋଧ ଆସିଲା, ସେହି ସମୟରୁ ତାହାର ଆତ୍ମିକ ଅଧଃପତନର ଆରମ୍ଭ । ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରେ ଯେତେବେଳେ ପୋଲଣ୍ଡର ଜ୍ୟୋତିର୍ବିଦ୍ ନିକୋଲାସ୍ କୋପରନିକସ୍-ଙ୍କର ପ୍ରସିଦ୍ଧ ଗବେଷଣା ପ୍ରବନ୍ଧ ପ୍ରକାଶିତ ହେଲା, ମଣିଷ ଜାତିର ଖର୍ବତ୍ୱବୋଧ ଆରମ୍ଭ ହେଲା ସେଇଠୁ । ସେପର୍ଯ୍ୟନ୍ତ ମଣିଷର ଧାରଣା ଥିଲା ଯେ ତାହାର ଆବାସ ଭୂମି ଏହି ପୃଥିବୀ ହେଉଛି ସମଗ୍ର ସୌର ଜଗତ୍‌ର କେନ୍ଦ୍ରସ୍ଥଳ ଏବଂ ଏହାର ଚତୁର୍ଦ୍ଦିଗରେ ସୂର୍ଯ୍ୟାଦି ଗ୍ରହ ନକ୍ଷତ୍ର ମଣିଷର ଦାସ ରୂପେ ଚିରକାଳ ଘୂରୁଛନ୍ତି । କିନ୍ତୁ କୋପରନିକସ୍ ଘୋଷଣା କଲେ—ସୌର ଜଗତ୍‌ର କେନ୍ଦ୍ରସ୍ଥଳ ପୃଥିବୀ ନୁହେଁ, ସୂର୍ଯ୍ୟ ଏବଂ ସେହି ସୂର୍ଯ୍ୟ ଏହି କ୍ଷୁଦ୍ରାତିକ୍ଷୁଦ୍ର ପୃଥିବୀକୁ ପୁତୁଳିକା ପରି ଘୂରାଉଛି ।

ଏ ଚମତ୍କାର ଆବିଷ୍କାରରେ ମଣିଷ ଜାତି ସ୍ତମ୍ଭୀଭୂତ ହେଲା ଏବଂ ଏହି ଅସୀମ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ପୃଥିବୀ ତଥା ନିଜକୁ ଯେପରି ଅତି କ୍ଷୁଦ୍ର, ନଗଣ୍ୟ ବୋଲି ମଣେ କଲା । ତଥାପି ଗର୍ବ କରିବାପାଇଁ ରହିଲା ତାହାର ପ୍ରଜ୍ଞା ବା ମନନ-ଶକ୍ତି । ମଣିଷର ଏ ଗର୍ବ ମଧ୍ୟ ଖର୍ବ ହେଲା ସପ୍ତଦଶ ଶତାବ୍ଦୀରେ, ଯେତେବେଳେ ଇଂରାଜୀ ଦାର୍ଶନିକ ଜନ୍ ଲକେଙ୍କର ସୁ-ବିଖ୍ୟାତ "Essay Concerning Human Understanding" ପ୍ରକାଶ ପାଇଲା । ଲକେ ଜଗତକୁ ଚେତାବନି ଶୁଣାଇ ଦେଲେ — ପ୍ରଜ୍ଞାବାଦ୍ ମାନବ ମଧ୍ୟ ଇନ୍ଦ୍ରିୟର ଦାସ ଏବଂ ତାହାର ଗର୍ବର ଧନ ପ୍ରଜ୍ଞା ଇନ୍ଦ୍ରିୟ-ଲବ୍ଧ ଅଭିଜ୍ଞତାର ଅଭିଜ୍ଞାନ ମାତ୍ର । ସେଇଠୁଁ ଶେଷ ହେଲା—ମାନବଙ୍କ ପ୍ରଜ୍ଞାର ଅହଂକାର । ତଥାପି ମଣିଷ ଅସ୍ଫାଳନ କଲା—ତାହାର ପୂର୍ବ ପୁରୁଷମାନେ ହେଉଛନ୍ତି ଦେବତା । ସେ ସ୍ୱର୍ଗର ଶାପଭ୍ରଷ୍ଟ ଦେବ ଶିଶୁ ! ଏ ଅସ୍ଫାଳନ କିନ୍ତୁ ବେଶୀ ଦିନ ତିଷ୍ଠି ରହି ପାରିଲା ନାହିଁ । ଊନବିଂଶ ଶତାବ୍ଦୀ ମଧ୍ୟ ଭାଗରେ ଚାର୍ଲସ୍ ଡାରଉଇନ୍ ପ୍ରମାଣ କରିଦେଲେ ଯେ—ଦେବତା ନୁହଁନ୍ତି, ଏହି ପୃଥିବୀର ଜୀବଜନ୍ତୁ ହିଁ ମଣିଷର ପୂର୍ବପୁରୁଷ, ଅର୍ଥାତ୍ ପଶୁ ସହିତ ମଣିଷର ଅତି ନିକଟ ସମ୍ପର୍କ ବିଦ୍ୟମାନ । ଏହି କ୍ରାନ୍ତିକାରୀ ସିଦ୍ଧାନ୍ତରେ ମଣିଷର ମହତ୍ତ୍ୱବୋଧ ଏକାବେଳେକେ ଲୁପ୍ତ ହୋଇଗଲା । ଯାହା କିଛିଏ ଅବଶେଷ ଥିଲା, ତାହାର ବିଲୋପ-ସାଧନ କଲେ ସିଗ୍‌ମଣ୍ଡ ଫ୍ରଏଡ୍ । ଫ୍ରଏଡ୍ ଯେପରି ମଣିଷ ଆଖିରେ ଆଙ୍ଗୁଳି ଟେକି ଦେଖାଇଦେଲେ—ମଣିଷ ପଶୁଠାରୁ ମଧ୍ୟ ହୀନ । ତା' ମନରେ ଅହରହ ପାପ-ଲୀଳା ଚାଲିଛି, ଏପରିକି ନିଷ୍ପାପ ଶିଶୁ ମନ ମଧ୍ୟ ଏହି ପାପ-ଲୀଳାରେ ଲିପ୍ତ । ଏହି ସବୁ ବୈଜ୍ଞାନିକ ଆବିଷ୍କାର ମଣିଷର ଜ୍ଞାନ-ଭଣ୍ଡାର ବୃଦ୍ଧି କରିଛି ସତ, କିନ୍ତୁ ଏହାଦ୍ୱାରା ମଣିଷ ନିଜର ସମସ୍ତ ମହତ୍ତ୍ୱବୋଧ ହରାଇ ଆଜି ଆପଣାକୁ ଏତେ କ୍ଷୁଦ୍ର ଓ

ହେତୁ ମନେ କରୁଛନ୍ତି ଯେ କୌଣସି ଉଚ୍ଚ, ମହତ୍ କଥା ଚିନ୍ତା କରିବା ତା'ପକ୍ଷରେ ସମ୍ଭବ ହେଉ ନାହିଁ । ସେଥିପାଇଁ ମହତ୍ ସାହିତ୍ୟ ସୃଷ୍ଟି ବର୍ତ୍ତମାନ ଅସମ୍ଭବ ହୋଇ ପଡ଼ିଛି ।

ଆଧୁନିକ ସାହିତ୍ୟର ଦୁରବସ୍ଥା ବିଷୟ ଦୁଇଟି ଦିଗରୁ ବିଚାର କରାଯାଇ ପାରେ—ସାହିତ୍ୟ-ସ୍ରଷ୍ଟା ଦିଗରୁ ଏବଂ ସାହିତ୍ୟ-ପାଠକ ଦିଗରୁ । ସାହିତ୍ୟ ସ୍ରଷ୍ଟାଙ୍କ ଦିଗରୁ ବିଚାର କଲେ, ସାହିତ୍ୟର ବିପତ୍ତି ଲାଗି ଉପରୋକ୍ତ ମତଗୁଡ଼ିକ ପରୀକ୍ଷା କରାଯାଇ ପାରେ । ଆଧୁନିକ ଲେଖକ-ଜୀବନ ଅତି ନାନା ସାଂସାରିକ ସମସ୍ୟାର ଘାତ ପ୍ରତିଘାତରେ ଅହରହ ଆନ୍ଦୋଳିତ ହେଉଛି । ଏହି ପରିବେଶ ମଧ୍ୟରେ ତାହାର ମନ ଓ ମନନ ଶକ୍ତି ଉଭୟେ ଅସ୍ଥିର ଓ ଅ-ସଂହତ । ଏହା ଉପରେ ପୁଣି ତାହାର ଝଙ୍କତ୍ୱବୋଧ ଓ ଆତ୍ମବିଶ୍ୱାସହୀନତା ତାକୁ ସଦାବେଳେ ଅଧୋଗାମୀ ହେବାକୁ ଇଙ୍ଗିତ କରୁଛନ୍ତି । ତେଣୁ ତାହାର ଲେଖନୀ ଅତି ଉନ୍ନତ ଓ ଶକ୍ତିଶାଳୀ ନୁହେଁ । ତଥାପି ବିଶ୍ୱ ସାହିତ୍ୟରେ ଯେ ବର୍ତ୍ତମାନ ଉନ୍ନତ ଗ୍ରନ୍ଥ ଲିଖିତ ନ ହେଉଛି, ତା' ନୁହେଁ । କିନ୍ତୁ ତାହାର ସଂଖ୍ୟା ଅଙ୍ଗୁଳିମେୟ ।

ସାହିତ୍ୟ-ପାଠକ ଦିଗରୁ ଦେଖିଲେ, ଅବସ୍ଥା ଅତ୍ୟନ୍ତ ଦୁଃଖ-ଦାୟକ । ସାଧାରଣତଃ ପାଠକ-ସମାଜ ସାହିତ୍ୟର ଉନ୍ନତ ବା ଅବନତିପ୍ରତି ବର୍ତ୍ତମାନ ସଂପୂର୍ଣ୍ଣ ନିସ୍ପୃହ ବା ବୀତସ୍ପୃହ । ଜନସାଧାରଣ ଅନ୍ନ ଅର୍ଥ ମାନସିକ ସ୍ରୋତାନ୍ଧିରେ ଦହାଇ ସଡ଼ୁଛନ୍ତି । ଏବର ଯୁଗ-ଧର୍ମ ନନ୍ଦନତତ୍ତ୍ୱପ୍ରତି ସେମାନଙ୍କୁ ଆକୃଷ୍ଟ କରିବାଲାଗି ସୁଯୋଗ ବା ସୁବିଧା ଦେଉ ନାହିଁ । ଯେଉଁ କେତେଜଣ ଏ ସୁବିଧା ସୁଯୋଗ ପାଇ ପାରୁଛନ୍ତି, ସେମାନଙ୍କ ସଂଖ୍ୟା ସୀମାବଦ୍ଧ । ତେବେ ସାହିତ୍ୟ ସୃଷ୍ଟି

ହେବ କାହାପାଇଁ ? ସାହିତ୍ୟର ଉପଯୁକ୍ତ ବଜାର ଅସିବ କେଉଁଠୁ ? ମାର୍କିନ୍ କବି ଓ୍ୱାଲ୍ଟ ହ୍ୱଇଟ୍‌ମ୍ୟାନ୍ ଥରେ କହିଥିଲେ—"To have great poets, you must have great audiences too." କଥାଟା ଅସ୍ୱୀକାର କରି ହେବ ନାହିଁ । ଯେଉଁ ଦେଶରେ ଗୋଟିଏ ଉନ୍ନତ ପାଠକ-ସମାଜ ନାହିଁ—ଯେଉଁ ଜାତି ଶିକ୍ଷା, ସଭ୍ୟତାରେ ଅନୁନ୍ନତ କିମ୍ବା ଯାହାର ଆଦୌ ସାଂସ୍କୃତିକ ପରଂପରା ନାହିଁ, ସେ ଦେଶ ବା ଜାତି ମଧ୍ୟରେ ଉନ୍ନତ ସାହିତ୍ୟ ସୃଷ୍ଟି ଅସମ୍ଭବ—ସେଠାରେ ଶକ୍ତିଶାଳୀ ଲେଖକର ଆବିର୍ଭାବ ଅପରିକଳ୍ପନୀୟ । ଦକ୍ଷିଣ ଆଫ୍ରିକା ଏହାର ପ୍ରକୃଷ୍ଟ ଉଦାହରଣ । ଏତେ ବଡ଼ ଦେଶଟାରେ ବିଶ୍ୱ ସାହିତ୍ୟରେ ପ୍ରତିଷ୍ଠା ଲଭିକଲା ଭଳି ଜଣେ ଲେଖକ ବା ଏକ ଉନ୍ନତ ସାହିତ୍ୟ-ଗ୍ରନ୍ଥ ସୃଷ୍ଟି ହୋଇଥିବାର ଜଣା ପଡ଼େ ନାହିଁ ।

ସେଥିପାଇଁ ଆମ ଆଗରେ ଆଜି ଏକ ବଡ଼ ସମସ୍ୟା ଆସି ପଡ଼ିଛି । ଆଧୁନିକ ସାହିତ୍ୟର ଏ ଦୁରବସ୍ଥା ଦୂରିବ କିପରି ? ସାହିତ୍ୟର ଭବିଷ୍ୟତ୍ ଉଜ୍ଜ୍ୱଳମୟ ହେବ କିପରି ? ସାହିତ୍ୟସ୍ରଷ୍ଟା ଓ ସାହିତ୍ୟ-ପାଠକ ଉଭୟଙ୍କ ଯୋଗୁ ଆଜି ଯେପରି ସାହିତ୍ୟରେ ବିପତ୍ତି ଦେଖା ଦେଇଛି, ସେହିପରି ଉଭୟଙ୍କ ଦ୍ୱାରା ସେ ବିପତ୍ତି ମଧ୍ୟ ଦୂରି ଯାଇ ପାରେ । ସେଥି ସକାଶେ ଉଭୟଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ଏବଂ ଉଭୟଙ୍କର ସମବାୟ ଉଦ୍ୟମ ଆବଶ୍ୟକ । ଆମ ଜାଣିବାରେ ଏପରି ଉଦ୍ୟମ ସୋଭିଏଟ୍ ସାହିତ୍ୟରେ ଆରମ୍ଭ ହୋଇଛି । ସୋଭିଏଟ୍ ସାହିତ୍ୟରେ ବର୍ତ୍ତମାନ ଲେଖକ ଓ ପାଠକ ମଧ୍ୟରେ ସହୃଦୟତା ଓ ପାରସ୍ପରିକ ବୁଝାମଣା ବୋଧହୁଏ ସବୁଠାରୁ ବେଶି । ତେବେ ସୁଦ୍ଧା ସୋଭିଏଟ୍ ସାହିତ୍ୟରେ ଆଜି ଦୁରବସ୍ଥା କାହିଁକି ବୋଲି ଏଠାରେ ପ୍ରଶ୍ନ ଉଠିପାରେ । ତାହାର କାରଣ ଅନ୍ୟତ୍ର । ସୋଭିଏଟ୍ ଦେଶର ଜନ-ଜୀବନ ଏବେ ସୁଦ୍ଧା ସଙ୍କଟମୁକ୍ତ ନୁହେଁ । ସୋଭିଏଟ୍ ଲେଖକଙ୍କୁ ଆଜି

ନଯ କୌଣସି ମୁହୂର୍ତ୍ତରେ ଯୁଦ୍ଧ-ବାହିନୀରେ ଯୋଗ ଦେବା ଲାଗି ପ୍ରସ୍ତୁତ ହୋଇ ରହିବାକୁ ପଡୁଛି । ଦାନା-ଦନାର ଯୋଗାଡ଼ କର ନାରଥିଲେ ମଧ୍ୟ ସୋଭିଏଟ୍ ଜନତାର ଜୀବନ-ଧାରଣର ମାନ ବର୍ତ୍ତ-ମାନ ତେତେ ଉନ୍ନତ ନୁହେଁ । ତେଣୁ ସୋଭିଏଟ୍ ସାହିତ୍ୟ ମଧ୍ୟ ଅଜି ଆଶାନୁରୂପ ଉନ୍ନତ କରିପାର ନାହିଁ ।

ଲେଖକ ତଥା ପାଠକଙ୍କର ଜୀବନ-ଧାରଣର ମାନ ଉନ୍ନତ ହେଲେ—ସମାଜ-ସ୍ଥିତି ଦୃଢ଼ ଓ ଶାନ୍ତିପୂର୍ଣ୍ଣ ହେଲେ, ସାହିତ୍ୟର ସୃଜନ ଅସିବା ସୁନିଶ୍ଚିତ । ଅଜି ପୃଥିବୀର କୌଣସି ଦେଶର ସମାଜ-ସ୍ଥିତି ସ୍ଥିର ନୁହେଁ, ଜୀବନ-ଧାରଣର ମାନ ଉନ୍ନତ ନୁହେଁ । ଦେଶର ସମାଜ-ସ୍ଥିତି ଅନେକ ପରିମାଣରେ ରାଷ୍ଟ୍ରନାୟକମାନଙ୍କଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ତେଣୁ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ଲାଗି ଅନୁକୂଳ ଏବ ଉନ୍ନତ ସମାଜ-ସଂସ୍ଥା ଗଠନ କରିବାରେ ରାଷ୍ଟ୍ରନାୟକମାନଙ୍କର ସାହାଯ୍ୟ ଅତନ୍ତୀ ଅବଶ୍ୟକ । ଦୃଢ଼, ସଂଗଠିତ ସମାଜ-ସଂସ୍ଥାରେ ହିଁ ଜୀବନଧାରଣର ମାନ ଉନ୍ନତ ହେବ ଏବ ଲେଖକ ଯେପରି କୌଣସି ମହତ୍ତର କଥା ଚିନ୍ତା କରି ପାରିବ, ପାଠକ ସେହିପରି ଉଚ୍ଚ ଚିନ୍ତାଧାରା ଗ୍ରହଣ କରିବାକୁ ସୁବିଧା ସୁଯୋଗ ପାଇବ । ତେଣୁ ସାହିତ୍ୟର ଭବିଷ୍ୟତ୍ ଅଜି ଲେଖକ ଓ ପାଠକଙ୍କ ବ୍ୟତୀତ ଅଉ ଜଣଙ୍କ ଉପରେ ନିର୍ଭର କରୁଛି । ସେ ହେଉଛନ୍ତି ଦେଶର ଶାସକ ବା ରାଷ୍ଟ୍ର-ନାୟକ । ସେ ଚାହିଁଲେ, ଔରଙ୍ଗଜେବଙ୍କ ଭଳି ସଙ୍ଗୀତର କବର ପ୍ରସ୍ତୁତ କରି ପାରନ୍ତି, କିମ୍ବା ବିକ୍ରମାଦିତ୍ୟଙ୍କ ଭଳି ସାହିତ୍ୟର 'ନବରତ୍ନ' ସୃଷ୍ଟି କରି ପାରନ୍ତି । ତେବେ ମାନବ ସଭ୍ୟତା ବର୍ତ୍ତମାନ ଏତେ ଦୂର ଅଗ୍ରସର ହୋଇଛି ଯେ, ଉଭୟରେ ସାହିତ୍ୟର 'ନବରତ୍ନ' ସୃଷ୍ଟି କରିବା ସହଜସାଧ୍ୟ, ସାହିତ୍ୟର କବର ପ୍ରସ୍ତୁତ କରିବା ଅସମ୍ଭବ ।

ଭାଷଣ ବର୍ତ୍ତମାନ ସାହିତ୍ୟର ଭବିଷ୍ୟତ ପ୍ରସ୍ତୁତ କରିବା ଅର୍ଥ ସମଗ୍ର ମାନବ ସଭ୍ୟତାର ଭବିଷ୍ୟତ ପ୍ରସ୍ତୁତ କରିବା । ତେଣୁ ସାହିତ୍ୟର 'ନବଯୁଗ' ସୃଷ୍ଟି କରିବାର ବିପୁଳ ସମ୍ଭାବନା ଆଜି ବିଶ୍ୱ ସାହିତ୍ୟରେ ବିଦ୍ୟମାନ । ଏ ସମ୍ଭାବନାକୁ ଏବର ଲେଖକ, ପାଠକ ଓ ରାଷ୍ଟ୍ରନାୟକମାନେ ଥରେ ହୃଦୟଙ୍ଗମ କରିବେ କି ?

ଉପସଂହାରରେ ମୋ ବକ୍ତବ୍ୟର ସାର କଥାଟିକ ହେଉଛି:—ଆଧୁନିକ ସାହିତ୍ୟର ଦୁରବସ୍ଥା ସୁସ୍ପଷ୍ଟ । ତେଣୁ ସାହିତ୍ୟର ଭବିଷ୍ୟତ୍ ଅନ୍ଧକାରମୟ ବୋଲି ଆଶଙ୍କା କରାଯାଉଛି । କେତେକ ପଣ୍ଡିତଙ୍କ ମତରେ—ଆଧୁନିକ ସାହିତ୍ୟରେ ଏହି ବିପତ୍ତିର କାରଣ ହେଉଛି ମଣିଷର ଆତ୍ମିକ ଅଧଃପତନ । ମଣିଷ ମନର ଖଣ୍ଡିତବୋଧ ଓ ଆତ୍ମବିଶ୍ୱାସହୀନତାରୁ ଏହି ଆତ୍ମିକ ଅଧଃପତନର ଆରମ୍ଭ । ମଣିଷ ମନରେ ଖଣ୍ଡିତବୋଧ ଆଣି ଦେଇଛନ୍ତି—କୋପରନିକସ୍, ଦାର୍ଶନିକ ଲକେ, ନୃତତ୍ତ୍ୱବିଦ୍ ଡାରଉଇନ୍ ଓ ମନସ୍ତାତ୍ତ୍ୱିକ ଫ୍ରଏଡ୍ । ଆଧୁନିକ ଲେଖକ-ଜୀବନରେ ଏହି ଆତ୍ମିକ ଅଧଃପତନ ଦେଖା ଦେଇଛି । ଲେଖକର ଲେଖନୀ ଆଜି ଉନ୍ନତ ଓ ଶକ୍ତିଶାଳୀ ନୁହେଁ । ପାଠକ ସାହିତ୍ୟପ୍ରତି ବୀତସ୍ପୃହ । ତେଣୁ ସାହିତ୍ୟର ଏ ଦୁରବସ୍ଥା । ଲେଖକ ଓ ପାଠକଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ଏବଂ ଉଭୟଙ୍କର ସମବାୟ ଉଦ୍ୟମ ବଳରେ ସାହିତ୍ୟର ଏ ଦୁରବସ୍ଥା ଦୂର ହୋଇ ଯାଇପାରେ । ଏକ ଦୃଢ଼, ଉନ୍ନତ ସମାଜ-ସଂସ୍ଥା ପ୍ରତିଷ୍ଠିତ ହେଲେ—ଲେଖକ ତଥା ପାଠକଙ୍କର ଜୀବନଧାରଣର ମାନ ଉନ୍ନତ ହେଲେ, ସାହିତ୍ୟର ସୁଦିନ ଆସିବା ନିଶ୍ଚିତ । ତେଣୁ ସାହିତ୍ୟ ସୃଷ୍ଟି ଲାଗି ଅନୁକୂଳ ଏକ ଉନ୍ନତ ସମାଜ-ସଂସ୍ଥା ପ୍ରତିଷ୍ଠା କରିବାରେ ରାଷ୍ଟ୍ରନାୟକମାନଙ୍କର ସାହାଯ୍ୟ ଲୋଡ଼ା । ରାଷ୍ଟ୍ରନାୟକମାନେ ସାହିତ୍ୟର

ବିପ୍ଳବ-ସାଧନ କରି ପାରିବେ ନାହିଁ, ବରଂ ସୁସ୍ଥିଲେ ଉଭାଙ୍କ ସାହିତ୍ୟ ସୃଷ୍ଟିରେ ସାହାଯ୍ୟ କରି ପାରିବେ । *

ରେଭେନ୍ସା କଲେଜ—୧୯୫୫

* ପ୍ରବନ୍ଧଟି ଲେଖିବାରେ ନିମ୍ନଲିଖିତ ପୁସ୍ତକ ଓ ପତ୍ରିକାମାନଙ୍କର ସାହାଯ୍ୟ ନିଆଯାଇଛି :—

Outline of Literature—Ed. by J. Drinkwater
Guide to Modern Thought—C. E. M. Jode
The Writer and His Craft—I. Ehrenburg
Times Literary Supplement—(Special Issue—Sept. 17, 1954)
Soviet Literature—(Issue No. 1 and 2 of 1955)

ବିଷୟବସ୍ତୁ ଦିଗରୁ ବିଚାର କଲେ, ପ୍ରତ୍ୟେକ ଦେଶ ପ୍ରତ୍ୟେକ ଯୁଗର ସାହିତ୍ୟ ପ୍ରଧାନତଃ ପ୍ରକୃତି, ଈଶ୍ୱର ଓ ମଣିଷ—ଏହି ତିନୋଟିକୁ କେନ୍ଦ୍ର କରି ପରିପୁଷ୍ଟ ହୋଇଛି । ଯୁଗଭେଦରେ କେବେ କେବେ ପ୍ରକୃତି, କେତେବେଳେ ଈଶ୍ୱର କିମ୍ବା ମଣିଷ ପ୍ରାଧାନ୍ୟ ଲାଭ କରିଥିଲେହେଁ, ସାହିତ୍ୟରେ ଏ ତିନୋଟିଯାକ ସବୁବେଳେ ମିଳି ମିଶି ରହିଛନ୍ତି । କବି କେତେବେଳେ ପ୍ରକୃତି ଭିତରେ ଈଶ୍ୱରର ସନ୍ଧାନ ନେଇଛନ୍ତି ତ, ଆଉ କେତେବେଳେ ପ୍ରକୃତି ସହିତ ମଣିଷର କିମ୍ବା ମଣିଷ ସହିତ ଈଶ୍ୱରର ଅବିଚ୍ଛେଦ୍ୟ ସମ୍ପର୍କ ସ୍ଥାପନ କରିଛି । ଏଥି ମଧ୍ୟରୁ କେବଳ ପ୍ରକୃତି କଥାଟିକୁ ବିଚାର କଲେ ଦେଖିବା— ସାହିତ୍ୟରେ ବିଭିନ୍ନ ଯୁଗରେ ବିଭିନ୍ନ ଦୃଷ୍ଟିକୋଣରୁ ପ୍ରକୃତିକୁ ସ୍ଥାନ ଦିଆଯାଇଛି । ଉଦାହରଣ ସ୍ୱରୂପ—ବୈଦିକ ସାହିତ୍ୟରେ ସୂର୍ଯ୍ୟ, ବାୟୁ, ଅଗ୍ନି ପ୍ରଭୃତି ବିଭିନ୍ନ ପ୍ରାକୃତିକ ବସ୍ତୁକୁ କବି ଦେଖିଥିଲା ଭୟରେ, ବିସ୍ମୟରେ । ନନ୍ଦନତତ୍ତ୍ୱ ଅନୁଯାୟୀ ମଣିଷ ହୃଦୟରେ ଯେଉଁ ନିଛକ ସୌନ୍ଦର୍ଯ୍ୟ-ପ୍ରେମର ପ୍ରବୃତ୍ତି ନିହିତ, ତାହା ସେ ଯୁଗର ପ୍ରକୃତି ଦର୍ଶନରେ ଢେର୍ ବେଶି ନ ଥିଲା । ଋକ୍‌ବେଦର ଉଷା ବର୍ଣ୍ଣନା ପ୍ରଭୃତି କେତୋଟି ଅଙ୍ଗୁଳିମେୟ ବ୍ୟତିକ୍ରମ ବାଦ୍ ଦେଲେ ଅନ୍ୟ ସବୁଠାରେ ବୈଦିକ କବି ପ୍ରକୃତିର ବନ୍ଦନା ଗାଇଛି ଭୟ ବିନମ୍ର ଓ ବିସ୍ମୟ-ମୁଗ୍ଧ କଣ୍ଠରେ । ଏଠି ପ୍ରକୃତି ସହିତ ଈଶ୍ୱର ଏକୀଭୂତ ହୋଇ ଯାଇଛନ୍ତି । ତେଣୁ ପ୍ରକୃତିର ବିଭିନ୍ନ ବସ୍ତୁ ବୈଦିକ କବି ଦୃଷ୍ଟିରେ ଗୋଟିଏ ଗୋଟିଏ ଦେବତା । ପ୍ରସଙ୍ଗ କ୍ରମେ ଏଠାରେ ଦେଖାଇ

ଦିଆଯାଇ ପାରେ ଯେ—ଇଂଲଣ୍ଡର ଅଙ୍ଗ୍ଲୋ-ସେକ୍ସନ୍ ସାହିତ୍ୟର ( ସପ୍ତ ଶତାବ୍ଦୀ ) 'ବିଓଉଲଫ', 'ୱାଣ୍ଡରର୍' ପ୍ରଭୃତି କାବ୍ୟ-କବିତାରେ ପ୍ରକୃତିପ୍ରତି କବି ହୃଦୟର ଏହିପରି ଭୟ ଓ ବିସ୍ମୟ ପ୍ରକାଶ ପାଇଛି ଏବଂ ଇଂରାଜମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପୂର୍ବରୁ ଏହି ସମୟରେ ପ୍ରାକୃତିକ ବସ୍ତୁମାନଙ୍କରେ ଦେବତ୍ୱ ଆରୋପ କରି ବହୁ ଦେବତା ପୂଜାରେ ମାତିଛନ୍ତି ।

ବୈଦିକ ଯୁଗର ପ୍ରକୃତି-ଦର୍ଶନ କାବ୍ୟ-ନାଟକ ଯୁଗରେ ପରିବର୍ତ୍ତିତ ହୋଇ ଯାଇଛି । ସେତେବେଳକୁ ମଣିଷ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ କିଛି ଦୂର ଆଗେଇ ଯାଇଛି, ପ୍ରାକୃତିକ ବସ୍ତୁଗୁଡ଼ିକର ଗତିବିଧି ନିର୍ଣ୍ଣୟ କରି ପାରିଛି ଏବଂ ସେମାନଙ୍କର ସାମୟିକ ଅମଙ୍ଗଳରୁ ନିଜକୁ ରକ୍ଷା କରିବାପାଇଁ ଧରକାସ୍ତ୍ର ଅସ୍ତ୍ରଶକ୍ତି ହାସଲ କରିଛି । ତେଣୁ ପ୍ରକୃତିକୁ ସେ ଆଉ ଭୟ ଓ ବିସ୍ମୟମିଶା ଦୃଷ୍ଟିରେ ଦେଖୁନାହିଁ । ପ୍ରକୃତି ସେତେବେଳକୁ ତା' ପକ୍ଷରେ ଆନନ୍ଦର ଅସରନ୍ତି ଉତ୍ସ । ସେ ବର୍ତ୍ତମାନ ପ୍ରକୃତିର ନିଚ୍ଛକ ସୌନ୍ଦର୍ଯ୍ୟ-ପ୍ରେମୀ । ସେଥିପାଇଁ କବି ବିଭିନ୍ନ ଋତୁର ବର୍ଣ୍ଣ ବୈଭବରେ ମୁଗ୍ଧ ହୋଇ ଲେଖିଛନ୍ତି 'ଋତୁ ସଂହାର', ଭାସମାନ ମେଘକୁ ଦୂତ କରି ପଠାଇଛନ୍ତି ପ୍ରିୟା ପାଖକୁ । ପୁଣି ଆଧୁନିକ ଯୁଗରେ ଏ ପ୍ରକାର ପ୍ରକୃତି-ଦର୍ଶନରେ ରୂପାନ୍ତର ଘଟିଛି । ପ୍ରକୃତି ଚିତ୍ରଣରେ ବ୍ୟକ୍ତିନିଷ୍ଠ ଦୃଷ୍ଟିକୋଣ ପ୍ରାଧାନ୍ୟ ଲାଭ କରିବାରୁ ଏ ଯୁଗର କବି, ପ୍ରକୃତି ସହିତ ଅନ୍ତରର ନିବିଡ଼ ଯୋଗ ସ୍ଥାପନ କରିଛି । ପ୍ରକୃତି ଭିତରେ ଜୀବନ ଦର୍ଶନର ସନ୍ଧାନ ପାଇଛି । ଆଉ ବର୍ତ୍ତମାନ ବିଜ୍ଞାନର ଅଗ୍ରଗତି ସମୟରେ ପ୍ରକୃତିସହିତ କବିର ପୂର୍ବ ସମ୍ବନ୍ଧ ଶିଥିଳୀଭୂତ ହୋଇ ପଡ଼ୁଛି । ଆଜିର କବି ଚନ୍ଦ୍ର ଦେଖି ମୁଗ୍ଧ ହେବା ସଙ୍ଗେ ସଙ୍ଗେ କଳ୍ପନା କରୁଛି, ଚନ୍ଦ୍ରଉପରେ ମଣିଷ ବସତି କିପରି ରୋମାଞ୍ଚକର ହେବ ! କୁଳୁ କୁଳୁ ନଦୀଧାରଟି ତା' ହୃଦୟକୁ ସ୍ପନ୍ଦନାୟିତ କରିବା

ସଙ୍ଗେ ସଙ୍ଗେ ଇଙ୍ଗିତ ଦେଉଛନ୍ତି ଯେ—ଠିକ୍ ଭାବେ ଖଟାଇ ପାରିଲେ ସେ ତାକୁ ହାଇଡ୍ରୋ-ଇଲେକ୍‌ଟ୍ରିସିଟି ଦେଇ ପାରିବ—ତା'ର ଟାଙ୍ଗରା ଭୂଇଁରେ ଜଳ ମଡ଼େଇ ଗଛ ଉଠେଇ ପାରିବ। ମୋଟାମୋଟି ପ୍ରକୃତି ସମ୍ପୃତ ବର୍ତ୍ତମାନ କବିର ସହୃଦୟତା ଯେତିକି, ଦ୍ୱନ୍ଦ୍ୱ ବରଂ ତା ଠାରୁ ବେଶୀ। ସାହିତ୍ୟର ମୂଲ୍ୟବୋଧରେ ବସ୍ତୁବାଦୀ ଦୃଷ୍ଟି-କୋଣ ପ୍ରକୃତି-ଦର୍ଶନରେ ମଧ୍ୟ ନୂଆ ବାଟ ଦେଖାଇଛନ୍ତି। ମଣିଷ ସାମାଜିକ ଜୀବ। ସେ ଜନ୍ମ ହୋଇ ପୃଥିବୀ ବକ୍ଷରେ ନିଜର ସ୍ୱାଧୀନ ଜ୍ଞାନ ଓ ଅଭିମତ ତିଆରି କରିବା ପୂର୍ବରୁ ସମାଜ ତା ମଥାରେ ଗୁଡ଼ାଏ ରେଡ଼-ମେଡ଼୍ ଧାରଣା ପୂରାଇ ଦେଉଛି। ଶିଶୁର ଉପଯୁକ୍ତ ଜ୍ଞାନ ଉଦୟ ହୋଇନି, ମା' ତାକୁ କହୁଛି—ହେଇ ଦେଖ୍, ଚନ୍ଦ କି ସୁନ୍ଦର! ତେଣୁ ପ୍ରକୃତି-ଦର୍ଶନକୁ ଅନେକାଂଶରେ ନିୟନ୍ତ୍ରିତ କରୁଛି ସାମାଜିକ ରୀତି ଓ ପରଂପରା। ସାହିତ୍ୟରେ ପ୍ରକୃତି-ଚିତ୍ରଣର ବିଚାର ବେଳେ ଏ ମତ ମଧ୍ୟ ଅନୁପେକ୍ଷଣୀୟ।

ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରକୃତିଚିତ୍ରଣ ବିଚାର କଲାବେଳେ ଏହି କ୍ରମପରିଣାମ ଉପରେ ନଜର ଦିଆ ଯାଇପାରେ। ମୂଳରୁ କହି ରଖିବା ଦରକାର—'ଛବିଲ ଉତ୍କଳ'ରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅପ୍ରତୁଳ ନୁହେଁ। ଓଡ଼ିଶାର ବନଶୈଳ, ନଦୀହ୍ରଦର ଅପୂର୍ବ ଶ୍ରୀ ଜାତିର ସୌନ୍ଦର୍ଯ୍ୟ-ବୋଧ ବୃଦ୍ଧି କରିଛି। ଓଡ଼ିଆ ଗାଉଁଲି ଗୀତରେ ଏହାର ସରଳ ସୁନ୍ଦର ପ୍ରକାଶ ଦେଖିବାକୁ ମିଳେ। (ଗୋଟିଏ ଉଦାହରଣ—ଗାଁକୁ ସୁନ୍ଦର ତ ନଡ଼ିଆ ଗଛ ଗୁଛ, ବିଲକୁ ସୁନ୍ଦର ତ କିଆ ଗୋଠ ଗାଡ଼, ପୁରୁଷକୁ ସୁନ୍ଦର ତସି ଯେ, ଇତ୍ୟାଦି—ପଲ୍ଲୀଗୀତ ସଞ୍ଚୟନ, ୩୦୨ ପୃଷ୍ଠା, ବିଶ୍ୱଭାରତୀ) ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମଧ୍ୟ ପ୍ରକୃତି ବର୍ଣ୍ଣନାର ଅଭାବ ପରିଲକ୍ଷିତ ହୁଏନା। ଜତୁଗୃହ ଦାହ ପରେ ପାଣ୍ଡବମାନେ ମଧୁବନକୁ ଗଲା

ହତ୍ତାନ୍ତୁ ସାରଳା ଦାସ ଯେଉଁ ବନ-ବର୍ଣ୍ଣନା କରିଛନ୍ତି, ତାହା ଉତ୍କଳୀୟ ବୈଭବର ସୌନ୍ଦର୍ଯ୍ୟ ଅନୁରୂପ । ପ୍ରକୃତିଠାରୁ ଉପମା ଅଳଙ୍କାର ଗ୍ରହଣ କରିବାରେ ସାରଳା ଦାସ କିପରି ସିଦ୍ଧହସ୍ତ ଥିଲେ ତା'ର ପ୍ରମାଣ ଦ୍ରୌପଦୀଙ୍କ ସ୍ୱୟମ୍ବର-ବେଶ-ବର୍ଣ୍ଣନାରୁ ମିଳେ—

ହୃଦରେ ମୁକୁତା ହାର ଶତେ ଶତେ ସରି
ଗଗନେ ତାରକାପନ୍ତି ଉଦେ ହେଲା ପରି ।
ନାସାକୁ ତା' ପଟାନ୍ତର ନୋହେ ତିଳଫୁଲ
ଦଶନଙ୍କ ବଳଟେ ଝଡ଼ିପଡ଼େ ଭୂମି ତଳ ।
ଅତୁଳ ଶୋଭା କନକ ପସକୁ ଏ ଜିଣି
ଶୀତଳ ପବନ କି ମଳୟାନିଳ ମଣି ।
ଏହା ନାସିକାରୁ ଯେବେ ବହିବ ପବନ
ନିମ୍ବ ସାହାଡ଼ାରେ ଲାଗି ହୋଇବ ଚନ୍ଦନ । —ଆଦ୍ୟପର୍ବ

(ସାରଳା ମହାଭାରତର ଶୁଦ୍ଧ ପାଠ ଅଭାବ ହେତୁ ଅରୁଣୋଦୟ ପ୍ରେସ୍‌ରୁ ଅଭିନ୍ନଚନ୍ଦ୍ର ଦାସ୍‌ଙ୍କ ଦ୍ୱାରା ପ୍ରକାଶିତ ଗ୍ରନ୍ଥରୁ ଏ ଉଦ୍ଧୃତ ଦିଆ ଯାଇଛି । ତେଣୁ ଛନ୍ଦ ଓ ଭାଷାରେ ଭୁଲ୍ ଥାଇ ପାରେ । )

ସାରଳା ଦାସଙ୍କ ପରେ ବଳରାମ ଦାସ ମଧ୍ୟ ପ୍ରକୃତି-ଚିତ୍ରଣରେ ସିଦ୍ଧହସ୍ତ । ତାଙ୍କର ଦାଣ୍ଡୀ ରାମାୟଣର କଉଶିକ ଆଶ୍ରମ କିମ୍ବା ଚିତ୍ରକୂଟ ବର୍ଣ୍ଣନା କବିସୁଲଭ ଆବେଗ ଓ ଆନ୍ତରିକତାରେ ପରିପୂର୍ଣ୍ଣ । ପ୍ରକୃତି ନିଜ ସୌନ୍ଦର୍ଯ୍ୟରେ ମଣିଷକୁ ଯେ ଆନନ୍ଦ-ମୁଗ୍ଧ କରିପାରେ ଓ ତା'ର ଦୁଃଖ ହରି ପାରେ, ଏହା ଚିତ୍ରକୂଟର ଶୋଭା ବର୍ଣ୍ଣନାବେଳେ ଲକ୍ଷ୍ମଣ-ପ୍ରତି ରାମଙ୍କ ଉକ୍ତିରେ କବି କହିଛନ୍ତି—"ଏ ସ୍ଥାନ ବଡ଼ ସୁଖ, ଏଠି ରହି ଆମେ ଦୁଃଖ ହରିବା ।" ବଳରାମ ଦାସଙ୍କ ପ୍ରକୃତି ଚିତ୍ରଣରେ ବିଭିନ୍ନ ଗଛଲତା, ଫୁଲଫଳ, ପଶୁପକ୍ଷୀମାନଙ୍କ ଟିକିନିଖି ବର୍ଣ୍ଣନା

ଦେଖିବାକୁ ମିଳେ । ଏପରି ବର୍ଣ୍ଣନା ଆଧୁନିକ ଯୁଗରେ କବି ସୁଧୀଜନଙ୍କୁ ପ୍ରଭାବିତ କରିଥିବା ଖୁବ୍ ସମ୍ଭବ ।

ସାରଳା ଯୁଗ ଓ ପଞ୍ଚସଖା ଯୁଗ ଓଡ଼ିଆ ସାହିତ୍ୟ-ଇତିହାସରେ ଦୁଇଟି ସ୍ୱର୍ଣ୍ଣୋଜ୍ଜ୍ୱଳ ଯୁଗ । କିନ୍ତୁ ସାରଳା ଦାସ ଓ ବଳରାମ ଦାସଙ୍କ ବ୍ୟତୀତ ଏ ଯୁଗର ଅନ୍ୟ କୌଣସି କବି ନିଜ ରଚନାରେ ପ୍ରକୃତି ବର୍ଣ୍ଣନାକୁ ଯଥାଯୋଗ୍ୟ ସ୍ଥାନ ଦେଇଛନ୍ତି ବୋଲି ଜଣା ପଡ଼େ ନାହିଁ । ଏ ଯୁଗରେ ସାରସ୍ୱତ ସିଂହାସନ ଅଧିକାର କରିଛନ୍ତି ଈଶ୍ୱର । ରାମ, କୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟ ଦେଇ ତାଙ୍କର ଗୁଣ-କୀର୍ତ୍ତନ ଓ ମହିମା-ବର୍ଣ୍ଣନ ସାହିତ୍ୟରେ ମୁଖ୍ୟ ସ୍ଥାନ ଲାଭ କରିଛି । ତେଣୁ ସାହିତ୍ୟ ସୃଷ୍ଟିରେ ପ୍ରକୃତି ଚିତ୍ରଣ ନଗଣ୍ୟ ହୋଇ ପଡ଼ିଛି । ପୁଣି ଭଞ୍ଜ ଯୁଗରେ ପ୍ରକୃତି ବର୍ଣ୍ଣନା ଏକ ସାହିତ୍ୟିକ ଆବଶ୍ୟକତାରେ ପରିଣତ ହୋଇଛି । ନାୟକ-ନାୟିକାଙ୍କର ମିଳନ କିମ୍ବା ବିରହର ଚିତ୍ର ଦେବାପାଇଁ ବିଭିନ୍ନ ଋତୁ ଚିତ୍ରଣ ଓ ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା କରିବାକୁ ହେବ—ଏହା ଯେପରି ଭଞ୍ଜ ଯୁଗର କବିମାନଙ୍କର ଏକ ଧରାବନ୍ଧା ନିୟମ ହୋଇ ପଡ଼ିଛି । ହେଲେ ମଧ୍ୟ ଏ ଯୁଗର ପ୍ରକୃତି-ଚିତ୍ରଣରେ କବି-ସୁଲଭ ଆବେଗ ଓ ଆନ୍ତରିକତାର ପରିଚୟ ମିଳେ । ଗୋଟିଏ ଉଦାହରଣ ଦିଆଯାଉ—

ମଳୟ ଶିଖର ଶିରୀ ତ୍ୟେଜିବ କରି ବହିଲାନି ମନ୍ଦ ସମୀର
ସୁମନାଙ୍କ ବାସ ତ୍ୟେଜିବ ନେବଟି ବୋଲି କହିଲାନି ଭ୍ରମର
କେଶର । କେଶରେ ହେଲେନି ମଞ୍ଜୁଳ
କେଶରେ ମଣ୍ଡନ କରିବା ଭଳିରେ ଫୁଟିଲେନି କେତେ ବଞ୍ଜୁଳ ।
—ଇତ୍ୟାଦି (ଲାବଣ୍ୟବତୀ, ପଞ୍ଚମ ଛାନ୍ଦ)

ଅଙ୍ଗିକ-ଯାଦୁକର ଭଞ୍ଜ ଏହି ବସନ୍ତ-ବର୍ଣ୍ଣନାରେ ଯେଉଁ କୁହୁକ ସୃଷ୍ଟି କରିଛନ୍ତି, ତହିଁରେ ପାଠକ ମୁଗ୍ଧ ନ ହୋଇ

ରହିପାରେ ନା । ପ୍ରକୃତି ଚିତ୍ରଣରେ ଏପରି ଚମତ୍କାରିତା ଭଞ୍ଜ ଯୁଗର ଅଧିକାଂଶ କବିଙ୍କଠାରେ ଦେଖାଯାଏ । ଏ ଦିଗରେ ସଂସ୍କୃତ କାବ୍ୟ ସାହିତ୍ୟର ପ୍ରକୃତି ବର୍ଣ୍ଣନା ଭଞ୍ଜ ଓ ଭଞ୍ଜ-ପନ୍ଥୀ କବିମାନଙ୍କୁ ବିଶେଷ ପ୍ରଭାବିତ କରିଛି । ପ୍ରକୃତିର ବିଭିନ୍ନ ବସ୍ତୁକୁ ନେଇ ଉପମା ଦେବାରେ ସାରଳା ଦାସଙ୍କ ପରି ଭଞ୍ଜଯୁଗର କବିମାନେ ମଧ୍ୟ ବେଶ୍ ଧୁରୀଣ ଥିଲେ । 'ଲାବଣ୍ୟବତୀ' ତୃତୀୟ ଛନ୍ଦରେ ନାୟିକା ରୂପ-ବର୍ଣ୍ଣନା ପରି ଅନେକ ବର୍ଣ୍ଣନା ଏହାର ଦୃଷ୍ଟାନ୍ତ ।

ଆଧୁନିକ ଓଡ଼ିଆ କାବ୍ୟ-ସାହିତ୍ୟରେ ପ୍ରକୃତି-ଚିତ୍ରଣ ଏକ ସ୍ୱତନ୍ତ୍ର ଓ ବିଶିଷ୍ଟ ସ୍ଥାନ ଲାଭ କରିଛି । ପ୍ରାଚୀନ ଯୁଗ ଓ ଭଞ୍ଜ ଯୁଗର ପ୍ରକୃତି ବର୍ଣ୍ଣନାରେ ବସ୍ତୁନିଷ୍ଠ ଦୃଷ୍ଟିକୋଣ ହିଁ ପ୍ରାଧାନ୍ୟ ଲାଭ କରିଥିଲା ଏବ କବିମାନେ କେବଳ ପ୍ରକୃତିର ବହିରାବରଣରେ ମୁଗ୍ଧ ହୋଇଥିଲେ । କିନ୍ତୁ ଆଧୁନିକ ଯୁଗରେ କବି କେବଳ ବହିରାବରଣରେ ସନ୍ତୁଷ୍ଟ ନ ରହି ପ୍ରକୃତି ସହିତ ନିଜ ଅନ୍ତରର ନିବିଡ଼ ସଂପର୍କ ସ୍ଥାପନ କଲା । ପ୍ରକୃତି ଭିତରେ ଜୀବନ-ଦର୍ଶନର ସନ୍ଧାନ ନେଲା । ପ୍ରକୃତି ଚିତ୍ରଣରେ ବ୍ୟକ୍ତିନିଷ୍ଠ ଦୃଷ୍ଟି-କୋଣ ଏ ଯୁଗର ଏକ ବିଶେଷତ୍ୱ । ଏ ବିଶେଷତ୍ୱ ନିଃସନ୍ଦେହରେ ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବର ଫଳ । ତେଣୁ ଆଧୁନିକ ଯୁଗର ଓଡ଼ିଆ କାବ୍ୟରେ ପ୍ରକୃତି ଚିତ୍ରଣ ବିଷୟରେ କହିଲେ ସମସାମୟିକ ପାଶ୍ଚାତ୍ୟ ସାହିତ୍ୟ ବିଶେଷତଃ ଇଂରାଜୀ ସାହିତ୍ୟରେ କିପରି ପ୍ରକୃତି ଚିତ୍ରଣ କରାଯାଇଛି, ଦେଖିବାକୁ ହେବ । ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଇଂଲଣ୍ଡରେ ଏକ ନୂତନ ସାହିତ୍ୟିକ ଯୁଗ ଆରମ୍ଭ ହେଲା । ସମାଲୋଚକମାନେ ତାହାକୁ 'ରୋମାଣ୍ଟିକ୍ ରିଭାଇଭାଲ୍' ବୋଲି ନାମିତ କରନ୍ତି । ଏଯୁଗରେ କବିମାନଙ୍କର ସ୍ଲୋଗାନ୍ ହେଲା—ପ୍ରକୃତି

'କୋଳକୁ ଫେରିଗଲ ! ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଅନୁଷ୍ଠିତ ହୋଇ ଯାଇଥିଲା । ଫଳତଃ ସମଗ୍ର ଦେଶ ଉପରେ ଏକ ଯାନ୍ତ୍ରିକ ସଭ୍ୟତାର ଜୁଆର ମାଡ଼ି ଆସୁଥିଲା । ରୋମାଣ୍ଟିକ କବିମାନେ ଏଥିରେ ଯେପରି ଉତ୍ପୀଡ଼ିତ ହୋଇ ପ୍ରକୃତି କୋଳରେ ଆଶ୍ରୟ ନେବାପାଇଁ ଧାଇଁଲେ ଏବଂ ପାରଂପରିକ ଧର୍ମ ବିଶ୍ୱାସ ଓ ସାମାଜିକ ସ୍ଥିତିଶୀଳତାର ଅଧଃପତନ ଫଳରେ ସେମାନେ ଯେପରି ପ୍ରକୃତି ଭିତରେ ନୂତନ ଧର୍ମ, ନୂତନ ଦର୍ଶନର ସନ୍ଧାନ ନେଲେ ! ତେଣୁ ରୋମାଣ୍ଟିକ୍ କବିମାନଙ୍କ ଦୃଷ୍ଟିରେ ପ୍ରକୃତି 'ସୌନ୍ଦର୍ଯ୍ୟର ଗନ୍ତାଘର' ହେବା ସଙ୍ଗେ ସଙ୍ଗେ ହେଲା ମଧ୍ୟ 'Bliss of solitude' କିମ୍ବା 'The trumpet of a prophecy' । ପ୍ରକୃତି-ଦର୍ଶନରେ ଏହି ନୂତନ ଦୃଷ୍ଟିକୋଣ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ଫଳରେ ଆଧୁନିକ ଓଡ଼ିଆ କବିଙ୍କୁ ପ୍ରଭାବିତ କଲା । ରାଧାନାଥ ଏହି ନୂତନ ପଥରେ ହେଲେ—ପ୍ରଧାନ ଦିଶାରୀ ।

ରାଧାନାଥଙ୍କ ପ୍ରକୃତି-ଚିତ୍ରଣରେ ପ୍ରଧାନତଃ ଦୁଇଟି ବିଶେଷତ୍ୱ ଆଖିରେ ପଡ଼େ । ପ୍ରଥମଟି ହେଉଛି—ତାଙ୍କର ପ୍ରକୃତି-ବର୍ଣ୍ଣନାରେ ଆଞ୍ଚଳିକତା । ଉତ୍କଳର ଗିରିବନ, ନଦନଦୀ, ନାନା ଦର୍ଶନୀୟ ସ୍ଥାନ ତାଙ୍କ କାବ୍ୟରେ ଚିରଜୀବୀ ହୋଇଛନ୍ତି । ରାଧାନାଥ ସମଗ୍ର ପ୍ରଦେଶରେ ଭ୍ରମଣ କରିଥିଲେ ଏବଂ ଉତ୍କଳର ବୈଚିତ୍ର୍ୟମୟୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଥିଲେ । ଏହି ପ୍ରାକୃତିକ ଦୃଶ୍ୟଗୁଡ଼ିକୁ ଓଡ଼ିଆ ସାହିତ୍ୟରେ ଯଥାର୍ଥ ସ୍ଥାନ ଦିଆଯାଇ ନାହିଁ ଦେଖି ସେ ତାହା କରିବାକୁ ଆଗୁସାର ହେଲେ । ଏହା "କ୍ଷୁଦ୍ର କ୍ଷିପ୍ରା ସ୍ରୋତ ବିଖ୍ୟାତ ଜଗତେ, ମହାନଦୀ ନାମ ରହିଲା ଗୁପତେ" ପ୍ରଭୃତି ପଦ୍ୟାଂଶରୁ ସ୍ପଷ୍ଟ ଜଣାପଡ଼େ । ଯାହାହେଉ, ତାଙ୍କର ଯୋଗୁଁ ଚିଲିକା, ମହେନ୍ଦ୍ରଗିରି,

ଷୋଳେଶ୍ୱ, ଭୁଲେଶ୍ୱ ପ୍ରଭୃତି ଲୋକଲୋଚନ ଗୋଚରକୁ ଆସିଲା । କିନ୍ତୁ ରାଧାନାଥଙ୍କର ଉଜ୍ଜଳୀୟ ପ୍ରକୃତି-ବର୍ଣ୍ଣନାରୁ ପାଠ . ପ୍ରାକୃତିକ ସୌନ୍ଦର୍ଯ୍ୟ ଯେତ୍‍ ଉପଭୋଗ ନ କରେ, ତା'ଠାରୁ ବେଶୀ ଦେଖିବାକୁ ପାଏ ଦେଶର ଭୌଗଳିକ ବିବରଣ । ଉଷା, ନନ୍ଦିକେଶ୍ୱରୀ ପ୍ରଭୃତି କାବ୍ୟର ପୃଷ୍ଠା ଲେଉଟାଇଲେ ମାନେ ଏହାର ପ୍ରମାଣ ମିଳିବ । ରାଧାନାଥଙ୍କ ଦ୍ୱିତୀୟ ବିଶେଷତ୍ୱ ଦେଉଛି—ପ୍ରକୃତି ସହିତ ଜୀବନର ନିବିଡ଼ ସମ୍ପର୍କ । ପ୍ରକୃତିକୁ ରାଧାନାଥ ନିର୍ଜୀବ ବସ୍ତୁ ରୂପେ ଦେଖି ନାହାନ୍ତି, ଦେଖିଛନ୍ତି ବାନ୍ଧବୀ ରୂପେ—ଆନନ୍ଦମୟୀ ସଖି ରୂପେ । ପ୍ରକୃତିର ସାନ୍ନିଧ୍ୟରେ କବିଙ୍କ ହୃଦୟରେ 'ଦ୍ୱୈତ ଭାବର ଦ୍ୟୋତନା' ଖେଳିଯାଇଛି ଏବଂ ବିଚ୍ଛେଦରେ ଅନ୍ତର ହାହାକାର କରି ଉଠୁଛି । ପ୍ରସଙ୍ଗ କ୍ରମେ ଏହିଠାରେ ପ୍ରକାଶ ପାଇଛି ତାଙ୍କ ବିଷାଦବାଦୀ ଜୀବନ-ଦର୍ଶନ—'ଏ ଜୀବନଟା ଜୀବନ୍ତ ମରଣ ।'

ରାଧାନାଥଙ୍କ ବ୍ୟତୀତ ମଧୁସୂଦନ, ଗଙ୍ଗାଧର, ନନ୍ଦକିଶୋର ପ୍ରଭୃତି ଆଧୁନିକ ଯୁଗର ବିଶିଷ୍ଟ କବିମାନେ ନିଜ କାବ୍ୟ ଭଣ୍ଡାରରେ ପ୍ରକୃତି ଚିତ୍ରଣ କରିଛନ୍ତି । ତହିଁରେ ଏମାନଙ୍କ ମଧ୍ୟରୁ କିଏ କି ବିଶେଷତ୍ୱ ଦେଖାଇଛନ୍ତି ତାହା ବିଚାର୍ଯ୍ୟ । 'ଋଷିପ୍ରାଣେ ଦେବାବତରଣ' ଓ 'ହିମାଚଳେ ଉଦୟ ଉତ୍ସବ' କବିତା ଦୁଇଟିରୁ ହିଁ ମଧୁସୂଦନଙ୍କ ପ୍ରକୃତି ଚିତ୍ରଣର ଅଭିମୁଖ୍ୟ ସ୍ପଷ୍ଟ ଜଣାପଡ଼େ । ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ କବିପ୍ରାଣ ବିଲୀନ ହୋଇଯାଇଛି । "ମୋ ପ୍ରାଣ ବିଲୀନ ହେଲା ପ୍ରକୃତିର ପ୍ରାଣେ, ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ ।" ସେହି ପ୍ରକୃତି ମଧ୍ୟରେ ଭକ୍ତକବି ପାଇଛନ୍ତି ବ୍ରହ୍ମଙ୍କର ସନ୍ଧାନ, ଜଳ-ସ୍ଥଳ ସବୁଆଡ଼େ ଦେଖିଛନ୍ତି ସେହି 'ଆନନ୍ଦ ରୂପମମୃତଂ' । ପ୍ରକୃତି-ଚିତ୍ରଣରେ ରାଧାନାଥଙ୍କ ପରି ଜଡ଼ତା ଓ ଦୁଃଖବାଦ ମଧୁସୂଦନଙ୍କୁ

କେଉଁଠି ଖାଇ ନାହିଁ, ତାଙ୍କ ଦୃଷ୍ଟିରେ "ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି, ଏ ସୃଷ୍ଟି ଅମୃତମୟ ହେ ।" କବି ଗଙ୍ଗାଧରଙ୍କ ଆଖିରେ ପ୍ରକୃତିର ରୁଦ୍ର-ସୁନ୍ଦର ରୂପ ତଥା ସ୍ନିଗ୍ଧ-ମଧୁର ବେଶ—ଦୁଇଟିଯାକ ଧରା ପଡ଼ିଛି । ସେମାନଙ୍କ-ପ୍ରକୃତି ବୈଚିତ୍ର୍ୟମୟୀ । କେତେବେଳେ ଜନନୀ ରୂପେ, କେତେବେଳେ ଭଗିନୀ ରୂପେ, କେବେ ବା ବାନ୍ଧବୀ ରୂପେ ସେ ଦେଖାଦେଇଛନ୍ତି । ମଣିଷର ସୁଖ-ଦୁଃଖରେ ସେ ସହାନୁଭୂତି ଜଣାଇଛନ୍ତି—ସମବେଦନା ପ୍ରକାଶ କରିଛନ୍ତି । ଗଙ୍ଗାଧରଙ୍କ ଶ୍ରେଷ୍ଠ କାବ୍ୟ 'ତପସ୍ୱିନୀ'ର ଛନ୍ଦେ ଛନ୍ଦେ ଏହାର ସ୍ୱାକ୍ଷର ଦେଖିବାକୁ ମିଳିବ । ନନ୍ଦକିଶୋରଙ୍କ ବିଶେଷତ୍ୱ ହେଉଛି—ଜଲ୍ଲର ପଲ୍ଲୀ-ପ୍ରକୃତିର ଚିତ୍ରଣ । ରାଧାନାଥଙ୍କ ଦୃଷ୍ଟି ଚିଲିକା, ମହେନ୍ଦ୍ରଗିରି ଆଦି ବୃହତ୍ତର ସ୍ଥାନ ଉପରେ ନିବଦ୍ଧ ଥିଲା, କିନ୍ତୁ ପଲ୍ଲୀ କୋଣରେ ଥିବା ଦୁଙ୍କାବାଲିର ଛତ୍ରୁ, ବାଡ଼ିକଡ଼ର କୁଆଁମରଡ଼ା, ମଶାଣିପଦାର ବିଲୁଅଜନା ପ୍ରଭୃତିଙ୍କ ଉପରେ ବିଶେଷ ଭାବେ ଦୃଷ୍ଟି ପଡ଼ିଲା ନନ୍ଦକିଶୋରଙ୍କର । ସେଇମାନଙ୍କୁ ପଲ୍ଲୀ-କବି ଅତି ଜୀବନ୍ତ ଭାବେ ଚିତ୍ରଣ କରିଛନ୍ତି ନିଜର 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ନାନାବାୟା ଗୀତ, ଆଦି କାବ୍ୟସଞ୍ଚୟନ ଭିତରେ ।

ଏହା ପରେ ପଦ୍ମଚରଣ, କୁନ୍ତଳାକୁମାରୀ, ନୀଳକଣ୍ଠ, ଗୋଦାବରୀଶ ପ୍ରଭୃତି କବିଙ୍କର ପ୍ରକୃତି-ଚିତ୍ରଣରେ କୌଣସି ଉଲ୍ଲେଖଯୋଗ୍ୟ ନୂତନତ୍ୱ ଦେଖିବାକୁ ମିଳେନା । ସବୁଜ ଯୁଗର କେତେକ କବିଙ୍କ ପ୍ରକୃତି ବର୍ଣ୍ଣନାରେ ରାଧାନାଥ ଆରମ୍ଭ କରିଥିବା ପଳାୟନବାଦ ଦେଖିବାକୁ ମିଳେ । ଅର୍ଥାତ୍ ପ୍ରକୃତି କୋଳରେ ନିଜ ମନଗଢ଼ା ଏକ 'ସ୍ୱପନ ଲୋକ—ଗୋପନ ପୁର' ସୃଷ୍ଟି କରି ସୁଖଶାନ୍ତି ପାଇବା ଆଶାରେ ତାରି ଭିତରେ ଆତ୍ମଗୋପନ କରିବାର ପ୍ରୟାସ ଏଥିରେ ସ୍ପଷ୍ଟ ।

ଏହା ଉପରୁ କବି କୁଞ୍ଜବିହାରୀଙ୍କ ପ୍ରକୃତି ଚିତ୍ରଣ ଉଲ୍ଲେଖଯୋଗ୍ୟ । କୁଞ୍ଜବିହାରୀ ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ ଜଣେ ଶ୍ରେଷ୍ଠ ପ୍ରକୃତି କବି । ପ୍ରକୃତି ବର୍ଣ୍ଣନାରେ ଗୋଟିଏ ଦିଗରେ ସେ ରାଧାନାଥଙ୍କୁ ଅନୁସରଣ କରିଛନ୍ତି, ତା'ର ଫଳ ତାଙ୍କର 'ଉର୍ମି' ଓ 'କଳ-କଲ୍ଲୋଳ'ର ଅଧିକାଂଶ କବିତା । ଅନ୍ୟ ଦିଗରେ ସେ ଏକ ନୂଆ ପଥର ଦିଶାରୀ, ତା'ର ଫଳ ତାଙ୍କର 'ବାଜି' କବିତା । ଏଥିରେ ପ୍ରକୃତି-ଚିତ୍ରଣ ଭିତରେ ନାନା ସାମାଜିକ ଓ ଜାତୀୟ ସମସ୍ୟାର ଅବତାରଣା କରି ସେ ସଫଳତା ଅର୍ଜନ କରିଛନ୍ତି । 'ବାଜି' ପ୍ରଭାତ ବିଷୟରେ କବିତାଟି ଲିଖିତ ହୋଇଥିଲେହେଁ କବିଙ୍କର ସମାଜ-ଚେତନା ଓ ସ୍ୱଦେଶପ୍ରେମ ପ୍ରକୃତି-ଚିତ୍ରଣକୁ ଗୌଣ କରି ଦେଇଛି । ତେଣୁ କବିତାରେ 'ବାଜି' ଦୃଶ୍ୟ ଉପଭୋଗ କରୁ କରୁ ସତକୁ ସତ ନୟନରେ ଦିଶି ପଡ଼େ 'ଶତ ଅଶ୍ରୁର ବାଜି ।'

ଶେଷରେ ବର୍ତ୍ତମାନ କାବ୍ୟ-ସାହିତ୍ୟରେ ପ୍ରକୃତିର ସ୍ଥାନ କେଉଁଠି—ଏ କଥା ଟିକିଏ କହେଁ । ଉପକ୍ରମଣିକାରେ ଏ ସମ୍ପର୍କରେ ଯେଉଁ ପଦକ କୁହାଯାଇଛି, ତାହା ହୁଏତ ଯଥେଷ୍ଟ ନୁହେଁ । ଆଜି ସାହିତ୍ୟର ମୂଳ ଆଧାର ସମ୍ପର୍କରେ ନେତି-ବାଚକ ତର୍କର ଆଉ ଅବକାଶ ନାହିଁ । ସାହିତ୍ୟର ପଣ୍ଡିତମାନେ ଏଥିରେ ଏକମତ ଯେ—ସାହିତ୍ୟର ମୂଳ ଆଖ୍ୟାନ ବସ୍ତୁ ହେଉଛି ମଣିଷ ଏବଂ ତା' ସହିତ ତା'ର ପାରିପାର୍ଶ୍ୱିକ ଜଗତ୍ । ଏ ଜଗତ୍‌ରେ ପ୍ରକୃତି ସହିତ ଚାଲିଛି ମଣିଷର ଅବିରାମ ଦ୍ୱନ୍ଦ୍ୱ । ପ୍ରକୃତିକୁ ଆଜି ମଣିଷ ଶାସନ କରୁଛି, ଖଟାଉଛି ନିଜ ସେବା-ନିଯୋଗରେ । ତେଣୁ ପ୍ରକୃତି ଚିତ୍ରଣରେ କବିର ଦୃଷ୍ଟିକୋଣ ପରିବର୍ତ୍ତିତ ହୋଇଛି । ପ୍ରକୃତିର ସୌନ୍ଦର୍ଯ୍ୟକୁ କବି ଯେ ଆଜି ସମ୍ପୂର୍ଣ୍ଣ ଅବହେଳା କରୁଛି, ତା' ନୁହେଁ । ମାତ୍ର ମଣିଷ ଜୀବନ ଚିତ୍ର

କରିବାପାଇଁ ପ୍ରକୃତିର ଅଂଶ ଯେତିକି ଦରକାର, ସେତିକି ମାତ୍ର ସେ ଗ୍ରହଣ କରୁଛନ୍ତି । ମୋଟାମୋଟି ବର୍ତ୍ତମାନ ସାହିତ୍ୟରେ ଜୀବନ-ଚିତ୍ରଣ ପରେ ପ୍ରକୃତି-ବର୍ଣ୍ଣନାର ସ୍ଥାନ । ସେଥିପାଇଁ ଇଂରାଜୀ ସାହିତ୍ୟରେ 'ଦ ଡେଫୋଡିଲସ୍' କିମ୍ବା 'ଓଡ୍ ଟୁ ଦ ୱେଷ୍ଟ୍ ୱିଣ୍ଡ୍' ଭଳି କବିତା ଆଜି ଲିଖିତ ହେଉନି, ହେବା ମଧ୍ୟ ଅସମ୍ଭବ । ମାତ୍ର ଓଡ଼ିଆ ସାହିତ୍ୟରେ ଏବେ ବି 'ଚିଲିକା' ଧରଣର କବିତା ଲିଖିତ ହେଉଛି । ଏହା ହିଁ ବିସ୍ମୟର କଥା । ଏଠାରେ ଗୋଟିଏ ମଜା କଥା ମନେ ପଡ଼ୁଛି । ୧୯୩୮ ରେ ଇଂରାଜୀ ଲେଖକ ସମରସେଟ୍ ମାମ୍ ଭାରତ ଆସିଥାନ୍ତି । ଏଠାକାର ନାନା ଦର୍ଶନୀୟ ସ୍ଥାନ ଦେଖି ବାହୁଡ଼ିଗଲା ବେଳେ ତାଙ୍କୁ ପଚରାଗଲା—ଭାରତର କେଉଁ ଦୃଶ୍ୟଟି ତାଙ୍କୁ ସବୁଠାରୁ ବେଶୀ ସ୍ପର୍ଶ କରିଛି । ପ୍ରଶ୍ନକର୍ତ୍ତା ଭାବିଥିଲେ—ତାଜମହଲ କିଂବା ହିମାଳୟର ଗିରିମାଳା ପରି କିଛି ଗୋଟାଏ ସାଦାସିଧା ଉତ୍ତର ମାମ୍‌ଙ୍କଠାରୁ ମିଳିବ । କିନ୍ତୁ ହାୟ ହତଭାଗ୍ୟ, ମାମ୍‌ଙ୍କ ଶିଳ୍ପୀ-ହୃଦୟକୁ ସେ ସବୁ କୌଣସି ଦୃଶ୍ୟ ସ୍ପର୍ଶ କରି ପାରିନି । ମାମ୍ ଉତ୍ତର ଦେଲେ—"ମୋ ହୃଦୟକୁ ସବୁଠାରୁ ଗଭୀର ଭାବେ ଛୁଇଁଛି ଏଇ ଅଧାଖିଆ, ଅଧା-ଲଙ୍ଗଳା, ଦରମଲା ଭାରତୀୟ କୃଷୀ କଥାଟି ।" ଅଥଚ ସେହି ମାମ୍ ଠିକ୍ ୩୮ ବର୍ଷ ତଳେ ଥରେ ଜଣେ ବନ୍ଧୁଙ୍କ ସହ ପୂର୍ଣ୍ଣ ପ୍ରାଣରେ ସୂର୍ଯ୍ୟାସ୍ତ ଶୋଭା ଉପଭୋଗ କରୁଥିଲେ; ବନ୍ଧୁ ଜଣକ ତାଙ୍କର ଏପରି ସୌନ୍ଦର୍ଯ୍ୟ ପ୍ରେମ ଦେଖି ତାଙ୍କୁ 'ବଡ଼ ଇଂରାଜୀ-ପ୍ରକୃତିର ଲୋକ' ବୋଲି ଗାଳି ଦେଇଥିଲେ ଏବଂ ମାମ୍ ଆନନ୍ଦରେ ତାହା ପ୍ରଶଂସା ରୂପେ ଗ୍ରହଣ କରିଥିଲେ । ଏଇ ଦୁଇଟି ଘଟଣାରୁ ପ୍ରକୃତି-ଦର୍ଶନରେ ଶିଳ୍ପୀ-ମାନସର କିପରି ରୂପାନ୍ତର ଘଟିଛି, ତାହା ଅତି ସ୍ପଷ୍ଟ ଭାବେ ଦେଖିବାକୁ ମିଳେ । ସୁଖର କଥା, ଏବେ ଓଡ଼ିଆ କବି-ମାନସର ଏହିପରି ରୂପାନ୍ତର ଘଟିଛି ଓ ଘଟୁଛି ମଧ୍ୟ । ତେଣୁ ଆଜିର ପ୍ରକୃତି-କବି 'କୁଙ୍କୁମା

'ଜଳକଲ୍ଲୋଳ' ପରେ ପରେ ଲେଖୁଛନ୍ତି 'ବାଘା' ଓ 'ଜଙ୍ଗଲର ଲକ୍ଷ', ଯେଉଁଥିରେ ଗୌଣ ପ୍ରବନ୍ଧ-ଚୟନ ଭିତରେ ମନ୍ଦ୍ରନାଦରେ ଧ୍ୱନିତ ହେଉଛି—ଜୀବନର ଜୟଗାନ ।

ଶାନ୍ତିନିକେତନ—୧୯୫୪

# ଓଡ଼ିଆ ଲୋକ-ସାହିତ୍ୟ

( ଆଲୋଚନାରେ ଏକ ନୂତନ ସମ୍ଭାବନା )

ଚେର ନ ଥିଲେ ଗଛ ଉପରକୁ ଉଠିଇ ପାରେନା, ପରଂପରାର ବୁନିଆଦ୍ ନ ଥିଲେ ସଂସ୍କୃତି ସ୍ୱଚ୍ଛନ୍ଦରେ ଆଗେଇ ପାରେନା । ପ୍ରାଚୀନ ପରଂପରା ଓ ଐତିହ୍ୟରୁ ରସ ଗ୍ରହଣ କରି ତାହାରୁ ସଂସ୍କୃତି ବର୍ତ୍ତମାନ କାଳକୁ ନିଜର ଶାଖା ପ୍ରଶାଖା ମେଲାଇ ଦିଏ । ତେଣୁ ଆଜି ସାହିତ୍ୟର ମୂଲ୍ୟବୋଧରେ ପ୍ରାଚୀନ ପରଂପରାକୁ ଉନ୍ମୁଖ ଦେଖିବାର ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ପରିସ୍ଫୁଟ । ଲୋକ-ସାହିତ୍ୟ ଭିତରେ ପ୍ରତ୍ୟେକ ଦେଶର ଜାତୀୟ ପରଂପରା ପ୍ରଚ୍ଛନ୍ନ ଥାଏ । ତେଣୁ ସାଂସ୍କୃତିକ ଅଗ୍ରଗତି ପାଇଁ ଲୋକ-ସାହିତ୍ୟ ସଂଗ୍ରହ ଓ ଗବେଷଣା କାର୍ଯ୍ୟ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ ହୋଇ ବର୍ତ୍ତମାନ ପୃଥିବୀରେ ବ୍ୟାପକ ଭାବେ ଚାଲିଛି । ଓଡ଼ିଶାରେ ମଧ୍ୟ ପଣ୍ଡିତ କପିଳେଶ୍ୱର ନନ୍ଦଙ୍କଠାରୁ ଆରମ୍ଭ କରି ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ପର୍ଯ୍ୟନ୍ତ ସଂସ୍କୃତିପ୍ରେମୀ ବ୍ୟକ୍ତିମାନେ ଓଡ଼ିଆ ଲୋକ-ସାହିତ୍ୟ ସଂଗ୍ରହ, ସଂକଳନ ଓ ଗବେଷଣା କାର୍ଯ୍ୟ କରିଛନ୍ତି । ସାହିତ୍ୟକୁ ଯଦି 'ଶ୍ରାବ୍ୟ' ଓ ଦୃଶ୍ୟ ଶୀର୍ଷକ ଦୁଇ ଭାଗରେ ବିଭକ୍ତ କରାଯାଏ, ତାହାହେଲେ ଉପରୋକ୍ତ ପଣ୍ଡିତମାନେ ଓଡ଼ିଆ ଶ୍ରାବ୍ୟ ଲୋକ-ସାହିତ୍ୟ ସଂଗ୍ରହ ଓ ଗବେଷଣା ଉପରେ ଯେତେ ଧ୍ୟାନ ଦେଇଛନ୍ତି, ଦୃଶ୍ୟ ଲୋକ-ସାହିତ୍ୟ ଉପରେ ସେତେ ଦେଇ ପାରିଛନ୍ତି ବୋଲି ମନେ ହୁଏନା । ତେଣୁ ଓଡ଼ିଆ ଲୋକ-ସାହିତ୍ୟ ଗବେଷଣାରେ ଏହାର ଦୃଶ୍ୟ ଦିଗଟିର ଆଲୋଚନା ଗୋଟିଏ ନୂତନ ସମ୍ଭାବନା ।

ଓଡ଼ିଆ ଦୃଶ୍ୟ ଲୋକ-ସାହିତ୍ୟ ବୋଇଲେ ପାଲା, ଯାତ୍ରା, ଦାସକାଠିଆ, ଗୋଟିପୋ ପ୍ରଭୃତି ଗଣନାଟ୍ୟ ଅନୁଷ୍ଠାନ ପ୍ରଧାନ । ମାତ୍ର ପାଲା ଓ ଯାତ୍ରା ପରି ଦାସକାଠିଆ କିଂବା ଗୋଟିପୋ ଓଡ଼ିଶାରେ ସେତେ ଜନପ୍ରିୟ ଓ ବହୁଳ-ପ୍ରଚଳିତ ନୁହେଁ । ଦାସକାଠିଆକୁ ମଧ୍ୟ ପାଲାର ଏକ ସଂକ୍ଷିପ୍ତ ସଂସ୍କରଣ ରୂପେ ଧରାଯାଇ ପାରେ । କାରଣ ପୋଷାକ-ପରିଚ୍ଛଦରେ, ଗାଇବା ଭଙ୍ଗୀରେ ଦାସକାଠିଆମାନେ ପାଲାବାଲାଙ୍କ ସହିତ ସମାନ । ତଫାତ୍ ଭିତରେ ଏତିକି—ପାଲାଦଳରେ ଗାୟକ, ବାଦ୍ୟକ ଓ ପାଳିଆ ମିଶି ପାଞ୍ଚ ଛଅ ଜଣ ପର୍ଯ୍ୟନ୍ତ ଥାଆନ୍ତି; ମାତ୍ର ଦାସକାଠିଆରେ ଗାୟକ ଓ ପାଳିଆ ମିଶି ମୋଟେ ଦୁଇ ଜଣ । ପାଲାବାଲାମାନେ ମୃଦଙ୍ଗ, କରତାଳ ବ୍ୟବହାର କରନ୍ତି, ମାତ୍ର ଦାସକାଠିଆମାନେ ଦାସକାଠି ଓ ଝାଞ୍ଜ ହଲକରେ କାମ ତୁଲାନ୍ତି । ସେହିପରି ଗୋଟିପୋ ନାଚ ମଧ୍ୟ ଯାତ୍ରାର ଏକ ସଙ୍କୋଚିତ୍ ସଂସ୍କରଣ । ଯାତ୍ରା ଭିତରେ ବି ଆଜିକାଲି ଗୋଟିପୋ ନାଚ ପ୍ରଦର୍ଶିତ ହୋଇଥାଏ । ତେଣୁ ବର୍ତ୍ତମାନ ଆଲୋଚନାରୁ ଦାସକାଠିଆ ଓ ଗୋଟିପୋକୁ ବାଦ୍ ଦେଇ ମୁଖ୍ୟ ଗଣନାଟ୍ୟ ହିସାବରେ କେବଳ ପାଲା ଓ ଯାତ୍ରାର ବିଚାର କରାଯାଉ !

## ପାଲା

ପାଲାକୁ ଠିଆ ପାଲା ଓ ବାଦ ପାଲା —ଏହିପରି ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଉଭୟ ପ୍ରକାର ପାଲାରେ ସତ୍ୟନାରାୟଣ ବା ସତ୍ୟପୀର ପୂଜା ବିଧି ଥିଲେ ମଧ୍ୟ ବାଦ ପାଲାରେ ତାହା ସାଧାରଣତଃ ମୁଖ୍ୟ ସ୍ଥାନ ଲାଭ କରିଥାଏ । ପୂଜାରେ ଜଣେ ପୁରୋହିତ କବିକର୍ଣ୍ଣ-ବିରଚିତ ଷୋଳ ପାଲା ଗାନ କରନ୍ତି । ମଝିରେ ମଝିରେ ଶ୍ରୋତାମାନଙ୍କ ମଧ୍ୟରୁ କେତେଜଣ ଗାୟକ ଦୁହା ଧରନ୍ତି । କବିକର୍ଣ୍ଣଙ୍କ ସତ୍ୟନାରାୟଣ ଜନ୍ମ ପାଲା, ପଦ୍ମଲୋଚନ ପାଲା, ବିଦ୍ୟା-

ଧର ପାଲା, ଶଙ୍କର ଗୁଡ଼ିଆ ପାଲା ପ୍ରଭୃତି ଷୋଳ ଗୋଟି ପାଲାର ଭାବାର୍ଥ ମଧ୍ୟରେ ସତ୍ୟପୀରଙ୍କ ମହିମା ବର୍ଣ୍ଣନା ହିଁ ପ୍ରଧାନ କଥା । ଏ ପାଲାଗୁଡ଼ିକର ଭାଷା ବଙ୍ଗଳା ଓଡ଼ିଆ ମିଶାମିଶି—ଯଥା ସମ୍ଭବ ମେଦନୀପୁରର ଉପଭାଷା । ପୁଣି ଓଡ଼ିଆ ଗାୟକଙ୍କ ମୁଖରେ ଗୀତ ହେଉଥିବାରୁ ଏଥିରେ ଅନେକ ଅବିକଳ ଓଡ଼ିଆ ଶବ୍ଦ, ଉଚ୍ଚାରଣ-ଗତ ବୈଶିଷ୍ଟ୍ୟ ପ୍ରବେଶ କରିଛି । ତା ଛଡ଼ା ମୁସଲମାନ ଶାସନର ପ୍ରତ୍ୟକ୍ଷ ପ୍ରଭାବ ଅଧୀନରେ ପାଲାଗୁଡ଼ିକ ଲିଖିତ ହୋଇଥିଲା, ତେଣୁ ଏଥିରେ ଯାବନିକ ଶବ୍ଦର ବହୁଳ ପ୍ରୟୋଗ ଦେଖିବାକୁ ମିଳେ । ଉଦାହରଣ:—

ଫକୀର ବଲେନ ବାବା ଶୁନ ମେରା ବାତ୍
ଏହି ସବ୍ ମାଲ୍ ହାମ ନାହିଁ ରଖି ସାତ୍
ରସୁଲ୍ ହାମାର ନାମ ଅଧମ ଫକୀର
ଫିରିବ ହାମାର ଭେତରେ ଭିକ୍ଷାର ଖାତିର ।
ଏତେ ମାଲମତା ଲୟେ କ୍ୟା କରେଙ୍ଗା ମେଇ
କ୍ୟା ପ୍ରୟୋଜନ ହୋଗା ଗଣିବ ବନାଇ ।

—ଅଭିମନ୍ୟୁମଦନ ପାଲା

ପାଲାଗୁଡ଼ିକ ଭିତରେ ମଧ୍ୟ ଅନେକ ପ୍ରକ୍ଷିପ୍ତ ରଚନା କବିକର୍ଣ୍ଣଙ୍କ ନାମରେ ଭର୍ତ୍ତି ହୋଇଥିବାର ଦୃଷ୍ଟାନ୍ତ ମିଳେ । ପାଲା ମଝିରେ ମଝିରେ ଦିଆଯାଇଥିବା ଛନ୍ଦ, ଚୌପଦୀ ଓ ଅନ୍ୟାନ୍ୟ ଗୀତଗୁଡ଼ିକର ଭାଷା ଓଡ଼ିଆ ଏବଂ ଏଗୁଡ଼ିକର ରଚୟିତା କବି ଗୋପାଳକୃଷ୍ଣଙ୍କଠାରୁ ଆରମ୍ଭ କରି କଟକ ଅରୁଣୋଦୟ ପ୍ରେସର ନିତ୍ୟାନନ୍ଦ ସାହୁଙ୍କ ପର୍ଯ୍ୟନ୍ତ । ଠିଆପାଲା ତୁଳନାରେ ବାଦିପାଲାର ଖର୍ଚ୍ଚ କମ୍ ଥିବାରୁ ଲୋକେ ସହଜ ଓ ସୁବିଧାରେ ବାଦିପାଲା କରାଇଥାନ୍ତି । ତଥାପି ରସୋପଭୋଗ ଓ ଅବସର-ବିନୋଦନ ଦୃଷ୍ଟିରୁ ଠିଆପାଲା ବର୍ତ୍ତମାନ

ଏତେ ଜନପ୍ରିୟ ହୋଇ-ପଡ଼ନ୍ତି ଯେ ଗାଦଗାଲାର ଅଧର ଧନକୁ ଧନ ଭଣ୍ଡ ହୋଇ ଯାଉନ୍ତି ।

ସତ୍ୟନାରାୟଣଙ୍କ ପୂଜା ଉଦ୍ଦେଶ୍ୟରେ ଠିଆଣାଲ ଭଗଯାଉ ଥିଲେହେଁ ଏଥିରେ ଭରକଣ୍ଠଙ୍କ ଚୋଲପାଲ କ୍ୱଚିତ୍ ଗୀତ ହୋଇ-ଥାଏ । ପାଲାଦଲଗୁଡ଼ିକ ସାଧାରଣତଃ ବଭିନ୍ନ କବିଙ୍କଦ୍ୱାରା ରଚିତ ନାନା ପୌରାଣିକ କାହାଣୀ ଓ ଉପାଖ୍ୟାନ ବଭିନ୍ନ ରାଗ ରାଗିଣୀରେ ଗାୟନ କରିଥାନ୍ତି ଏବଂ ମଝିରେ ମଝିରେ ପ୍ରସଙ୍ଗ କ୍ରମେ ପ୍ରାଚୀନ ତଥା ଅଧୁନିକ ପୁରାଣ କାବ୍ୟରୁ ପଦ୍ୟାଂଶମାନ ଉଦାହରଣ ଦେଇଥାନ୍ତି । ତେଣୁ ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁ, କବିସୂର୍ଯ୍ୟ ବଳଦେବ ଏବଂ ଏପରିକି ରାଧାନାଥଙ୍କ କାବ୍ୟ କବିତା ଓଡ଼ିଶାର ପୁରପଲ୍ଲୀରେ ପ୍ରଚରିତ ହେବାର ସୁବିଧା ପାଏ । ପାଲାଦଲର ଗାୟକ ସାଧାରଣତଃ ଜଣେ ପଣ୍ଡିତ ବ୍ୟକ୍ତି । ସଂସ୍କୃତ ଓ ଓଡ଼ିଆ ସାହିତ୍ୟ ଭିତରେ ତାଙ୍କର ପ୍ରବେଶ ଥାଏ । ତାଙ୍କର ଗୀତ ଗାଇବା ଭଙ୍ଗୀ, ବ୍ୟାଖ୍ୟା କରିବା କୌଶଳ ଏବଂ ବାୟକ ଓ ପାଳିଆମାନଙ୍କର ବଂଗୋକ୍ତି, ହାସ୍ୟୋଦ୍ଦୀପକ ଅଭିନୟ ସମୁଦାୟ ପାଲ ଅନୁଷ୍ଠାନଟିକୁ ଏପରି ରସୋତ୍ତୀର୍ଣ୍ଣ କରିଦିଏ ଯେ ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇ ରାତି ରାତି ଜାଗି ତାହା ଉପଭୋଗ କରନ୍ତି ।

ପାଲ ଲେଖକ ହେଉଛନ୍ତି ଓଡ଼ିଶା ଗାଁ ଗହଳର କବି । ଲୋକ-ମାନସ ସହିତ ତାଙ୍କର ଘନିଷ୍ଠ ପରିଚୟ ଥିବାରୁ ସେ ଲୋକରୁଚି ଅନୁଯାୟୀ ବିଭିନ୍ନ ରାଗ ରାଗିଣୀରେ ବିଭିନ୍ନ ରସ ସମାବେଶ କରି ପାଲ ରଚନା କରନ୍ତି । ପାଲ-ଲେଖକ ସମ୍ପୂର୍ଣ୍ଣ ମୌଳିକ ନୁହନ୍ତି, ବିଭିନ୍ନ କବିଙ୍କ କାବ୍ୟ କବିତାରୁ ପଦମାନ ସ୍ଥଳେ ପଦ୍ୟାଂଶ ସନ୍ନିବେଶ ମିଶାଇ 'ସୀତା-ବନବାସ' କିମ୍ବା 'ଦ୍ରୌପଦୀ-ସ୍ୱୟମ୍ବର' ପରି ପାଲ ଟିଏ କରାଇ ଦିଅନ୍ତି । ପାଲ-ରଚନାରେ ବର୍ତ୍ତମାନ ବିଶେଷ ମୌଳିକତା

ଦେଖାଇଛନ୍ତି ଜଣ କୃଷ୍ଣପ୍ରସାଦ ବସୁ । ସେ ନିଜେ ଜଣେ ସଙ୍ଗୀତଜ୍ଞ ହୋଇଥିବାରୁ ଯେଉଁ ଭାବକୁ ଯେଉଁ ରାଗରେ ଫୁଟାଇବାର କଥା, ତାହା ସରସ ସୁନ୍ଦର ଭାବେ ଫୁଟାଇ ପାରନ୍ତି । ସେଥିପାଇଁ ତାଙ୍କର ଦମୟନ୍ତୀ, ନିକୁମ୍ଭିଳା, ଦାସପଙ୍କ, ବଡ-ଦେବଯାନୀ ପ୍ରଭୃତି ପାଲା ଓଡ଼ିଶାରେ ଖୁବ୍ ଜନପ୍ରିୟତା ହାସଲ କରିଛି । ସେ ପ୍ରାୟ ୫୦।୬୦ ଖଣ୍ଡି ପାଲା-ଉପଯୋଗୀ କାବ୍ୟ ଲେଖିଥିବାର ଜଣାଯାଏ । ମାତ୍ର ତା' ମଧ୍ୟରୁ ଅଧିକାଂଶ ଅପ୍ରକାଶିତ ।

ଓଡ଼ିଶାରେ ପାଲାର ପ୍ରଚଳନ ବହୁ ଦିନର କଥା ନୁହେଁ । ଅଷ୍ଟାଦଶ ଶତାବ୍ଦୀ ପ୍ରଥମ ଭାଗରେ ଓଡ଼ିଶାର ହିନ୍ଦୁ-ମୁସଲମାନଙ୍କ ଭିତରେ ଏକତା ସ୍ଥାପନ ଉଦ୍ଦେଶ୍ୟରେ ପାଲାର ପ୍ରଚଳନ ହେଲା । (୧) କିନ୍ତୁ ଖୁବ୍ ସମ୍ଭବ ଏହା ପୂର୍ବରୁ ପାଲାର ଉତ୍ପତ୍ତି ହୋଇଥିଲା ବଙ୍ଗଳାରେ । ମୁସଲମାନ ଶାସନ-ଚକ୍ର ତଳେ ଓଡ଼ିଶା ପୂର୍ବରୁ ବଙ୍ଗଳା ଧାର୍ମିକ ସଂଘର୍ଷର କ୍ଷେତ୍ର ହୋଇସାରିଥିଲା । ସେଠାରେ ବହୁ ‘ହିନ୍ଦୁ କଣ୍ଟକର୍ଣ୍ଣ ପୀରର ନଫର’ ରୂପେ ହିନ୍ଦୁ ମୁସଲମାନଙ୍କ ଭିତରେ ଧାର୍ମିକ ଏକତା ଆଣିବାକୁ ଚେଷ୍ଟା କରିଥିଲେ । ତେଣୁ ବଙ୍ଗଳାରେ ଆଜିର ହଜରତ ସତ୍ୟପୀରଙ୍କୁ ହିନ୍ଦୁ ଦେବତା-ଅନ୍ତର୍ଭୁକ୍ତ କରାଯାଇଥିଲା । ଓଡ଼ିଶାରେ ଅନେକ ମଧ୍ୟ ଏ ଭାବଧାରାରେ ପ୍ରଭାବାନ୍ୱିତ ହୋଇଥିଲେ । ଫଳତଃ ମୁସଲମାନ ସୁବାଦାରଙ୍କ ଅଧୀନରେ ଥିବା ଓଡ଼ିଶା ସତ୍ୟପୀର ପୂଜା ଓ ତାଙ୍କର ମହିମା-କୀର୍ତ୍ତନ ସୋଳପାଲା ଗ୍ରହଣ କରି ନେବାରେ ପଶ୍ଚାତ୍ପଦ ହୋଇ ନ ଥିଲା ।

କିନ୍ତୁ ଓଡ଼ିଶାର ମୁଖ୍ୟ ଧର୍ମପୀଠ ଜଗନ୍ନାଥ କ୍ଷେତ୍ରରେ ଏ ଭାବଧାରା ବୋଧହୁଏ ସ୍ୱୀକୃତି ଲାଭ କରି ପାରିଲା ନାହିଁ । ଏହାର ବହୁ ପୂର୍ବରୁ କଳାପାହାଡ଼ଙ୍କ ସମୟରେ ଏ ଧର୍ମପୀଠ ଇସଲାମ୍ ଧର୍ମକୁ ପୂର୍ଣ୍ଣ ରୂପେ

(୧) A Study of Orissan Folk-Lore, Dr. K. B. Das — Page 79

ଅସ୍ୱୀକାର କର ସାରଥିଲା । ଫଳରେ ସତ୍ୟପୀର ପୂଜା ଓ ସୋଲପାଲା ଓଡ଼ିଆ ସଂସ୍କୃତରେ ପଶି ମଧ୍ୟ ପଶି ପାରିଲା ନାହିଁ । ହୁଏତ ମୁସଲମାନ ଶାସକଙ୍କ ଭୟରେ ଅନେକେ ଏ ପୂଜା କିଛି ଦିନପାଇଁ ଚଳାଇଥିଲେ ଓ ନିୟମାନୁଯାୟୀ ସୋଲପାଲା ଗୀତ କରାଇଲେ । କିନ୍ତୁ କାଳକ୍ରମେ ସତ୍ୟପୀର ପୂଜା ନାମଟି ମାତ୍ର ଅବଶିଷ୍ଟ ରହିଲା ଏବଂ ପୂଜା ସ୍ଥଳରେ କବିକର୍ଣ୍ଣଙ୍କ ସୋଲପାଲା ବଦଳରେ ଗୀତ ହେଲା ବିଶୁଦ୍ଧ ଓଡ଼ିଆ କାବ୍ୟ କବିତା । ବର୍ତ୍ତମାନ ଓଡ଼ିଶାରେ ସୋଲପାଲା ଖୁବ୍ କ୍ୱଚିତ୍ ଗୀତ ହୁଏ ଏବଂ ସତ୍ୟପୀର ପୂଜା କେବଳ ଖଣ୍ଡିଏ ପିଢ଼ା ଓ ପାଟକନାର ଆସନ, ପାନ ଗୁଆ କଦଳୀର ନୈବେଦ୍ୟ, ଆଉ କଳସ-ପୂଜାରେ ଆବଦ୍ଧ ଥାଏ । ଆଜି ପାଲା ଅନୁଷ୍ଠାନ ଉପରେ ମୁସଲମାନ ପ୍ରଭାବର ପରିଚୟ ଦିଏ କେବଳ ମାତ୍ର ପାଲବାଲାଙ୍କର କୌତୁକପ୍ରଦ ବେଶ-ପୋଷାକ ।

ଯାହାହେଉ, ପାଲା ଆଜି ଏକ ଖାଣ୍ଟି ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ । ପ୍ରାୟ ଦୁଇ ଶତ ବର୍ଷର ବିବର୍ତ୍ତନ ଫଳରେ ପାଲା ଆଜି ଏହି ଅବସ୍ଥାରେ ଆସି ପହଞ୍ଚିଛି ଏବଂ ବହୁକାଳ ଧରି ଜନସାଧାରଣଙ୍କ ଭିତରେ ବିଦଗ୍ଧ ସାହିତ୍ୟର ପ୍ରଚାର ଓ ପ୍ରସାର କରିଛି । ତେଣୁ ଭଞ୍ଜ, ଅଭିମନ୍ୟୁ, କବିସୂର୍ଯ୍ୟ ପ୍ରଭୃତିଙ୍କ କାବ୍ୟ କବିତା ବର୍ତ୍ତମାନ ଲୋକ ସାହିତ୍ୟରେ ପରିଣତ ହୋଇ ପାରିଛି । ପାଲାର ଏହି ସାହିତ୍ୟିକ ଭୂମିକା ହିଁ ବିଶେଷ ଉଲ୍ଲେଖଯୋଗ୍ୟ । ଏଥିପାଇଁ ପାଲା ଆଜି ଗାଁଗହଳରୁ ଉନ୍ନୀତ ହୋଇ ସହରର ଆଧୁନିକ ଶିକ୍ଷିତ ସମାଜରେ ଆସନ ଲାଭ କରିଛି । ବର୍ତ୍ତମାନ ସ୍କୁଲ୍-କଲେଜମାନଙ୍କରେ ଅନେକ ସମୟରେ ପାଲା ଅନୁଷ୍ଠିତ ହେଉଛି । ସବୁଠାରୁ ଆନନ୍ଦର କଥା— ଓଡ଼ିଶାର ଏହି ସର୍ବଜନପ୍ରିୟ ସାଂସ୍କୃତିକ ଅନୁଷ୍ଠାନପ୍ରତି ସରକାରଙ୍କ ଦୃଷ୍ଟି ମଧ୍ୟ ଆକର୍ଷିତ ହୋଇଛି । ଗତ ୧୯୬୪ ନଭେମ୍ବର ମାସ ଶେଷ ସପ୍ତାହରେ ସରକାରଙ୍କ ଲୋକସମ୍ପର୍କ ବିଭାଗ ତରଫରୁ ଭୁବନେଶ୍ୱର-

ଠାରେ ପାଲା ଓ ଦାସକାଠିଆ ପ୍ରତିଯୋଗିତା ହୋଇ ଯାଉଛି । ଏ ପ୍ରତିଯୋଗିତାରେ ଓଡ଼ିଶାର ବିଖ୍ୟାତ ପାଲା ଓ ଦାସକାଠିଆ ଦଳ-ଗୁଡ଼ିକ ଯୋଗ ଦେଇଥିଲେ । ଲୋକସଂପର୍କ ବିଭାଗର ଅଧ୍ୟକ୍ଷ ମହୋଦୟ ପାଲା ଓ ଦାସକାଠିଆ ଶିଳ୍ପୀମାନଙ୍କୁ ଭେଟି ସ୍ୱାଧୀନତା ହାସଲ ପରେ ପରିବର୍ତ୍ତିତ ପରିସ୍ଥିତିରେ ସେମାନେ ସରକାରର ଲୋକପ୍ରିୟ ସାହିତ୍ୟ ପ୍ରଚାରରେ କିପରି କାର୍ଯ୍ୟ କରିବେ, ତାହା ବୁଝାଇଥିଲେ । ପ୍ରକୃତରେ, ବର୍ତ୍ତମାନ ପାଲା ପ୍ରଭୃତି ପ୍ରାଚୀନ ସାଂସ୍କୃତିକ ଅନୁଷ୍ଠାନ ଭିତରେ ଜାତୀୟ ଜୀବନର ନୂତନ ଭାବଧାରା ପ୍ରତିବିମ୍ବିତ ହେବା ଆବଶ୍ୟକ ବୋଲି ସମସ୍ତେ ଉପଲବ୍ଧି କରୁଛନ୍ତି । ମୋଟାମୋଟି ପାଲାର ସଂସ୍କାର ବର୍ତ୍ତମାନ ଅତି ଜରୁରୀ ହୋଇ ପଡ଼ିଛି ।

## ଯାତ୍ରା

ପାଲା ପରି ଯାତ୍ରା ମଧ୍ୟ ଓଡ଼ିଶାର ଅନ୍ୟତମ ପ୍ରଧାନ ଗଣନାଟ୍ୟ ଅନୁଷ୍ଠାନ । ଯାତ୍ରା ବୋଇଲେ ପ୍ରଧାନତଃ ସୁଆଙ୍ଗ, ଗୀତାଭିନୟ ଓ ଗୀତିନାଟ୍ୟକୁ ବୁଝାଇ ଥାଏ । ଗାଁ ଗହଳର ଉନ୍ମୁକ୍ତ ପଡ଼ିଆ ମଧ୍ୟରେ ମୁକ୍ତ ରଙ୍ଗମଞ୍ଚରେ ଏଗୁଡ଼ିକ ଅଭିନୀତ ହୋଇ ହଜାର ହଜାର ଦର୍ଶକଙ୍କୁ ମୁଗ୍ଧ କରେ । ଆଧୁନିକ ସିନେମା ଥିଏଟର୍‌ର ପ୍ରଚଳନ ପୂର୍ବରୁ ଓଡ଼ିଶାର ଏହି ଯାତ୍ରା ଅନୁଷ୍ଠାନହିଁ ଲୋକମାନଙ୍କର ଅଭିନୟ ଦର୍ଶନ-ପିପାସା ଚରିତାର୍ଥ କରୁଥିଲା ଏବଂ ବର୍ତ୍ତମାନ ସିନେମା ଥିଏଟର୍‌ର ବହୁଳ ପ୍ରସାର ସତ୍ତ୍ୱେ ଏହାର ଜନପ୍ରିୟତା ପୂର୍ବ ପରି ଅକ୍ଷୁଣ୍ଣ ରହିଛି ।

ଦୃଶ୍ୟ ଲୋକ-ସାହିତ୍ୟ ହିସାବରେ ଯାତ୍ରାର ଉନ୍ମେଷ ଏବର କଥା ନୁହେଁ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତରେ ସଂସ୍କୃତ ନାଟକର ଚରମ ଉତ୍କର୍ଷ ସାଧିତ ହୋଇଥିଲା । କିନ୍ତୁ ଏ ନାଟକର ଆବେଦନ ଦେଶର ଜନସାଧାରଣଙ୍କ ନିକଟରେ

ପହଞ୍ଚି ପାରି ନ ଥିଲା (୧) ଦେଶର ଏକ ସୀମାବଦ୍ଧ ଅଭିଜାତ ଗୋଷ୍ଠୀ ଥିଲେ ଏହାର ସ୍ରଷ୍ଟା ଓ ଉପଭୋକ୍ତା । ତେଣୁ ନାଟ୍ୟରସ ଉପଭୋଗରୁ ଦେଶର ଏକ ବୃହତ୍ତର ସଂପ୍ରଦାୟ ସେତେବେଳେ କଣ ବାଦ୍ ପଡ଼ି ଯାଇଥିଲେ ? ଖୁବ୍ ସମ୍ଭବ, ସେତେବେଳେ ଜନସାଧାରଣଙ୍କ ମଧ୍ୟରେ ଯାତ୍ରା ପରି କୌଣସି ରକମ ଅଭିନୟ-ଅନୁଷ୍ଠାନ ପ୍ରଚଳିତ ଥିଲା । ଯଉଥିରେ ଜନସାଧାରଣଙ୍କ ଭାଷାରେ ସେହି ଜନସାଧାରଣଙ୍କ ଦ୍ୱାରା ରାମଲୀଳା, କୃଷ୍ଣଲୀଳା ପ୍ରଭୃତି ଅଭିନୀତ ହେଉଥିଲା । କୌଣସି ଦେବତାର ଉତ୍ସବ ଉପଲକ୍ଷେ ନୃତ୍ୟ-ଗୀତ ସହ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ କରିବା ହେଉଛି 'ଯାତ୍ରା' କଥାଟିର ମୂଳ ଅର୍ଥ । (୨) କିନ୍ତୁ କାଳକ୍ରମେ ଏଇ ଗମନ କରିବା କଥା ପରିବର୍ତ୍ତେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଦେବଲୀଳା ଅଭିନୟ କରିବା ଯାତ୍ରାର ପ୍ରଧାନ ଅଙ୍ଗ ହୋଇ ପଡ଼ିଲା । ସଂସ୍କୃତ ନାଟ୍ୟ ସାହିତ୍ୟ ଯୁଗରୁ ଏହି ଦେବଲୀଳାର ସ୍ୱଳ୍ପ, ସୁନ୍ଦର ଅଭିନୟ ଯାତ୍ରାର ପହିଲି ଅବସ୍ଥା । ତା'ପରେ ଷୋଡ଼ଶ ଶତାବ୍ଦୀବେଳକୁ ଯେତେବେଳେ ସଂସ୍କୃତ ନାଟ୍ୟ ସାହିତ୍ୟର ଅବନତି ଘଟିଲା, ସେତେବେଳେ ଭାରତରେ ମୁସଲମାନ ରାଜତ୍ୱ । ମୁସଲମାନ ଶାସକଗଣ ନାଟକର ବିରୋଧୀ ଥିଲେ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନର ବିକାଶରେ ବାଧା ଦେଇ ନ ଥିଲେ । ତେଣୁ ମୁସଲମାନ ରାଜତ୍ୱରେହିଁ ଓଡ଼ିଶା ଓ ବଙ୍ଗଳାରେ ଯାତ୍ରା ଅନୁଷ୍ଠାନ ଭଲ ଭାବେ ବିକାଶଲାଭ କରି ପାରିଥିଲା । ଷୋଡ଼ଶ ଶତାବ୍ଦୀର ବଙ୍ଗଳା 'ଚୈତନ୍ୟ ଭାଗବତ' ଗ୍ରନ୍ଥରେ ଯାତ୍ରା-ଅଭିନୟ ପ୍ରଚଳନ ଥିବା କଥା ଏବଂ ଯବନମାନେ ମଧ୍ୟ ରାମଲୀଳା, କୃଷ୍ଣଲୀଳା ଆଦିର ଅଭିନୟ ଦେଖି ମୁଗ୍ଧ ହେଉଥିବା କଥା ଉଲ୍ଲେଖ ଅଛି । (୩)

(୧) Encyclopaedia Britanica Vol. VII (14th Edition) Page 579
(୨) ବଙ୍ଗଳା 'ଶବ୍ଦକୋଷ ୧ମ ଭାଗ ୧୩୧୧ ସାଲ—ପ୍ରକରଣ ପୃଷ୍ଠା' ୭୫୭
(୩) ସୁକୁମାର ସେନ—ମଧ୍ୟଯୁଗର ବାଂଲା ଓ ବାଙ୍ଗାଲୀ (ବିଶ୍ୱଭାରତୀ) ପୃଷ୍ଠା ୩୭

ବଙ୍ଗର ଅଧୀନକ ପରେ ଓଡ଼ିଶା ମୁସଲମାନ ଶାସନାଧୀନ ହୋଇଥିଲା । ତେଣୁ ଓଡ଼ିଶାରେ ପ୍ରାୟ ସପ୍ତଦଶ ଶତାବ୍ଦୀ ବେଳକୁ ଯାତ୍ରା ଅନୁଷ୍ଠାନର ବିକାଶ ହୋଇଥିବା ସମ୍ଭବ । ଭଦ୍ରକ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ବଞ୍ଚି ରହିଥିବା ମୋଗଲ ତାମସା, ଚଉଡ଼ା ତାମସା ପ୍ରଭୃତିରୁ ଏ କଥା ପ୍ରମାଣ କରିଯାଇ ପାରେ । ପୁରାତନ ଯାତ୍ରାମାନଙ୍କ ଉପରେ ମୁସଲମାନ ପ୍ରଭାବ କିପରି ପଡ଼ିଥିଲା, ଡକ୍ଟର ହରେକୃଷ୍ଣ ମହତାବ ତାହା ଦୃଷ୍ଟାନ୍ତ ସହ ଦେଖାଇଛନ୍ତି । (୧)

ଆଜିର ଯାତ୍ରା ଉପରେ ମୁସଲମାନ ପ୍ରଭାବ ଖୋଜି ପାଇବା କଷ୍ଟକର । ସପ୍ତଦଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ଯାତ୍ରା ଅନୁଷ୍ଠାନ ବିଭିନ୍ନ ଅବସ୍ଥାରେ ନାନା ପରିବର୍ତ୍ତନ ମଧ୍ୟ ଦେଇ ବର୍ତ୍ତମାନ ଅବସ୍ଥାରେ ଆସି ପହଞ୍ଚିଛି । ବର୍ତ୍ତମାନ ମିଳୁଥିବା ଲେଖାମାନଙ୍କ ମଧ୍ୟରୁ ସୁଆଙ୍ଗ ପ୍ରକୃତରେ ହିଁ ଯାତ୍ରାର ପ୍ରଥମ ସ୍ତର । ସୁଆଙ୍ଗରେ ଗଦ୍ୟର ପ୍ରଚଳନ ପ୍ରାୟ ନ ଥାଏ । ରାଜା, ରାଣୀ, ମନ୍ତ୍ରୀ, ଦୂତ ପ୍ରଭୃତି ପ୍ରତ୍ୟେକ ଭୂମିକାରେ ଥିବା ପାତ୍ର ପାତ୍ରୀ ଗୀତରେ ଗୀତରେ କଥାବାର୍ତ୍ତା କରନ୍ତି । ଏଥିରେ କୌଣସି ଉଲ୍ଲେଖଯୋଗ୍ୟ ନାଟକୀୟ ଉପାଦାନ ଓ ଅଙ୍କ କିବା ଦୃଶ୍ୟ ବିଭାଗ ନ ଥାଏ । ମୁକ୍ତ ରଙ୍ଗମଞ୍ଚ ଉପରେ ଅଭିନେତାମାନେ ଗୋଟିକ ପରେ ଗୋଟିଏ ଗୀତ ଗାଇ ଅଭିନୟ କରି ଯାଆନ୍ତି । ଗୀତରେ ଗୀତରେ ବିଷୟବସ୍ତୁ ପରିଣତି ଦିଗରେ ଆଗେଇ ଚାଲେ । କିନ୍ତୁ ଏ ପଦ୍ଧତି ବେଶୀ ଦିନ ଚାଲି ରହି ପାରିଲା ନାହିଁ । ଚଳିତ ଶତାବ୍ଦୀର ପ୍ରାରମ୍ଭ ବେଳକୁ ଆଧୁନିକ ସିନେମା, ଥିଏଟର ସମ୍ମୁଖରେ ଯାତ୍ରାର ରୂପାନ୍ତର ଘଟିଲା । ସୃଷ୍ଟି ହେଲା ଗୀତାଭିନୟ ବା ଗୀତିନାଟ୍ୟ । ଏଥିରେ ନାଟକ ପରି ଅଙ୍କ ଓ ଦୃଶ୍ୟ ବିଭାଗ ରହିଲା । ସଙ୍ଗୀତର ବହୁଳତା ରହିଲେ ମଧ୍ୟ ଗଦ୍ୟର ପ୍ରଚଳନ

(୧) ହରେକୃଷ୍ଣ ମହତାବ—ଓଡ଼ିଶା ଇତିହାସ [ଷ୍ଟୁଡେଣ୍ଟସ୍ ଷ୍ଟୋର ୧୯୪୮] ପୃଷ୍ଠା ୪୬୭

ହେଲା । ଭକ୍ତିମୂଳକ ପୌରାଣିକ କାହାଣୀ ସହିତ ବିଭିନ୍ନ ଐତିହାସିକ ଓ କିମ୍ବଦନ୍ତୀ-ମୂଳକ କାହାଣୀ ଅବଲମ୍ବନରେ ମଧ୍ୟ ଗୀତାଭିନୟମାନ ରଚିତ ହେଲା ।

ଯାତ୍ରା ଲେଖକ ସାମାନ୍ୟ ବ୍ୟକ୍ତି ନୁହନ୍ତି । ଲୋକ-ଚରିତ୍ର ବିଷୟରେ ଗଭୀର ଅଭିଜ୍ଞତା ଓ ସଙ୍ଗୀତ ଶାସ୍ତ୍ରରେ ନିପୁଣତା ଲାଭ କରି ନ ଥିଲେ, ସୁଅଙ୍ଗ ବା ଗୀତାଭିନୟ ଲେଖିବା ଅସମ୍ଭବ । ଶୃଙ୍ଗାର, ବୀର, ହାସ୍ୟ ପ୍ରଭୃତି ବିଭିନ୍ନ ରସ ଫୁଟାଇବାପାଇଁ ବିଭିନ୍ନ ରାଗ ରାଗିଣୀର ସଙ୍ଗୀତ ଏବଂ ବିଭିନ୍ନ ରକମ ଭାଷା ଦରକାର । ନ ହେଲେ ଯାତ୍ରା ଜନସାଧାରଣଙ୍କୁ ଆଦୌ ମୋହିତ କରି ପାରିବ ନାହିଁ । ପୁଣି ପୁରାଣ, ଇତିହାସ, ଲୋକ-ପ୍ରଚଳିତ କାହାଣୀ ଓ ସାମାଜିକ ଚଳଣି, ନିୟମ କାନୁନ୍ ଯାତ୍ରା-ଲେଖକର ନଖ-ଦର୍ପଣରେ ରହିଥିବା ଆବଶ୍ୟକ । ଲୋକରୁଚି ଅନୁଯାୟୀ ଯାତ୍ରା-ଲେଖକ ନିଜ କାହାଣୀ ବାଛି ନେବ ଏବଂ ବାସ୍ତବତାର ଭିତ୍ତିରେ ଗୀତାଭିନୟ ରଚନା ଠିଆ କରାଇବ । ତାହେଲେ ଯାଇ ଯାତ୍ରା ସାଫଲ୍ୟମଣ୍ଡିତ ହୋଇ ପାରିବ ।

ଯାତ୍ରା-ଲେଖକଙ୍କ ମଧ୍ୟରେ ବର୍ତ୍ତମାନ କବି ବୈଷ୍ଣବ ପାଣି ସର୍ବଶ୍ରେଷ୍ଠ । ତାଙ୍କ ପୂର୍ବରୁ ଭଦ୍ରକ ନିକଟବର୍ତ୍ତୀ କଳାଙ୍ଗର ୰ଜଗନ୍ନାଥ ପାଣି ଯାତ୍ରା-ରଚନାର ସୂତ୍ରପାତ କରିଥିଲେ । ଏହା ଛଡ଼ା ଆହୁରି ଅନେକ ଓଡ଼ିଆ ଗୀତାଭିନୟ-ଲେଖକ ଥିଲେ ବୋଲି କବି ବୈଷ୍ଣବ ପାଣି ନିଜେ ପ୍ରକାଶ କରିଛନ୍ତି—"ଭାବିଲ, ତୁମ୍ଭ ପୂର୍ବରୁ ଭିକାରି, ବଳଦୁ, ମାଗୁଣି, ଦୁଷ୍କର ଓ ପଦ୍ମନାଭ ପ୍ରଭୃତି କେତେ କେତେ ଗୀତାଭିନୟ-ଲେଖକ ନ ଥିଲେ ? ନୂଆ ଲେଖକମାନେ ସେମାନଙ୍କର ଅନୁକରଣ ନ କଲେ କାହିଁକି ? ତୁମ୍ଭେ ବା କହିପାର— ଆଜିକାଲି ସେ ଧରଣର ଗୀତ ଆଦର ହେଉ ନାହିଁ । ଅଚ୍ଛା, ଆଜିକାଲି ତ ବିଖ୍ୟାତ କବି ନାମରେ ଗୋପାଳ ଦାସ ପରିଚିତ । ତାଙ୍କ ଲେଖାକୁ

ଅନୁକରଣ ନ କଲେ କାହିଁକି ? ନା, ସେମାନଙ୍କଠାରୁ ତୁମ୍ଭେ ବଡ଼
—ଏହି ତାହାର ଗୂଢ଼ ପ୍ରମାଣ ।”

—ଗୋବିନ୍ଦଚନ୍ଦ୍ର ଗୀତାଭିନୟ (ନଟପ୍ରତି ନଟୀ)

କିନ୍ତୁ ଦୁଃଖର କଥା, କବି ଗୋପାଳ ଦାଶଙ୍କର ବଲଙ୍କା ରାମାୟଣ ସୁଆଙ୍ଗ ଆଦି ସାମାନ୍ୟ କେତୋଟି ଲେଖା ମିଳୁଥିଲା ବେଳେ ପୂର୍ବର ଭକ୍ତାରି, ବନ୍ଧୁ, ମାଗୁଣି ପ୍ରଭୃତି ଲେଖକଙ୍କର କୌଣସି ସୁଆଙ୍ଗ ବା ଗୀତାଭିନୟ ବର୍ତ୍ତମାନ ଦେଖିବାକୁ ମିଳେ ନାହିଁ । ବୈଷ୍ଣବ ପାଣିଙ୍କ ବ୍ୟତୀତ ଆଜିକାଲି ବାଲକୃଷ୍ଣ ମହାନ୍ତି ପ୍ରମୁଖ ବହୁ ଲେଖକ ନାନା ପ୍ରକାର ଗୀତାଭିନୟ ରଚନା କରିଛନ୍ତି ଓ କରୁଛନ୍ତି, କିନ୍ତୁ କବି ପାଣିଙ୍କ ପରି ଜନପ୍ରିୟତା କେହି ଏ ପର୍ଯ୍ୟନ୍ତ ହାସଲ କରି ପାରି ନାହାନ୍ତି । କବି ପାଣି ପୌରାଣିକ, ଐତିହାସିକ ଓ କିଂବଦନ୍ତୀମୂଳକ ନାନା ବିଷୟବସ୍ତୁ ଗ୍ରହଣ କରି ପ୍ରାୟ ଅଶୀ ଖଣ୍ଡ ସୁଆଙ୍ଗ, ଗୀତାଭିନୟ ଓ ଗୀତିନାଟ୍ୟ ରଚନା କରିଛନ୍ତି । ଆଜି ଓଡ଼ିଶାର ଗ୍ରାମାଞ୍ଚଳରେ ତାଙ୍କର ଯାତ୍ରାଗୁଡ଼ିକ ଅଭିନୀତ ହୋଇ ଜନ-ମନ ହରଣ କରେ । ତାଙ୍କର ‘କାନ୍ଦିଲେ କି ହେବ କର୍ମ୍ମଦ୍ଗ୍ରମ୍‌ନା ଇନ୍ଦ୍ର କି ସହଜେ ଛାଡ଼ିବ’ କିଂବା ‘କଟୀ ଦୋହଲାଇ ନାସିକା ଫୁଲାଇ ଯେତେବେଳେ ବାଲା ଗଲା ଚାଲି’ ପ୍ରଭୃତି ବହୁ ସଙ୍ଗୀତ ଓଡ଼ିଆ ପୁର-ପଲ୍ଲୀକୁ ମୁଖରିତ କରେ । ବୈଷ୍ଣବ ପାଣି ଯଥାର୍ଥରେ ବର୍ତ୍ତମାନ ଓଡ଼ିଶାର ଗଣକବି ।

କବି ପାଣିଙ୍କ ଯାତ୍ରାଗୁଡ଼ିକରେ ଓଡ଼ିଆ ସାମାଜିକ ଜୀବନର ଉଜ୍ଜ୍ୱଳ ଚିତ୍ର ପୂରି ରହିଛି । ତଳେ ତା’ର କେତୋଟି ଉଦାହରଣ:—

୧ । ଆଜିର ସାମାଜିକ ଅଧଃପତନ ସଂପର୍କରେ—

ବଡ଼ୁ ଅଛି କାନକୁହାଙ୍କ ମାନରେ
ଗଡ଼ି କରୁଥାନ୍ତି ବଡ଼ଙ୍କୁ ସାନରେ ।

ଚିପି ପର ଚଣ୍ଡି କର ହାତ-ଗାଣ୍ଠି
ମିଛେ କହୁଥାନ୍ତି ଦେଉଛୁଁ ଦାନ ରେ ।
ହାତେ ବାନ୍ଧି ଘଣ୍ଟ ପଟେ ଚଟି ଗାଡ଼ି
ମୋଡ଼ୁଥାନ୍ତି ଆମ ଗରିବ କାନରେ ।
ଆମ ଧନ ଖାଇ ନାହିଁ ଓହଲାଇ
ବାର ଦୁଆରର ପୋଷା ଶୁଆନରେ । ଇତ୍ୟାଦି
—କେଦାର ଗୌରୀ (ଦୁତ)

୨ । ଧନୀ-ଗରିବ ଭେଦାଭେଦ ବିଷୟରେ—
ମରିବ ପଛକେ ଗରିବ ହୋଇଣ
ପହରେ ଜାଇବ ନାହିଁ ଲୋ ।
ଯେତେକ କଟକଣା ଆମରି କପାଳେ
ଗୁଡ଼ ସବୁ ବଡ଼ପାଇଁ ଲୋ !
ମହାବଳ ଗୋରୁ ମାଇଲେ, ତାହାର
ପାପ କି ହୁଅଇ କାହିଁ ଲୋ । ଇତ୍ୟାଦି
—ସାକ୍ଷୀଗୋପାଳ (ପଣ୍ଡିଆଣୀ ପ୍ରିତ ପଣ୍ଡା)

୩ । ପ୍ରବାସୀ ଓଡ଼ିଆ-ଜୀବନ ସଂପର୍କରେ—
ଆସ କିଏ ଯିବ ରେ କଲିକତାକୁ ଚାଲ ।
ଟିକଟ କାଟିବା ରେଲରେ ବସିବା
ଦେଖିବା ହାବୁଡ଼ା ପୋଲ୍ ରେ ।
ବସା ଘର କରିବା ଯାଇ
ହରିହିଙ୍ଗେ ପଡ଼ାରେ ଭାଇ
ରହି କିଛି ଦିନ ଥିଲୁ କରି ମନ
କିଣିବା ଫୁଲେଲ ତେଲ ରେ ।

ଟୋଁଟ ମୁଣ୍ଡାଇବା ମୁଣ୍ଡରେ
ଟୋଁଟ ପଶିଯିବ ତୁଣ୍ଡରେ
ପେଟପାଇଁ ଯେତେବ ଖଣ୍ଟଫଣି କଲ
ଜେଏଲରେ ଘଣା ପେଲ ରେ ।
ହେଲେ ଟଙ୍କା ପଇସା ମୋର
ମନେ ଅସି ପଡ଼ିବ ଘର
ରାସ୍ତା ଘାଟେ ବୁଲି ଯାଉଥିଲେ ଗୃଲ
ଦେଖିବା ଖାନିକା ଫଲ ରେ ।
ହାତେ ଧରି ସ୍ପ୍ରିଙ୍ଗ ଛଡା
ଗୋଡ଼େ ମାଉ ଚଢାଉ ଯୋତା
ବଇଷ୍ଣବ କହୁ ଗଣ୍ଡିର ମୁଣ୍ଡାଇ
ସଡ଼କରେ ହେବା ଗେଲ ରେ ।
—ନଙ୍ଗସନ୍ତୁ ସୁଅଙ୍ଗ (ଦ୍ୱାସ୍ତା)

। । ପରାଧୀନ ଗୃହକଷ୍ଟ ବିଷୟରେ—
ମରୁଅଁ ପର-ଗୃହକଷ୍ଟ ପୋଡା
ପ୍ରାଣ ଗଲେ ତା' ନାହିଁ ମୋର ଲୋଡ଼ା,
ନିତ କେତେ ଖାଇବ କାନମୋଡ଼ା ।

× × × ×

ନିଶ ମୋଡ଼ି ଦେଖାନ୍ତି ଆଖିଯୋଡ଼ା
କହୁଥାନ୍ତି ବଚନ କଡ଼ା କଡ଼ା,
ଅଳ୍ପ ବାଇଗଣ ଭଦଳୀ ତାଙ୍କର
ଅନ୍ନ କପାଳେ ପଡ଼େ ଖଡ଼ା ।
ସବୁ ଗୃହଳ ତ ବା'ବୁଙ୍କ ଅଧାର
ଗୃହରଙ୍କୁ ଦଅ ବଗଡ଼ା । ଇତ୍ୟାଦି
—ମେଘନାଦ ବଧ [ବୃତ୍ତ]

୫ । ପବିତ୍ର ଶିକ୍ଷକ-ଜୀବନ ସମ୍ପର୍କରେ—

ଅନ୍ନ ବିନା ଶୂନ୍ୟ ଘର          ସଦା ପଡ଼େ ହାହାକାର
କହିବାକୁ ଘୃଣରେ ମାଡ଼ଇ ଲାଜ ହେ ।
ଧନଯାକ ଭଟ ଭଟ          ଖିଦକୁ ଜଳଇ ପେଟ
ଗୁରୁପତ୍ନୀ କୋହେ ଏହୁ ଗୁରୁ ବୋଟ ହେ ।
ପରମା ପଡ଼ିଛି ବାକି          ମାଗି ମାଗି ଗଲ ଟିକି
ମିଛ କହୁ ନାହିଁ ଘୃଣ ଖାଉ ବୁଝ ହେ ।
ଅଣୁଆ ପଡ଼ିଛି ଘର          ବରଷାରେ ହରବର
ବଇ କବାଲେ ପଡ଼େ ଚନ୍ଦ୍ର ସୂର୍ଯ୍ୟ ତେଜ ହେ ।

—ପ୍ରହ୍ଲାଦ ଚରିତ ( ହିରଣ୍ୟକଶିପୁପ୍ରତି ବିଦ୍ୟାଗୁରୁ )

ଏହିପରି ଅନେକ ଉଦାହରଣ ଦିଆଯାଇ ପାରେ । ସ୍ଥାନେ ସ୍ଥାନେ କବିଙ୍କ ଲେଖନୀ ଏତେ ବାସ୍ତବମୁଖୀ ହୋଇ ପଡ଼ିଛି ଯେ ତହିଁରେ ଜାତୀୟ ଜୀବନ ଓ ସମାଜର ଜୀବନ୍ତ ଚିତ୍ର ସୁସ୍ପଷ୍ଟ ଦିବାଲୋକ ପରି ଫୁଟି ଉଠିଛି । ଓଡ଼ିଆ ଘରର ଜାତି-ଗୋତ ଭେଦ, ବ୍ରାହ୍ମଣଙ୍କ ଭୋଜନ-ପ୍ରୀତି, ସଉତୁଣୀ କଳି ପ୍ରଭୃତି କଥାର ଅତି କଳାତ୍ମକ ପ୍ରକାଶ କବିଙ୍କ ରଚନାରୁ ମିଳେ । ଅଧିକାଂଶ ସ୍ଥଳରେ ଅତି ପ୍ରଗତିଶୀଳ ଚିନ୍ତାଧାରା ମଧ୍ୟ କବିଙ୍କ ରଚନାକୁ ସମୃଦ୍ଧ କରିଛି । ନିମ୍ନରେ ତହିଁର କେତୋଟି ଉଦାହରଣ :—

୧ । ଶାନ୍ତିକାମୀ ମାତା ନିକଷାର ଯୁଦ୍ଧଖୋର୍ ପୁତ୍ର ରାବଣପ୍ରତି ଉକ୍ତି—

କହ କେଣେ ଅଛୁ ମୋର ହଂସା ଉଡ଼ିଗଲା ଦଶଶିର ରେ ।
ହେଲୁ ଏତେ ଦର୍ପୀ, କଲୁ ଲୋକହସା
କେତେ ବଡ଼ ବଂଶ ମଲେ ମୋରରେ ।

ରଣ୍ଡି ବୋହୂ ମୁଣ୍ଡ ଖୋଲ଼ି ହୋଇ ଦାଣ୍ଡେ
ଘୁଣ୍ଡୁଛନ୍ତି କରି ହାହାକାର ରେ ।
ସାହା କେ' ହୋଇବ ସ୍ୱାହା ଦେବାପାଇଁ
ଦେଖି ଛାତି ଫାଟିଯାଏ ମୋର ରେ ।
ତେର ଶତ ନାତି ଚଢ଼ୁଥିଲେ ହାତୀ
କାହିଁ ଯାଉଥିଲା ଛନ୍ନ ଚୁର ରେ ।
ପିଣ୍ଡ ଦେବାପାଇଁ ଖଣ୍ଡେ କେହି ନାହିଁ
ବୁଡ଼ିବାର ଏକା ହେଲା ସାର ରେ । ଇତ୍ୟାଦି
—ରାବଣ ବଧ

୨ । ବେଶ୍ୟାବୃତ୍ତି ବିରୁଦ୍ଧରେ ଅଗ୍ନିବାଣ—
ସାରି ଦେଲେଣି ଏ ସହରଙ୍କୁ ଦାରି ଫଲ
ଭିତରେ ପୋଡ଼ା ଅଙ୍ଗାର, ଚୋପା ଭଲ ।
କେତେ ବଡ଼ ଘର ପୁଅ    ଗଡ଼ାଇଲେ ଆଖି ଲୁହ
କିଣିଲେ ପଇସା ଦେଇ କଲ୍‌ବଲ ।
×    ×    ×    ×
ମୁହେଁ ପାଉଡର ମାଖି    ଠାରି ଦେବେ ଯେବେ ଆଖି
ବିକାଇବେ ସୁନାହାର, ସାଇକଲ ।
ଚୋରି କରି ଘର ଧନ    ଆଣି ଯୋଗାଇବେ ମନ
ମହରଗ କଲେ ହାର ମଲ୍ଲୀ ଫୁଲ ।
ପଇସାଟି ଗଲେ ସରି    ଜାଣିଥା ହେବେ ଉଗାରି
ନ ଥିବ ନେହ ହାତଧରା, ନୁଆ ଗେଲ ।
ବାଆଁଶ ବଇଶି ସେହି    ଖାଲେ ଖାଲେ ଜାଣ ଭାଇ
ଧରି ବସିଛନ୍ତି ବାବୁ ଧରା ଜାଲ । ଇତ୍ୟାଦି
—ହର-ପାର୍ବତୀ ବିଭା (ଦ୍ୱାରି)

୩ । ଆଦର୍ଶ ରାଜଧର୍ମର ସୂଚନା—

ଶୁଣ ରାଜନୀତି କୁଞ୍ଚିତକେଶା,
ସୁଚରିତ୍ରେ କହୁଛି ଉଚିତ ଭାଷା ।
ମିଥ୍ୟା ପ୍ରବଞ୍ଚନା ଶାସ୍ତ୍ରେ ଅଛି ମନା
ନ କରିବ କେବେ କାହାକୁ ହିଂସା ।
ଦୋଷ କଲେ ଆନ, ଦଣ୍ଡନ୍ତି ରାଜନ,
ରାଜା ଯଦି ଦୋଷ କରେ ସହସା
ନାହିଁ ତା'ର ପାର, ମିଥ୍ୟାବାଦୀ ନର
ପାଏ ନାହିଁ ଏ ସଂସାରେ ପ୍ରଶଂସା । ଇତ୍ୟାଦି
—ଶର୍ମିଷ୍ଠା ଯଯାତି (ଶର୍ମିଷ୍ଠାପ୍ରତି ଯଯାତି)

କବି ବୈଷ୍ଣବ ପାଣିଙ୍କ ସୁଆଙ୍ଗ ଓ ଗୀତାଭିନୟଗୁଡ଼ିକ ଆଲୋଚନା କରିବାର କ୍ଷେତ୍ର ଏ ନୁହେଁ । ଆଦର୍ଶ ଲୋକ-ସାହିତ୍ୟ ସୃଷ୍ଟିରେ କବି କିପରି କୃତକାର୍ଯ୍ୟ ହୋଇଛନ୍ତି, ତାହା ଦେଖାଇବା ପାଇଁ ସାମାନ୍ୟ କେତୋଟି ଉଦାହରଣ ଦିଆଗଲା ମାତ୍ର । ଓଡ଼ିଶାର ଏହି ଗଣନାଟ୍ୟ ଓଡ଼ିଆ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଦୀର୍ଘ ପ୍ରାୟ ସମଗ୍ର ଦେଶରେ ଏହା ଏତେ ଜନପ୍ରିୟ ହେବାର କାରଣ ପ୍ରଧାନତଃ ଚାରିଗୋଟି । ପ୍ରଥମ କାରଣ ହେଉଛି—ଯାତ୍ରା-ଗୁଡ଼ିକର ବାସ୍ତବ ରସ । ଓଡ଼ିଆ ଦର୍ଶକ ନିଜ ଜୀବନର ଖାଣ୍ଟି ସତ କଥା, ନିଜ ସମାଜର ନିଚ୍ଛକ କାହାଣୀ ଯାତ୍ରାରୁ ଦେଖେ । ରାମ ବନବାସ ଗଲାବେଳେ କୌଶଲ୍ୟାଙ୍କ ରୋଦନରେ ସେ ନିଜ ଜନନୀର ସ୍ୱରୂପ ଦେଖେ । 'ଅଣ୍ଡିରା ଚଣ୍ଡୀ' ଦୁର୍ଗା ଓ ଗଙ୍ଗା 'ବଙ୍ଗାଳୁଣୀ'ଙ୍କ କଳି ମଧ୍ୟରେ ସେ ନିଜ ଘରର ସଉତୁଣୀ-ସମ୍ବନ୍ଧ କଳନା କରେ । ତେଣୁ ଯାତ୍ରା ତା'ର ଏତେ ପ୍ରିୟ । ଦ୍ୱିତୀୟତଃ, ଯାତ୍ରାର ଧର୍ମଭାବ । ଓଡ଼ିଶାର ଜନସାଧାରଣ ଅତି ମାତ୍ରାରେ ଧର୍ମପରାୟଣ । ତା'ର ମନରେ

ତେଉର ପର୍ବ ପାଳନ କରୁଥିବା ଜାତି ଯାତ୍ରା ମାଧ୍ୟମରେ ରାମ-ଚରିତ, କୃଷ୍ଣ-ଚରିତ ଆଦି ଦେଖି କାହିଁକି ସେ ମୁଗ୍ଧ ହୁଏ, ତାହା କୌଣସି ଯାତ୍ରାଭିନୟ ସ୍ଥାନକୁ ନ ଗଲେ ବୁଝି ହେବ ନାହିଁ । ତୃତୀୟ କାରଣ —ଯାତ୍ରାର ସାଙ୍ଗୀତିକତା । ବିଭିନ୍ନ ରାଗ ରାଗିଣୀର ଯାତ୍ରା-ସଙ୍ଗୀତରେ ଓଡ଼ିଆ ଦର୍ଶକ ଅଭ୍ୟସ୍ତ ହୁଏ ଏବଂ ଅନେକ ସଙ୍ଗୀତ ତା' ହୃଦୟର ସୂକ୍ଷ୍ମତମ ସ୍ଥାନରେ ଏପରି ଅନ୍ତରଙ୍ଗ ଆବେଦନ ଜଣାଏ ଯେ ଥରେ ମାତ୍ର ଶୁଣି ସେ ତାହା ସବୁ ମୁଖସ୍ଥ କରି ପକାଏ । ଏପରି କି ଅଭିନୟରେ ରାଜା-ମନ୍ତ୍ରୀଙ୍କର ଗୀତ ତାକୁ ଅସ୍ୱାଭାବିକ ବୋଧହୁଏ ନା । ଚତୁର୍ଥ କାରଣ ହେଉଛି—ଯାତ୍ରାର ରଙ୍ଗରସ । ଓଡ଼ିଶୀ ଯାତ୍ରା ଓଡ଼ିଆମାନଙ୍କୁ ମନଖୋଲି ହସ ହସାଇ ପାରେ । ସାରା ଦିନର ହାଡ଼ଭଙ୍ଗା ଖଟଣି ପରେ ଦର୍ଶକ ପକ୍ଷରେ ଯାତ୍ରାର ଏଇ ରଙ୍ଗରସ ହିଁ ଅବସର ବିନୋଦନର ପ୍ରଚୁର ଖୋରାକ ହୋଇ ଉଠେ । ସଂସ୍କୃତ ନାଟକର ବିଦୂଷକ ପରି ପ୍ରତ୍ୟେକ ସୁଆଙ୍ଗ ଓ ଗୀତାଭିନୟରେ ରଙ୍ଗରସ ପରିବେଷଣ କରୁଥାଏ ଦୁଆରୀ ବା ଦୂତ । ତା' ଛଡ଼ା ଅଭିନୟର ମଝିରେ ମଝିରେ ପ୍ରହସନ ବି ଦିଆ ଯାଇଥାଏ । ଯାତ୍ରାର ଏଇ ରଙ୍ଗରସ ସ୍ଥାନେ ସ୍ଥାନେ ରୁଚିଗର୍ହିତ ହେଲେ ମଧ୍ୟ ସାଧାରଣତଃ ଏହା ଖୁବ୍ ସ୍ୱାଦ୍ୟ ଓ ହାସ୍ୟୋଦ୍ଦୀପକ । ଗୋଟିଏ ଉଦାହରଣ ଦିଆ-ଯାଉ । ଗୋଟିଏ ପ୍ରହସନରେ ସ୍ତ୍ରୀପ୍ରତି ପୁରୁଷର ଉକ୍ତି:—

ହାକିମଙ୍କ ପରି ହୁକୁମ୍ କରିବ ଖଟ ତଉକାରେ ବସି,
ଅରଦଳି ସମ ଅରେଦଳି ସହୁ ଧାଇଁଥାଉଁ ଦବା କଷି ।
ଆଜି ଲୁଣ ନାହିଁ, ଆଜି ତେଲ ନାହିଁ, ନାହିଁଟି ତିଅଣ ଘରେ,
ଅଣ ଅଣ ବୋଲି ଝାଣ ଝାଣ କଥା କହୁଥାଅ କି ରାଗରେ ।
ଭଣା ହୁଏ ଯେବେ ଗୁଣାଏ ସେଥିରୁ ଶୁଣା ଯେଉଁ ମେଠା କଥା,
ବଣା ହୋଇଯାନ୍ତି ଝିଣ ଝିଣି ବେଳେ ନିଠେଇ ହରହର ଧାତା ।

ଖାଁଇବାକୁ ଭାତ ପିନ୍ଧିବାକୁ ଲୁଗା ନାଇବାକୁ ଅଳଙ୍କାର,
ଶୋଇବାକୁ ଶେଯ ଯୋଗାଇବାଲାଗି ମରଦଙ୍କ ଅବତାର ।
ଏତେ କଥା ନେଇ ପାଦରେ ଖଟାଇ ଡେଟବଟେ ନ ପେଟରେ ଦାଗା,
ଗୁଞ୍ଜୁରି ଉଠିବ ଧନରେ ନାରନ୍ତି, ସ୍ୱତନ୍ତ୍ର ଖାସିଦ ଚୁପା ।
ହାତ ଗୋଡ଼ ଧରି ସତର ନେହୁରା ଭାଜ ନାକ ଘଷା ଗାଳି,
ବାଇ ବୋଲେ—ଧିକ ପୁରୁଷ ଜୀବନ, ଗାଳି ତ ନଦେହର ମଳି ।
—ଶ୍ରୀବତ୍ସ ପଦାଘାତ—ବୈଷ୍ଣବ ପାଣି

## ପାଲା ଓ ଯାତ୍ରାର ସଂସ୍କାର

ବର୍ତ୍ତମାନ ପାଲାର ସଂସ୍କାର କପରି ଜରୁରି ହୋଇ ପଡ଼ିଛି, ତାହା ପୂର୍ବରୁ କୁହାଯାଇଛି । ପାଲା ପରି ଯାତ୍ରା ଅନୁଷ୍ଠାନର ମଧ୍ୟ ସଂସ୍କାର ହେବା ଉଚିତ ବୋଲି ବର୍ତ୍ତମାନ ଅନେକେ ଭାବୁଛନ୍ତି । ପ୍ରକୃତରେ, ଆଜି ସ୍ୱାଧୀନ ଦେଶରେ ଯାତ୍ରା ମାଧ୍ୟମରେ ନୂତନ ଭାବଧାରା ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଦରକାର । ଆଜିର ସମାଜ-ବିରୋଧୀ ଚିନ୍ତାଧାରା (ଜାତିଭେଦ, ଭାଗ୍ୟବାଦ, ଅନ୍ଧବିଶ୍ୱାସ ପ୍ରଭୃତି) ଏଥିରୁ ମୂଳୋତ୍ପାଟନ କରି ଯାତ୍ରାକୁ ଜାତୀୟ ଉନ୍ନୟନ କାର୍ଯ୍ୟରେ ଲଗାଇବା ଆବଶ୍ୟକ । ଏଠାରେ ଚୀନ ଦେଶର ଦୃଷ୍ଟାନ୍ତ ଦିଆଯାଇ ପାରେ । ଏକଛତ୍ର ଶାସକମାନଙ୍କ ଅମଳରେ ପ୍ରାଚୀନ ଚୀନ୍‌ରେ ଲୋକ-ଗୀତ ଓ ଲୋକ-ନାଟ୍ୟ ପ୍ରଭୃତିକୁ 'ଅନୈତିକ' ବୋଲି ଦୋଷ ଦେଇ ଲୋପ କରିବାର ଉଦ୍ୟମ ହୋଇଥିଲା । ତଥାପି ଯେଉଁ ଗୀତ ଓ ଅପେରା-ଗୁଡ଼ିକ ଲୋକ-ସାହିତ୍ୟର ଏହି ଶିରଚ୍ଛେଦରୁ ବର୍ତ୍ତି ଯାଇଥିଲେ, ନୂଆ ଚୀନ୍‌ରେ ଆଜି ସେଗୁଡ଼ିକର ସଂସ୍କାର କରାଯାଉଛି । ଗତ ୧୯୫୨ ମସିହା ଶେଷ ଭାଗରେ ପେକିଂରେ ଅନୁଷ୍ଠିତ 'The National Festival of Classics and Folk Drama'ର ଉପାନ୍ତ ଭାଷଣରେ ନିଖିଳ ଚୀନ୍ ଲେଖକ ଓ ଶିଳ୍ପୀ ସଙ୍ଘର ଉପ-

ସଭାପତି ଚୁ ୟାଙ୍ଗ୍ ଗଣନାଟ୍ୟର ସଂସ୍କାର ଉପରେ ଜୋର୍ ଦେଇ କହୁଛନ୍ତି—"ଆମେ ରକ୍ଷଣଶୀଳତା ଏବଂ ବିବେଚନାହୀନ ସଂସ୍କାରର ବିରୋଧୀ । ଦୋଷଶୂନ୍ୟ ସଂସ୍କାର ଆମେ ଚାହୁଁ । ଜନ-ସ୍ୱାର୍ଥ ସହିତ ଖାପ୍ ଖାଇଲା ଭଳି ଜାତୀୟ ନାଟ୍ୟର ସଂସ୍କାର ଓ ଉନ୍ନତି ଆମର କାମ୍ୟ । ଚୀନା ନାଟ୍ୟ ପରମ୍ପରାରେ ଯେଉଁ ଅଂଶ ପ୍ରତିକ୍ରିୟାଶୀଳ, ବିଷାକ୍ତ ଓ କ୍ଷତିକର, ତାହା ଲୋପ କରିବାକୁ ଏବଂ ଯେଉଁ ଅଂଶ ପ୍ରଗତିଶୀଳ, ସୁସ୍ଥ ଓ ଜନହିତକର, ତାହା ସାଇତି ରଖିବାକୁ ଆମେ ଦୃଢ଼-ପ୍ରତିଜ୍ଞ ।" (୧)

ଚୀନ୍‌ରେ ବର୍ତ୍ତମାନ ଗଣନାଟ୍ୟର କିପରି ସଂସ୍କାର କରାଯାଉଛି, ତା'ର ଗୋଟିଏ ଉଦାହରଣ ଦିଆଯାଉ । ପ୍ରାଚୀନ ଚୀନ୍‌ର ଏକ ପ୍ରସିଦ୍ଧ ଅପେରା 'The Butterfly Cup'ର ବିଷୟବସ୍ତୁ ଥିଲା—ଜଣେ ବୁଢ଼ା ଜେଲେଟ ରାଜ୍ୟର ସେନାପତିଙ୍କ ପୁଅକୁ ମାଛ ବିକି ପଇସା ମାଗିଲାରୁ ପଇସା ପରିବର୍ତ୍ତେ ସେନାପତିଙ୍କ ପୁଅଠାରୁ ମାଡ଼ ଖାଇ ମରିଗଲା । ଟୂ ଚୁଆନ୍ ବୋଲି ଜଣେ ଯୁବକ ଏମାନଙ୍କ ଗଣ୍ଡଗୋଳ ମେଣ୍ଟାଇବାକୁ ଯାଇ ସେନାପତି ପୁଅକୁ ମାରି ପକାଇଲା ଏବଂ ଜେଲେଟର ଝିଅ ସାହାଯ୍ୟରେ ପୋଲିସ୍ ହାତରୁ ଖସି ପଳାଇଲା । ଚୁଆନ୍ ଓ ଜେଲେଟ ଝିଅ, ଦୁହେଁ ଦୁହିଁଙ୍କୁ ସୁଖ ପାଇଲେ । ଝିଅଟିକୁ ଗୋଟିଏ 'ପ୍ରଜାପତି କପ୍' ପ୍ରୀତି-ଉପହାର ଦେଲା ଚୁଆନ୍ । ତାପରେ ସେ ଛଦ୍ମବେଶରେ ନିଜ ଶତ୍ରୁ ସେନାପତିଙ୍କ ଜୀବନରକ୍ଷା କରି ତାଙ୍କ ଝିଅକୁ ବିବାହ କଲା । ପରେ ତା'ର ସମସ୍ତ ପୂର୍ବକୃତ ଦୋଷ ଧରା ପଡ଼ିଲାରୁ ତାକୁ କ୍ଷମା ଦିଆଗଲା ଏବଂ ସେ ପୁଣି ଜେଲେଟ ଝିଅକୁ ଆନନ୍ଦରେ ବିବାହ କଲା । ଏହି ଅପେରାର ପ୍ରଥମ ଭାଗରେ ଧନୀ ଗରିବ ମଧ୍ୟରେ ଯେଉଁ ସଂଘର୍ଷର ଚିତ୍ର ଦିଆଯାଇଛି, ତା'ର ପରିସମାପ୍ତି ହୋଇଛି ମନ ଭୁଲାଣିଆ ପ୍ରେମ କାହାଣୀରେ । ନୂଆ ଚୀନର

(୧) Chou Yang—China's New Literature & Art—Page 104.

ସଙ୍କୀର୍ଣ୍ଣ ସମାଜରେ ଏ ଅପେରାର ପରିବର୍ତ୍ତନ କରା ଯାଇଛି । କେଉଁଠି ହିଁଅ ଟୁଆନ୍‌ଙ୍କୁ ବିବାହ କରିବାପାଇଁ ଅସ୍ୱୀକାର କରିଛି, କାରଣ ଟୁଆନ୍ ଶତ୍ରୁ-ପକ୍ଷପାତୀ—କାରଣ ସେ ନିଜ ଭାବୀ ସ୍ୱାମୀଙ୍କ ସ୍ତ୍ରୀ-ପ୍ରେମର ଭାଗ ବଣ୍ଟାରୁ ଘୃଣା କରେ । ଏ ପରିବର୍ତ୍ତନ ଦ୍ୱାରା ଅଧୋଗତି ସମାଜର ଅତ୍ୟାଚାରୀ ଧନିକ ସଂପ୍ରଦାୟ ଉପରେ ଦରିଦ୍ର ଅସହାୟ କେଉଁଠି ହିଁଅଟିର ବିଜୟ ଘୋଷଣା କରିଛି ।

ଏହିପରି ବହୁ ଚୀନା ଅପେରାର ସଂସ୍କାର କରି ଯାଇ ବର୍ତ୍ତମାନ ଏହାକୁ ଜାତୀୟ ସଙ୍ଗଠନ କାର୍ଯ୍ୟରେ ଲଗା ଯାଉଛି । ଓଡ଼ିଆ ଗଣନାଟ୍ୟ ଅନୁଷ୍ଠାନକୁ ମଧ୍ୟ ସେହିପରି ପ୍ରତିକ୍ରିୟାଶୀଳ, କୁସଂସ୍କାର ଓ ଅତୀତର ଅଂଶକୁ ବାଦ୍ ଦେଇ ଆମର ନୂତନ ଜୀବନ, ନୂତନ ବାସ୍ତବତା ଅନୁଯାୟୀ ତା'ର ସଂସ୍କାର କରିବାକୁ ହେବ ।

୧୯୨୯ରେ ପ୍ରକାଶିତ ବୈଷ୍ଣବ ପାଣିଙ୍କର 'ଶର୍ମିଷ୍ଠା ଯଯାତି' ଗୀତିନାଟ୍ୟର କଥା ଧରାଯାଉ ! ସାମାନ୍ୟ ଏକ କାରଣରୁ ଶୂଦ୍ରକନ୍ୟା ଶର୍ମିଷ୍ଠା ଓ ବ୍ରାହ୍ମଣ କନ୍ୟା ଦେବଯାନୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ଶେଷରେ କିନ୍ତୁ ବ୍ରାହ୍ମଣକନ୍ୟାର ହୋଇଛି ବିଜୟ । ଶୂଦ୍ରକନ୍ୟାକୁ ସେ ନିଜ ଚାକରାଣୀ କରି ଖଟାଇଛି । ସମୁଦାୟ ଗୀତି-ନାଟ୍ୟଟି ଯେପରି ଖାଲି ବ୍ରାହ୍ମଣ ଜାତିଙ୍କର ଶ୍ରେଷ୍ଠତ୍ୱ ବର୍ଣ୍ଣନାରେ ମୁଖର ! ବ୍ରାହ୍ମଣ, ସ୍ୱଗରେ ନିଜ ଜ୍ୱାଇଁର 'ଯୁବା ଶରୀରକୁ ଜରା ଗ୍ରାସିବା' ପାଇଁ ଅଭିଶାପ ଦେଇ ପାରେ । ପୁଣି ତପ ପ୍ରଭାବରେ 'ବ୍ରାହ୍ମଣ କନ୍ୟା କ୍ଷତ୍ରିୟକୁ ବିବାହ କରିବା ଦୋଷ' ଖଣ୍ଡନ କରିପାରେ । ଆଜି ଆମର ଜାତି-ନିରପେକ୍ଷ ଓ ଧର୍ମ-ନିରପେକ୍ଷ ସମାଜରେ ଏପରି ବିଷୟବସ୍ତୁ ନିର୍ଦ୍ଦୋଷ ନୁହେଁ । ତେଣୁ 'ଶର୍ମିଷ୍ଠା ଯଯାତି'ରୁ ବର୍ତ୍ତମାନ ଯେପରି ଏହି ଜାତିପଣା ଭେଦଭାବ ଦୂର ହୁଏ, ସେପରି ଭାବେ ବିଷୟବସ୍ତୁର ପରିବର୍ତ୍ତନ କରିବା ଆବଶ୍ୟକ । ଆଜକୁ ପ୍ରାୟ ୨୦

ବର୍ଷ ତଳେ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ଏପରି ସଂସ୍କାରର ଆବଶ୍ୟକତା ଉପଲବ୍ଧି କରି ପାରିଥିଲେ:—"ଯାତ୍ରା ଦଳର ସଂସ୍କାର ନିତାନ୍ତ ଆବଶ୍ୟକ । ଆଧୁନିକ ରୁଚି-ଅନୁମୋଦିତ ଭାଷା ଓ ଭାବ ନେଇ ଗୀତାଭିନୟ ଗ୍ରନ୍ଥମାନ ଲେଖାଯାଉ । × × × × ଆମ୍ଭେମାନେ ଇଚ୍ଛା କଲେ ସବୁ ଶିକ୍ଷଣୀୟ ବିଷୟ ଯାତ୍ରାଦ୍ୱାରା ଲୋକଙ୍କ ମନରେ ବିଶେଷ ଭାବରେ ଅଙ୍କିତ କରି ଦେଇ ପାରିବା । ସାମାଜିକ ବିଷୟ ହେଉ, ରାଜନୀତିକ ବିଷୟ ହେଉ, ଶୈକ୍ଷଣିକ ବିଷୟ ହେଉ, ଗୀତାଭିନୟ ଦ୍ୱାରା ଲୋକସାଧାରଣଙ୍କୁ ଯେତେ ସହଜରେ ଶିକ୍ଷିତ କରାଯାଇ ପାରିବ, ସଭା-ସମିତି, ଖବରକାଗଜ ଦ୍ୱାରା ସେତେ ହୋଇ ପାରିବ ନାହିଁ । × × × × ପ୍ରହସନଗୁଡ଼ିକ ମଧ୍ୟ ସଂସ୍କାର କରାଯିବ । ଆମ ଦେଶରେ ଗୋଟିଏ ଖାଣ୍ଡି ପ୍ରହସନ ଅଭିନୀତ ହୁଏ । ତହିଁରେ ଖାଣ୍ଡି ହାତରେ ମଦ ବୋତଲ, ମଦ ଖାଇ ଖାଣ୍ଡି ଟୋକା ମାତାଲ—ଏହି ସବୁ ଦୃଶ୍ୟ ଦେଖାଯାଏ । ଏ ସବୁ ଉଠାଇ ଦେଇ ତାକୁ ବିଶୁଦ୍ଧ ପ୍ରକାରରେ କରିବାକୁ ହେବ । × × × × ଯାତ୍ରାବାଲାଙ୍କର ବାଦ୍ୟଯନ୍ତ୍ର ଓ ପୋଷାକର ପରିବର୍ତ୍ତନ ଆବଶ୍ୟକ । ଖୋଲତାଳ, ଗୀତ, କୀର୍ତ୍ତନ ଏଗୁଡ଼ିକର ଭାଷା ଅତି ବିଦଘା—ଅଧେ ବଙ୍ଗଳା, ଅଧେ ଓଡ଼ିଆ ! ଓଡ଼ିଆ ଭାଷା ପକ୍ଷରେ ଏଗୁଡ଼ିକ କଳଙ୍କ । ଅଳ୍ପ ଅଭ୍ୟାସ ଓ ଅଳ୍ପ ପରିଶ୍ରମରେ ଏଗୁଡ଼ିକର ଭାଷା ବିଶୁଦ୍ଧ କରାଯାଇ ପାରିବ ।" ଇତ୍ୟାଦି । (୧)

ଆଜିର ପରିବର୍ତ୍ତିତ ସାମାଜିକ ପରିସ୍ଥିତିରେ ଏ କଥାକୁ ଆଉ ଟିକିଏ ପରିଷ୍କାର କରିଦେବା ଦରକାର । ଯାତ୍ରା ଓ ପାଲାରେ ପ୍ରଧାନତଃ ୪।୫ଟି ଅସୁନ୍ଦର କଥା ଆଖିରେ ପଡ଼େ । ସେଗୁଡ଼ିକ

(୧) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ—୬ଷ୍ଠ ଭାଗ ପୃଷ୍ଠା ୬୮୦୬।

ହେଉଛି—ଭାଗ୍ୟବାଦ, ବିଷାଦବାଦ, ଜାତିଗୋଷ୍ଠଭେଦ, ଅନ୍ଧବିଶ୍ବାସ ଓ ନାନା କୁସଂସ୍କାରର ଚିତ୍ର । ଆଜିର ସାମାଜିକ ଜୀବନକୁ ପଙ୍ଗୁ କରି ରଖିଥିବା ଏଇ ସଙ୍କୀର୍ଣ୍ଣ ଭାବଧାରାଗୁଡ଼ିକୁ ଓଡ଼ିଆ ଗଣନାଟ୍ୟରୁ ଆଗେ ଲୋପ କରିବା ଆବଶ୍ୟକ । ତା' ଛଡ଼ା ପାଲା ଓ ଯାତ୍ରାର ସ୍ଥାନେ ସ୍ଥାନେ ଯେଉଁ ରୁଚି ଗର୍ହିତ ଅଶ୍ଳୀଳ ଅଭିନୟ ଓ ବାକ୍ୟାଂଶ-ମାନ ରହିଛି, ସେଥିର ପରିବର୍ତ୍ତନ ଦରକାର । ଏ ତ ଗଲା ସଂସ୍କାର ସଂପର୍କୀୟ କଥା ! କିନ୍ତୁ ନୂତନ ସୃଷ୍ଟି ବିଷୟରେ କି ପନ୍ଥା ଅବଲମ୍ବନ କରାଯିବ ? ଆମ ସମ୍ମୁଖରେ ବର୍ତ୍ତମାନ ନୂତନ ଜୀବନ, ନୂତନ ବାସ୍ତବତା, ଜ୍ଞାନ-ବିଜ୍ଞାନର ଅସରନ୍ତି ଭଣ୍ଡାର ଆମ ହାତ-ପାଆନ୍ତାରେ । ଆମର ଗଣନାଟ୍ୟ ଅନୁଷ୍ଠାନରେ ରହିବ ଏହି ନୂତନ ଜୀବନର ଜୟଗାନ, ଏହି ଜ୍ଞାନ-ବିଜ୍ଞାନର ଆଲୋକଚ୍ଛଟା । ବର୍ତ୍ତମାନ ଜୀବନ ଓ ସମାଜର ସକଳ ଗ୍ଳାନି, ଅବସାଦ ମଧ୍ୟରେ ପକାଇ ଆମର ଯାତ୍ରା ଓ ପାଲାଗୁଡ଼ିକ ଏକ ଉନ୍ନତ ଶକ୍ତିଶାଳୀ ମଣିଷ ସମାଜର ଚିତ୍ର ହେବ । ବଙ୍ଗଳାର ବର୍ତ୍ତମାନ 'କବି-ଗାନ' ପରି ଓଡ଼ିଆ ପାଲାର ବିଷୟବସ୍ତୁର ପରିସର ହେବ ସୁଦୂର-ପ୍ରସାରୀ ଓ ନାନା ଦିଗବ୍ୟାପୀ । ନୂଆ ଦିନର ଅପେରା ପରି ଓଡ଼ିଆ ଯାତ୍ରା ହେବ ଜୀବନମୁଖୀ ଓ ସମାଜ-ସଚେତନ । ଏଇ ଧରଣର ନୂତନ ପାଲା ଓ ଯାତ୍ରା ଲେଖିବା ପାଇଁ ଶକ୍ତିଶାଳୀ, ଅଭିଜ୍ଞ ଲେଖକମାନଙ୍କର ଦରକାର । ଓଡ଼ିଶାରେ ଏପରି ଲେଖକଙ୍କର ଅଭାବ ହେବ କି ?

ଶାନ୍ତିନିକେତନ—୧୯୫୭

# ଫକୀରମୋହନ-
# -ଦେଶ ଓ କାଳ

ପଂଚାୟତ ମୋହନ ଆଜ ଏକ ଅନୁଷ୍ଠାନ । ସେ ଅନୁଷ୍ଠାନ ସହିତ ସଂଯୁକ୍ତ ଗୋଟିଏ ବିରାଟ ଜାତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ । ଏହି ଅକ୍ଷୟ ଅନୁଷ୍ଠାନ ଭବିଷ୍ୟତର ଗତି କିପରି ନିର୍ଦ୍ଧାରଣ କରୁଛି —ଆମେ ଆଖିରେ ଦେଖୁଛୁଁ । କିନ୍ତୁ ଯେଉଁ ଅତୀତର ଭିତ୍ତି ଉପରେ ତାହା ପ୍ରତିଷ୍ଠିତ, କିମ୍ବା ଯେଉଁ ବର୍ତ୍ତମାନର ଗଣ୍ଡି ଭିତରେ ତାହା ମରପୁଷ୍ଟ ଓ ପରିବ୍ୟାପ୍ତ, ତାକୁ ହିଁ ଏବେ ତନଖି ଦେଖିବାର କଥା ।

୧୫୬୮ ମସିହାରେ ଉତ୍କଳର ସ୍ୱାଧୀନତା ଲୋପ ପାଇଲା । ସେହିଠାରୁ ୧୮୦୩ ମସିହା ପର୍ଯ୍ୟନ୍ତ ପ୍ରାୟ ଦୁଇ ଶହ ପଚିଶ ବର୍ଷ ଧରି ଦେଶ ପଠାଣ, ମୋଗଲ ଓ ମରହଟ୍ଟା—ତିନି ତିନିଟା ବିଦେଶୀ ଶାସନ କବଳରେ ପଡ଼ି ରହିଥିଲା । ଏହି ଦୀର୍ଘ ଅଢ଼େଇ ଶହ ବର୍ଷ ଉତ୍କଳର ସାମାଜିକ, ଅର୍ଥନୈତିକ ତଥା ସାଂସ୍କୃତିକ ଅଧଃପତନର ସମୟ । ୧୮୦୩ ମସିହାରେ ଯେଉଁ ଓଡ଼ିଶାକୁ ଇଂରେଜମାନେ ଦଖଲ କଲେ, ସେ ଓଡ଼ିଶା ପରିଣତ ହୋଇଥିଲା ଶ୍ମଶାନରେ, ଓଡ଼ିଆ ଜାତିର ମେରୁଦଣ୍ଡ ଯାଇଥିଲା ଦୋହଲି । ୧୮୦୩ ମସିହାର ଓଡ଼ିଶା ଏହାର ବିଗତ ଅଢ଼େଇ ଶହ ବର୍ଷର ଐତିହାସିକ କ୍ରମ-ପରିଣାମର ଫଳ । ତେଣୁ ଏହି ଦୀର୍ଘ ସମୟ ଭିତରେ ଦେଶର ଅବସ୍ଥାପ୍ରତି ଥରେ ବିହଙ୍ଗାବଲୋକନ କରାଯାଉ !

ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ମୃତ୍ୟୁ (୧୭୦୭) ପରେ ପରେ ସମଗ୍ର ଭାରତର ରାଜନୈତିକ ଆକାଶରେ ଉଇଁ ଆସିଲା ଅରାଜକତା, ବିଦ୍ରୋହ, ଲୁଣ୍ଠନ, ଅତ୍ୟାଚାରର କରାଳ ଘନଘଟା । ପ୍ରତ୍ୟେକ ସୁବା

ପ୍ରତ୍ୟେକ ସରକାରରେ ଦେଖାଗଲା ଶାସନର ଅସ୍ଥିରତା ଓ ଅଶାନ୍ତି । ଐତିହାସିକ ଅଧ୍ୟାପକ ନୀଳକଣ୍ଠ ଶାସ୍ତ୍ରୀ ତତ୍କାଳୀନ ପରିସ୍ଥିତି ସମ୍ପର୍କରେ ଲେଖିଛନ୍ତି—"ଔରଙ୍ଗଜେବଙ୍କ ଦୁର୍ବଳ ଉତ୍ତରାଧିକାରୀ-ମାନଙ୍କ ମଧ୍ୟରେ ସିଂହାସନ ଅଧିକାରଲାଗି ଅନିବାର୍ଯ୍ୟ ଯୁଦ୍ଧ-ବିଗ୍ରହ ଦେଖାଗଲା । ଏହି ଗୋଳମାଳ ବେଳେ କେନ୍ଦ୍ରରେ କୌଣସି ଶକ୍ତିଶାଳୀ ଶାସକ ନ ରହିଲାରୁ ସୁବାଗୁଡ଼ିକ ନିଜ ନିଜ ବାଟରେ ଗତି କଲେ । ଦୁର୍ବଳତା ଓ ଅଶାନ୍ତି ପରିସ୍ଥିତି ଚାରିଆଡ଼େ ବ୍ୟାପିଗଲା ଏବଂ ଅଫଗାନ-ମରହଟ୍ଟାମାନଙ୍କର କାର୍ଯ୍ୟପନ୍ଥା ଏ ଗୋଳଯୋଗ ଏପରି ବୃଦ୍ଧି କରିଦେଲା ଯେ ପ୍ରାୟ ପଚାଶ ବର୍ଷ ଭିତରେ ମୋଗଲ ସାମ୍ରାଜ୍ୟର ଅବସାନ ଘଟିଲା ।" (୧) ଏହି ସମୟରେ ଓଡ଼ିଶା ସୁବା ତାହେଲେ କେଉଁ ଅବସ୍ଥାରେ ଥିଲା ? ଏହା ସତ କଥା ଯେ ମୋଗଲ ଅମଳରେ ଶାସନ କାର୍ଯ୍ୟ ବୋଇଲେ ପ୍ରଜାଙ୍କଠାରୁ ଅର୍ଥ ଆହରଣହିଁ ଥିଲା ପ୍ରଧାନ କଥା । ଏହାର ପ୍ରମାଣ : ଆକବରଙ୍କ ଅମଳର ଓଡ଼ିଶା ରାଜସ୍ୱ ପ୍ରାୟ ବତିଶ ଲକ୍ଷ ଟଙ୍କା ବଢ଼ି ବଢ଼ି ଔରଙ୍ଗଜେବଙ୍କ ସମୟକୁ ପ୍ରାୟ ସତାବନ ଲକ୍ଷ ଟଙ୍କାରେ ପହଞ୍ଚିଥିଲା (୨) ଏବଂ ଜଗନ୍ନାଥ ଦର୍ଶନକୁ ଆସୁଥିବା ଲୋକଙ୍କଠାରୁ ଯାତ୍ରୀକର ଆଦାୟ ହେଉଥିଲା ବାର୍ଷିକ ପ୍ରାୟ ନବେ ହଜାର ଟଙ୍କା । ସେତେବେଳେ ଓଡ଼ିଶାରେ ଅଶୀରୁ ଅଧିକ ସଂଖ୍ୟକ କର ପ୍ରଚଳିତ ଥିଲା । ଫଳତଃ ଓଡ଼ିଆମାନେ ଯେ କର-ଭାରରେ ନିପୀଡ଼ିତ ହେଉଥିଲେ, ନିଃସନ୍ଦେହ । କିନ୍ତୁ ଫସଲର ଅବସ୍ଥାନୁଯାୟୀ ଶସ୍ୟ ଆକାରରେ ରାଜସ୍ୱ ଆଦାୟ ହେଉଥିବାରୁ ଏବଂ ଦୁର୍ଭିକ୍ଷ, ଶସ୍ୟହାନି ଆଦି ସମୟରେ କରହ୍ରାସ ବା ଆଦାୟ ବନ୍ଦ ହେଉଥିବାରୁ ଏ କରଭାର ଲୋକମାନଙ୍କ ପକ୍ଷରେ ବିଶେଷ କ୍ଷତିକାରକ ନ ଥିଲା ।

(୧) ନୀଳକଣ୍ଠ ଶାସ୍ତ୍ରୀ—History of India, Part III [1952] ପୃଷ୍ଠା ୫
(୨) ହରେକୃଷ୍ଣ ମହତାବ—ଓଡ଼ିଶା ଇତିହାସ [୧୯୪୮] ପୃଷ୍ଠା ୨୨୫

ମୋଗଲ ସୁବାଦାରମାନେ ଓଡ଼ିଆମାନଙ୍କ ଧର୍ମ ଉପରେ ହସ୍ତକ୍ଷେପ କରିଥିଲେ । ଦେଶରେ ବିଦ୍ରୋହ, ବିଶୃଙ୍ଖଳା, ଲୁଣ୍ଠନ, ଅତ୍ୟାଚାର ମଧ୍ୟେ ମଧ୍ୟେ ଦେଖା ଯାଉଥିଲା । ତଥାପି ସୁଖର କଥା, ପାଖ ଦୁଇ ଶହ ବର୍ଷର ମୋଗଲ ରାଜତ୍ୱ ଓଡ଼ିଆ ସାମାଜିକ ଜୀବନକୁ ନଷ୍ଟ ଭ୍ରଷ୍ଟ କରି ପାରି ନ ଥିଲା । ତା'ର କାରଣ "ସେତେବେଳେ ଶାସନର କେନ୍ଦ୍ର ଗ୍ରାମ ଥିଲା । ଉପରେ ଝଡ଼ ତୋଫାନ ଯାହା ହେଉ, ତଳେ ଗାଁରେ ତା'ର ଧକ୍କା ଖୁବ୍ କମ୍ ପରିମାଣରେ ଲଗୁଥିଲା । ଏଥିପାଇଁ ଶହ ଶହ ବର୍ଷର ରାଜନୈତିକ ଝଞ୍ଜା ଦେଶର ବିଧ୍ୱଂସ ସାଧନ କରି ପାରି ନାହିଁ । ଲୁଣ୍ଠନ ପ୍ରଭୃତି ସାମୟିକ ଭାବରେ ମହାମାରୀ ପରି ଆସେ, ପୁଣି ଚାଲିଯାଏ । ସେଥିରେ ଗ୍ରାମ୍ୟ ଜୀବନରେ ସ୍ଥାୟୀ ଆଞ୍ଚ ଲାଗେ ନାହିଁ ।" (୧)

କିନ୍ତୁ ମୋଗଲ ସାମ୍ରାଜ୍ୟର ପତନ ସଙ୍ଗେ ସଙ୍ଗେ ଦେଶ ଅବସ୍ଥା ବିପରୀତ ଆକାର ଧାରଣ କଲା । ଦୁର୍ବଳ ମୋଗଲ ଶାସକଙ୍କ ହସ୍ତରୁ ଯେଉଁ ମରହଟ୍ଟାମାନେ ଓଡ଼ିଶା ଶାସନଭାର ଗ୍ରହଣ କଲେ, "ସେମାନଙ୍କର ଦକ୍ଷ ସିଭିଲ୍ ସାର୍ଭିସ୍ ନ ଥିଲା, କି ଉଲ୍ଲେଖଯୋଗ୍ୟ ଶାସନ-ପଦ୍ଧତି ନ ଥିଲା । ଶାନ୍ତି ଓ ନିରାପତ୍ତା ରକ୍ଷାଲାଗି ଏବଂ ଏପରି କି ଅର୍ଥନୈତିକ ଜଗତର ପ୍ରାଥମିକ ନିୟମ ପାଳନଲାଗି କୌଣସି ଉଦ୍ୟମ କରାଯାଇ ନ ଥିଲା ।" (୨) ଫଳତଃ ଦେଶରେ ଦୁର୍ଭିକ୍ଷ, ମହାମାରୀ, ଲୁଣ୍ଠନ, ଅତ୍ୟାଚାର, ପ୍ରଜାପୀଡ଼ନ, ଅରାଜକତା ଆଦି ଲାଗି ରହିଥିଲା । ମୋଗଲ ଅମଳରେ ଯେଉଁ କୃଷି, ଶିଳ୍ପ, ବାଣିଜ୍ୟ-କାର୍ଯ୍ୟ ନିରାପଦରେ ଚାଲୁଥିଲା, ତାହା ବାଧାପ୍ରାପ୍ତ ହେଲା ଏବଂ ଯେଉଁ ଶାନ୍ତି ଶୃଙ୍ଖଳା ଟିକିଏ ଅବଶେଷ ଥିଲା, ତାହା ପୂର୍ଣ୍ଣ ଭାବରେ ଲୋପ

(୧) ହରେକୃଷ୍ଣ ମହତାବ—ଓଡ଼ିଶା ଇତିହାସ (୧୯୪୮) ପୃଷ୍ଠା ୨୨୮
(୨) ନୀଳକଣ୍ଠ ଶାସ୍ତ୍ରୀ—History of India, Part III ପୃଷ୍ଠା ୧୮୭

ପାଇଲା । ଦେଶର ସାମାଜିକ ଓ ଜାତୀୟ ଜୀବନ ମହାବିପଦର ସମ୍ମୁଖୀନ ହେଲା । ଓଡ଼ିଶା ଭାଗ୍ୟ-ବିପର୍ଯ୍ୟୟର ଏହି କରୁଣ କାହାଣୀ ଅମର ଐତିହାସିକ ତଥା ଔପନ୍ୟାସିକମାନେ ଅଶ୍ରୁସିକ୍ତ ଲେଖନୀରେ ଲିପିବଦ୍ଧ କରି ଯାଇଛନ୍ତି :—

"ଓଡ଼ିଶାରେ ମରହଟ୍ଟାଙ୍କ ଶାସନ ସମୟକୁ ଅତ୍ୟାଚାର ଓ ଅରାଜକତାର ସମୟ ବୋଇଲେ ଅତ୍ୟୁକ୍ତି ହୁଅଇ ନାହିଁ । ଓଡ଼ିଆମାନେ ଅର୍ଦ୍ଧଶତ ବର୍ଷ ପୃଥିବୀକି ଘୋର ଦୁଃଖର କାହାଣୀ ଶୁଣେଇବାପାଇଁ ମରହଟ୍ଟାଙ୍କ ନିଷ୍ଠୁର ଶାସନର ଅଧୀନ ହୋଇଥିଲେ । କେବଳ ଲୋକଙ୍କଠାରୁ ଅର୍ଥ ଶୋଷଣ କରିବା ମରହଟ୍ଟା ଶାସନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆଜି ଏକ ଗ୍ରାମ ମରହଟ୍ଟା ଅଶ୍ୱାରୋହୀମାନେ ଲୁଣ୍ଠନ କରୁଥିଲେ ତ, କାଲି ସ୍ଥାନାନ୍ତରରୁ ସେମାନେ ସର୍ବସ୍ୱ ଅପହରଣ କରୁଥିଲେ । ସେମାନଙ୍କ ଶାସନ କାଳରେ ଓଡ଼ିଶା ଏପରି ଉଲଟ-ବିପର୍ଯ୍ୟୟ ଓ ବିଶୃଙ୍ଖଳ ଅବସ୍ଥାରେ ଅବସ୍ଥିତ ହୋଇଥିଲା ଯେ ସମାଜ-ବନ୍ଧନ ଛିନ୍ନ ହୋଇ ରହିଥିବା ବିଷୟରେ କେହି କେହି ଅଦ୍ୟାବଧି ଆଶ୍ଚର୍ଯ୍ୟ ବୋଧ କରନ୍ତି । ଓଡ଼ିଶାର ବୃଦ୍ଧ ଲୋକଙ୍କ ନିକଟରୁ ବର୍ତ୍ତମାନ ଏପରି ଶୁଣାଯାଏ ଯେ ସପ୍ତାହକାଳ ଏକ ହାଣ୍ଡିରେ ରନ୍ଧନ କରି ଖାଇବା ଓଡ଼ିଶାର ଗୃହସ୍ଥ ଲୋକଙ୍କ ପକ୍ଷରେ ଅସମ୍ଭବ ବିଷୟ ହୋଇଥିଲା । ମରହଟ୍ଟାଙ୍କ ଅତ୍ୟାଚାରରେ ଓଡ଼ିଶା ପ୍ରଜାଙ୍କୁ ଅନେକ ଥର ବନ ପର୍ବତଆଡ଼କୁ ପଳାଇଯିବାପାଇଁ ବାଧ୍ୟ ହେବାକୁ ହୋଇଥିଲା ।" (୧)

"ମରହଟ୍ଟା ଶାସନରେ ନ୍ୟାୟ-ବିଚାର, ଅଦାଲତ କି କାର୍ଯ୍ୟଗୃହ ନ ଥିଲା କହିଲେ ଚଳେ । ନ୍ୟାୟବିଚାର ଅର୍ଥର ଅଧୀନ ଥିଲା । ଚୋର ଧରା ପଡ଼ିଲେ, ସଙ୍ଗେ ସଙ୍ଗେ ଧରିବା ବ୍ୟକ୍ତି ଚୋରକୁ ଦଣ୍ଡ ଦେଉଥିଲେ । ଚୋର ଡକାଏତ ଦେଶରେ ପ୍ରବଳ ହୋଇଥିଲେ । ମରହଟ୍ଟା

(୧) ପ୍ୟାରୀମୋହନ ଆଚାର୍ଯ୍ୟ—ଓଡ଼ିଶାର ଇତିହାସ [୧୯୨୫] ପୃଷ୍ଠା ୧୨୯

ସୈନ୍ୟମାନେ ଯେ କୌଣସି ପଥିକଙ୍କୁ ବାଟରେ ଲୁଣ୍ଠନ କରୁଥିଲେ । × × ସେମାନଙ୍କୁ 'ବର୍ଗୀ' କହୁଥିଲେ । ବର୍ଗୀ ଭୟରେ ଲୋକେ ତ୍ରସ୍ତ ହେଉଥିଲେ । ସେମାନଙ୍କ ଭୟରେ ଲୋକେ ଭଲ ଖାଉ ନ ଥିଲେ, ଭଲ ପିନ୍ଧୁ ନ ଥିଲେ, କି ଭଲ ଘର କରି ରହୁ ନ ଥିଲେ । ଧନଦ୍ରବ୍ୟ ସବୁ ଲୋକେ ମାଟିରେ ପୋତି ରଖୁଥିଲେ । ବର୍ଗୀମାନେ ମଧ୍ୟ ମାଟିରେ ଶାବଳ ମାରି ଧନଦ୍ରବ୍ୟର ସନ୍ଧାନ କରୁଥିଲେ ।" (୧)

ମରହଟ୍ଟା ଶାସନ କାଳରେ ୧୭୬୯-୭୦ ମସିହାରେ ଓଡ଼ିଶା ଓ ବଙ୍ଗଳାରେ ଏକ ଭୀଷଣ ଦୁର୍ଭିକ୍ଷ ପଡ଼ିଥିଲା । ଓଡ଼ିଶାର ଅଧାଅଧି ଲୋକ ସେ ଦୁର୍ଭିକ୍ଷରେ ପ୍ରାଣ ହରାଇଥିଲେ । ସେତେବେଳେ ଓଡ଼ିଶା ସୁବାଦାର ଥିଲେ ଅତ୍ୟାଚାରୀ ଦୁରାତ୍ମା ଶମ୍ଭୁଜୀ ଗଣେଶ । ତାଙ୍କର ଅତ୍ୟାଚାରମୂଳକ ଶାସନ ଓ ତତ୍କାଳୀନ ଦୁର୍ଭିକ୍ଷର ଭୟାବହ ଚିତ୍ର ରାମଶଙ୍କର ରାୟ 'ବିବାସିନୀ' ଉପନ୍ୟାସରେ [ବିଂଶ ଓ ସପ୍ତବିଂଶ ପରିଚ୍ଛେଦ] ଚିତ୍ରଣ କରି ଯାଇଛନ୍ତି । 'ଲଛମା' ଉପନ୍ୟାସରେ ଫକୀରମୋହନ ମଧ୍ୟ ମରହଟ୍ଟା ଅତ୍ୟାଚାରର ନିର୍ମମ କାହାଣୀ ଲିପିବଦ୍ଧ କରିଛନ୍ତି ।

୧୮୦୩ ମସିହାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲା ବେଳକୁ ଦେଶ ଏହିପରି ଏକ ଶ୍ମଶାନରେ ପରିଣତ ହୋଇଛି, ଓଡ଼ିଆ ହୋଇଛି ଏକ ଅର୍ଦ୍ଧମୃତ ଜାତି । ବ୍ରିଟିଶ୍ ଅଧିକାର ସଙ୍ଗେ ସଙ୍ଗେ ଯେ ଏହି ଅର୍ଦ୍ଧମୃତ ଜାତି ପ୍ରାଣ-ପ୍ରାଚୁର୍ଯ୍ୟରେ ଭରି ଉଠିଲା ଏବଂ ଶ୍ମଶାନମୟ ଦେଶଟାରେ ଯେ ଜୀବନ-ଜୁଆର ମାଡ଼ି ଆସିଲା, ତାହା ନୁହେଁ । ଜାତୀୟ ଜୀବନର ଚରମ ବିପର୍ଯ୍ୟୟରୁ ଉଠି ଓଡ଼ିଆମାନଙ୍କୁ ଅଣ୍ଟା ସଳଖି ଠିଆ ହେବା ପାଇଁ ଆହୁରି ଅନ୍ତତଃ ଏକ ଶତ ବର୍ଷ

[୧] କୃପାସିନ୍ଧୁ ମିଶ୍ର—ଉତ୍କଳ ଇତିହାସ [୧୯୩୩] ପୃଷ୍ଠା ୨୮୫-୮୬

ଲଟିଗଲା । ଓଡ଼ିଶାର ସାମାଜିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ଏହି କାଳଟି ହେଉଛି—ଗୋଟିଏ ଯୁଗସନ୍ଧି ।

ଓଡ଼ିଶା ଅଧିକାରର ବହୁ ପୂର୍ବରୁ ଇଂରେଜମାନେ ବଙ୍ଗ, ମାନ୍ଦ୍ରାଜ, ବମ୍ବେ ପ୍ରଭୃତି ଭାରତର ଅନେକାଂଶ ଅଧିକାର କରି ସାରିଥିଲେ । ସେମାନେ ପ୍ରଥମତଃ ବଣିକ ରୂପେ ଭାରତକୁ ଆସିଥିଲେ । ଏ ଦେଶରୁ ଧନରତ୍ନ ବୋହିନେବା ସେତେବେଳେ ସେମାନଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ତେଣୁ ଭାରତରେ ରାଜତ୍ୱ ସ୍ଥାପନ କରି ସେମାନେ ବହୁଦିନ ପର୍ଯ୍ୟନ୍ତ ଶାସକର ଦାୟିତ୍ୱ ଅନୁଭବ କରି ପାରି ନ ଥିଲେ । ଓଡ଼ିଶା ମଧ୍ୟ ବିଜିତ ହେବା ପରେ ପରେ ସେମାନଙ୍କ ଅର୍ଥନୈତିକ ଶୋଷଣର ଶିକାର ହୋଇ ପଡ଼ିଲା । ପ୍ରଥମେ ଜମିଦାରମାନଙ୍କଠାରୁ ଏ ଶୋଷଣର ସୂତ୍ରପାତ ହେଲା । କମ୍ପାନୀ ଆଗେ ସେମାନଙ୍କଠାରୁ ବଶ୍ୟତା ସ୍ୱୀକାର-ଜ୍ଞାପକ ଏକରାରନାମା ଲେଖାଇ ନେଲେ । ଜମିଦାରମାନେ ବାର୍ଷିକ କେତେ ଟଙ୍କା ସରକାରଙ୍କୁ ରାଜସ୍ୱ ଦେବେ, ତାହା ସ୍ପଷ୍ଟ ଭାବରେ ତହିଁରେ ଉଲ୍ଲେଖ କରାଗଲା । ଜଗନ୍ନାଥ ମନ୍ଦିରର ବିପୁଳ ଆୟ ଉପରେ ମଧ୍ୟ କମ୍ପାନୀଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା । ତେଣୁ ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କଠାରୁ ଜଗନ୍ନାଥ ମନ୍ଦିର ପରିଚାଳନା ଭାର କାଢ଼ି ଆଣି କମ୍ପାନୀ ନିଜ ହାତରେ ରଖିଲେ । ତାପରେ ୧୮୦୪ ମସିହାରେ ଓଡ଼ିଶାରେ ଭୂରାଜସ୍ୱ ବନ୍ଦୋବସ୍ତ ହେଲା ଏବଂ ବର୍ଷକ ପରେ ଏହା ରେଗୁଲେସନ୍ ଆକାରରେ ପ୍ରକାଶ ପାଇଲା । ଉକ୍ତ ରେଗୁ-ଲେସନ୍ ଅନୁଯାୟୀ କେତେକ ଜମିଦାରୀକୁ 'ପାର୍ବତୀୟ, ଅସଭ୍ୟ, ବର୍ବର' ଅଞ୍ଚଳ ରୂପେ 'ଟ୍ରିବ୍ୟୁଟେରି ମହାଲସ୍' ଆଖ୍ୟା ଦିଆଯାଇ ସାଧାରଣ ଶାସନର ବହିର୍ଭୂତ କରି ରଖାଗଲା । ଏହି ଟ୍ରିବ୍ୟୁଟେରି ମହାଲସ୍ କାଳକ୍ରମେ ଗଡ଼ଜାତ ରାଜ୍ୟରେ ପରିଣତ ହେଲେ ।

୧୮୦୪ ମସୀହାର ଭୂରାଜସ୍ୱ ବନ୍ଦୋବସ୍ତ ସ୍ଥାୟୀ ହେଲା ନାହିଁ । ଦୁଃଖର କଥା, ସେବର ଦରିଦ୍ର ଓଡ଼ିଶାକୁ କାମଧେନୁ ବୋଲି ବିଚାରି କମ୍ପାନୀ ୧୮୦୪ଠାରୁ ୧୮୨୩ ମସୀହା ପର୍ଯ୍ୟନ୍ତ ପ୍ରାୟ କୋଡ଼ିଏ ବର୍ଷ ଭିତରେ ଦଶ ଦଶଟି ବନ୍ଦୋବସ୍ତ କରି ପକାଇଲେ । ୧୮୧୧ ମସୀହା ସେପ୍ଟେମ୍ବର ପନ୍ଦରରେ ବିଲାତର କୋର୍ଟ ଅଫ୍ ଡିରେକ୍ଟରସ୍ ବଙ୍ଗ ସରକାରଙ୍କୁ ଯେଉଁ ପତ୍ର ଲେଖିଥିଲେ, ତହିଁରୁ ଏପରି ଘନ ଘନ ଅସ୍ଥାୟୀ ବନ୍ଦୋବସ୍ତର ପ୍ରକୃତ ଉଦ୍ଦେଶ୍ୟ ଜଣାପଡ଼େ । ପତ୍ରର କିୟଦଂଶ ନିମ୍ନରେ ଉଦ୍ଧାର କରାଗଲା :—

"ଓଡ଼ିଶାରେ ସ୍ଥାୟୀ ବନ୍ଦୋବସ୍ତର କୌଣସି ପ୍ରତିଶ୍ରୁତି ଦିଆଯାଇ ପାରିବ ନାହିଁ । ବଙ୍ଗ ପ୍ରଦେଶ ବହୁକାଳୁ ଆମ ଅଧୀନରେ ଥିବାରୁ ଆମେ ସେ ଅଞ୍ଚଳର ସମସ୍ତ ବିବରଣ ଜାଣିଥିଲୁଁ । କିନ୍ତୁ ଓଡ଼ିଶା ସମ୍ବନ୍ଧ ଆମେ କିଛି ଜାଣୁ ନାହୁଁ । × × × ଯେ କାରଣରୁ ବଙ୍ଗଳାରେ ସ୍ଥାୟୀ ବନ୍ଦୋବସ୍ତ କରାହେଲା, ସେ କାରଣମାନ ଓଡ଼ିଶାରେ ନାହିଁ । ଏଣୁ ଚିରସ୍ଥାୟୀ ବନ୍ଦୋବସ୍ତର କୌଣସି ଆଶା ସେଠା ଲୋକଙ୍କୁ ଦିଅ ନାହିଁ । ଭୂରାଜସ୍ୱହିଁ ଆମ ସେଠା ସରକାରଙ୍କର ମୂଳ ପିଣ୍ଡ । ତେଣୁ ତାକୁ ଚିରକାଳପାଇଁ ସୀମାବଦ୍ଧ କରିବା ଆମ ସ୍ୱାର୍ଥ ଦୃଷ୍ଟିରୁ ସମୀଚୀନ ନୁହେଁ ।" (୧)

ଫଳତଃ ଦେଖାଯାଏ, ପ୍ରଥମ ବନ୍ଦୋବସ୍ତରେ ଓଡ଼ିଶାର ସ୍ଥିରୀକୃତ ଜମା ୪ଲକ୍ଷ ୪୩ହଜାର ଟଙ୍କା ପ୍ରତି ବନ୍ଦୋବସ୍ତରେ ବଢ଼ି ବଢ଼ି ୧୮୧୮ ମସୀହା ବେଳକୁ ହୋଇଥିଲା—୧୬ଲକ୍ଷ ୪୮ ହଜାର ଟଙ୍କା । [୨] ମୋଗଲ ତଥା ମରହଟ୍ଟା ଅମଳରେ ଜମିର ଫସଲ ଅନୁସାରେ ଜମା ଧାର୍ଯ୍ୟ ହେଉଥିଲା । ତେଣୁ କୃଷି-ହାନି

(୧) ମନ୍ମଥବାବୁଙ୍କ 'ଓଡ଼ିଶା ଇତିହାସ' ୨୮୩ ପୃଷ୍ଠା ଉଦ୍ଧୃତିରୁ ଗୃହୀତ ।
(୨) କୃପାସିନ୍ଧୁ ମିଶ୍ର—ଉତ୍କଳ ଇତିହାସ ପୃଷ୍ଠା ୩୨୦ ।

ହେଲେ, ପ୍ରଜାମାନେ କରଭାରୁ ପାଉଥିଲେ । ପୁଣି ଜମିର ବନ୍ଦୋବସ୍ତ ବା ଜମାଧାର୍ଯ୍ୟ ପ୍ରଜାମାନଙ୍କ ସଙ୍ଗରେ ହେଉଥିବାରୁ ସ୍ୱୟଂ ରାଜପୁରୁଷମାନେ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ପ୍ରଜାମାନଙ୍କର ଅଭାବ ଅସୁବିଧା ବୁଝି ପାରୁଥିଲେ । ସେତେବେଳେ ଜମିର ପ୍ରକୃତ ମାଲିକ ଥିଲା କୃଷୀ ଏବଂ ତା' ଉପରକୁ ରାଜା । ଜମିଦାରମାନେ କେବଳ ପୁରୁଷାନୁକ୍ରମିକ ଜାଗିର ପାଇ କର ଆଦାୟ କରୁଥିଲେ । ଜମିର ସ୍ୱତ୍ତ୍ୱ ଉପରେ ସେମାନଙ୍କର ଅଧିକାର ନ ଥିଲା । ମାତ୍ର ଇଂରେଜମାନେ ଏହି ପ୍ରାଚୀନ ପଦ୍ଧତି ରଦ୍ଦ କରି ୧୭୮୪ ମସିହାର ପିଟ୍‌ଙ୍କ ଭାରତ ଆଇନ୍ ଅନୁଯାୟୀ ରାଜସ୍ୱ ଆଦାୟର ସ୍ଥାୟୀ ବ୍ୟବସ୍ଥା କରିବାକୁ ଜମିଦାର ଓ ଅନ୍ୟାନ୍ୟ ଭୂସ୍ୱାମୀମାନଙ୍କ ସହିତ ରାଜସ୍ୱ ବନ୍ଦୋବସ୍ତ କଲେ । ଫଳତଃ ଆଧୁନିକ ମଧ୍ୟସ୍ୱତ୍ତ୍ୱାଧିକାରୀ ଜମିଦାରି ପ୍ରଥା ସୃଷ୍ଟି ହେଲା । ଜମିଦାରମାନଙ୍କ ଉପରେ ବିଭିନ୍ନ ବନ୍ଦୋବସ୍ତରେ ଘନ ଘନ ଜମା ବୃଦ୍ଧି ହେବାରୁ ସେମାନେ ଜମିର ଅବସ୍ଥା ନ ବୁଝି ପ୍ରଜାଙ୍କଠାରୁ ମନଇଚ୍ଛା ରାଜସ୍ୱ ଆଦାୟ କଲେ । ଅନେକ ରାଜସ୍ୱ ଆଦାୟ ହୋଇ ପାରିଲା ନାହିଁ । ତେଣୁ ଅନେକ ଜମିଦାର ଠିକ୍ ସମୟରେ ସରକାରଙ୍କଠାରେ ରାଜସ୍ୱ ଦାଖଲ କରିବାକୁ ଅସମର୍ଥ ହେଲେ । ଅନାଦାୟ ରାଜସ୍ୱ ସକାଶେ ଅନେକ ଜମିଦାରି ନାମ ମାତ୍ର ମୂଲ୍ୟରେ ନିଲାମ ହୋଇଗଲା । ନିଲାମ ଡାକ କଲିକତାରେ ହେଉଥିବାରୁ ବଙ୍ଗାଳିମାନେ ସୁବିଧା ପାଇ ଓଡ଼ିଶାର ଅନେକ ଜମିଦାରି ହସ୍ତଗତ କରିନେଲେ । ଫଳରେ ଓଡ଼ିଶାରୁ ଜମିଦାର ଶ୍ରେଣୀୟ ବହୁ ପ୍ରାଚୀନ ସମ୍ଭ୍ରାନ୍ତ ପରିବାର ଲୋପ ପାଇଗଲା ।

ଶେଷରେ ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ ଉପରୁ ମଧ୍ୟ କମ୍ପାନୀ ଲୋଭ ତୁଟାଇ ପାରିଲେ ନାହିଁ । ଅଷ୍ଟାଦଶ ଶତାବ୍ଦୀ ଶେଷ ଭାଗରେ 'ଶିଳ୍ପ ବିପ୍ଳବ' ଫଳରେ ଇଂଲଣ୍ଡର ବଡ଼ ବଡ଼ ଶିଳ୍ପ

କାରଖାନାମାନ ଗଢ଼ି ଉଠିଥିଲା । ଏହି ଶିଳ୍ପ-କାରଖାନା ସକାଶେ ପ୍ରଚୁର କଞ୍ଚାମାଲ୍ ଯୋଗାଇବାଲାଗି ଭାରତର ଲକ୍ଷ୍ମୀ-ଭଣ୍ଡାର ଲୁଟି ହେଲା । ଏ ଦେଶରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଲଭ୍ୟାଂଶ ସେତେବେଳେ 'ଇନ୍‌ଭେଷ୍ଟମେଣ୍ଟ'ରେ ଖର୍ଚ୍ଚ ହେଉଥିଲା, ଅର୍ଥାତ୍ ତହିଁରେ ଏ ଦେଶରୁ କଞ୍ଚାମାଲ କଣା ହୋଇ ବିଲାତକୁ ପଠା ଯାଉଥିଲା । [୧] ଏହା ବ୍ୟତୀତ ବିଲାତ କଳକାରଖାନାର ତିଆରି ମାଲ ବିକ୍ରିବାଲାଗି ଉପଯୁକ୍ତ ବଜାର ଲୋଡ଼ା ପଡ଼ିଲା । ସେତେବେଳେ ନେପୋଲିୟନ୍ ବିଲାତ ପଣ୍ୟ ଇଉରୋପ ବଜାରରେ ପୂରିବା ଦେଉ ନ ଥିଲେ । ତେଣୁ ବ୍ରିଟିଶ ଶିଳ୍ପପତିମାନେ ଭାରତରେ ପାଇଲେ ବିସ୍ତୀର୍ଣ୍ଣ ବଜାର । ଭାରତରେ କଞ୍ଚା ରେଶମ ଉତ୍ପାଦନଲାଗି ସହାୟତା ମିଳିଲା, ମାତ୍ର ରେଶମ ଶିଳ୍ପର ଧ୍ୱଂସଲାଗି ଉଦ୍ୟମ କରାଗଲା । ଏହା ଦ୍ୱାରା ଭାବରେ ବିଲାତ ଶିଳ୍ପର ଉନ୍ନତି କରିବା ଲାଗି ଭାରତୀୟ ଶିଳ୍ପର ଅଧଃପତନ ହେଲା । ଓଡ଼ିଶାରେ ମୋଗଲ ଓ ମରହଟ୍ଟା ଅମଳରେ ଶିଳ୍ପ, ବାଣିଜ୍ୟ ବ୍ୟବସାୟର ଭଟ୍ଟା ପଡ଼ି ଆସିଥିଲା । ତଥାପି ଯାହା ଅବଶିଷ୍ଟ ଥିଲା, ତହିଁରେ ଆକୃଷ୍ଟ ହୋଇ ଅଷ୍ଟାଦଶ ଶତାବ୍ଦୀରେ ଇଉରୋପୀୟ ବଣିକମାନେ ଓଡ଼ିଶାର ନାନା ସ୍ଥାନରେ ବାଣିଜ୍ୟ କୋଠିମାନ ସ୍ଥାପନ କରିଥିଲେ । ପୂର୍ବେ ଓଡ଼ିଶାର ନୌବାଣିଜ୍ୟ କିପରି ଉନ୍ନତି ଲାଭ କରିଥିଲା, ତାହା ବିରୂପାକ୍ଷ କର ନିଜ 'ପ୍ରାଚୀନ ଉତ୍କଳରେ ଜଳଯାତ୍ରା' ପୁସ୍ତକରେ ଦେଖାଇ ଦେଇଛନ୍ତି । ୧୮୭୧ ମସିହା ବେଳକୁ କେବଳ ବାଲେଶ୍ୱର ଜିଲାରେ ସୁବର୍ଣ୍ଣରେଖା, ସାରଥା, ଗୃନ୍ଦ୍ୟା, ବାଲେଶ୍ୱର, ଲାଇଚନପୁର, ଚୁଡ଼ାମଣି ଏବଂ ଗୁନ୍ଦବାଲି ସମେତ ଧାମରା—ଏହିପରି ସାତଗୋଟି ବନ୍ଦର ଥିଲା । (୨) ଏହି ବନ୍ଦରମାନଙ୍କରୁ ଓଡ଼ିଶା

[୧] ରମେଶଚନ୍ଦ୍ର ଦତ୍ତ—ଭାରତବର୍ଷର ଅର୍ଥନୈତିକ ଇତିହାସ, ପୃଷ୍ଠା ୧୮

[୨] Bengal District Gazetteers—Balasore [1907] ପୃଷ୍ଠା ୮

ଗୋରାପମାନ ଯାଇ ବିଭିନ୍ନ ସ୍ଥାନରେ କପଡ଼ ବାଣିଜ୍ୟ ବ୍ୟବସାୟ କରୁଥିଲେ, ତାହା ଫକୀରମୋହନଙ୍କ 'କାଳିକା ପ୍ରସାଦ ଗୋରାପ' ଓ 'କମଳା ପ୍ରସାଦ ଗୋରାପ' କାହାଣୀ ଦୁଇଟି [ଗଳ୍ପସଳ୍ପ—ଦ୍ୱିତୀୟ ଭାଗ] ପ୍ରମାଣ ଦେବ। କମ୍ପାନୀ ଅଧିକାର ପୂର୍ବରୁ ଓଡ଼ିଶାରେ ଲୁଗା ଓ ଲୁଣ ବ୍ୟବସାୟ ପ୍ରଧାନ ଥିଲା। ଫକୀରମୋହନ ନିଜେ ଲେଖିଛନ୍ତି:—

"ଅମଲା ଓ ବଡ଼ଲୋକମାନେ ବାଲେଶ୍ୱରୀ ପତଳା ଲୁଗା ପିନ୍ଧୁଥିଲେ। ମଫସଲବାସୀ ସମସ୍ତ ଗୃହୀ ଲୋକ ଘରର ଅରଟକଟା ସୂତାରେ ବୁଣା ଲୁଗା ପିନ୍ଧୁଥିଲେ। ସୂତା କାଟିବା ନିମନ୍ତେ ଯେଉଁମାନଙ୍କ ଘରେ ମାଇକିନିଆ ନ ଥାନ୍ତି, ସେହିମାନେ କେବଳ ବଜାରରୁ ଲୁଗା କିଣି ପିନ୍ଧୁଥିଲେ। ମଫସଲବାସୀ ସମସ୍ତଙ୍କର କପା ଗୃହ ଥାଏ। କପା ବିଲରୁ ତୋଳା ହୋଇ ଆସିଲେ, ଘରର କର୍ତ୍ତା ମାଇକିନିଆମାନଙ୍କୁ ତୁଳା ବାଣ୍ଟି ଦିଅନ୍ତି। ପ୍ରତ୍ୟେକ ସ୍ତ୍ରୀ ଲୋକର ଗୋଟିଏ ଗୋଟିଏ ଅରଟ ଥାଏ। ସୂତା କଟା ହୋଇଗଲେ ତନ୍ତୀ ବାଣି ନେଇ ସେହି ସୂତାରେ ଲୁଗା ବୁଣିଦିଏ। ବାଣି ସବୁବେଳେ ହାତକୁ ପଇସାଏ କରି ଥିଲା।"—[ଆତ୍ମଜୀବନ ଚରିତ, ପୃଷ୍ଠା ୧୯]

ଏଥିରୁ ଜଣା ପଡ଼େ, କମ୍ପାନୀ ଅଧିକାର ପରେ ମଧ୍ୟ ଊନବିଂଶ ଶତାବ୍ଦୀ ମଧ୍ୟ ଭାଗ ପର୍ଯ୍ୟନ୍ତ ଓଡ଼ିଶା ବସ୍ତ୍ର-ଶିଳ୍ପ ଲୋପ ପାଇ ନ ଥିଲା। କିନ୍ତୁ ଏ ଦେଶରେ ବିଲାତି କଳ ଲୁଗାର ମେଲା ବଜାର ଖୋଲିବା ଉଦ୍ଦେଶ୍ୟରେ କମ୍ପାନୀ ମୂଳରୁ ଦେଶୀୟ ବସ୍ତ୍ର-ଶିଳ୍ପ ଧ୍ୱଂସ କରିବାର ଉଦ୍ୟମ କରିଥିଲେ। ଅଟକ ରଖିବା, ଜରିମାନା କରିବା, ଆଙ୍ଗୁଳି କାଟି ପକାଇବା ପ୍ରଭୃତି ନାନା ପ୍ରକାର ଅତ୍ୟାଚାର ତନ୍ତୀମାନଙ୍କ ଉପରେ କରା ଯାଇଥିଲା। ଫଳରେ ଓଡ଼ିଶାର ଉନ୍ନତ ବସ୍ତ୍ର-ଶିଳ୍ପ କାଳକ୍ରମେ ଲୋପ ପାଇଗଲା। ଲବଣ-ଶିଳ୍ପର ଅବସ୍ଥା ମଧ୍ୟ ତଦ୍ରୂପ।

ଓଡ଼ିଶା ଅଧିକାର ପରେ କଂପାନୀ ଲୁଣ ବ୍ୟବସାୟ ଏକଚାଟିଆ କରି ନେଇ ୧୮୦୦ ମସିହା ବେଳକୁ ଏକାବେଳେ ବନ୍ଦ କରି ଦେଲେ ଏବଂ ତା’ ସ୍ଥାନରେ ଲିଭରପୁଲ୍ ଲୁଣ ଆଣି ଶସ୍ତା ଦରରେ ବିକ୍ରୟ କଲେ । ଫଳରେ ଲୁଣମରି ଜୀବିକା ଉପରେ ନିର୍ଭର କରି ବଞ୍ଚି ରହିଥିବା ଓଡ଼ିଶାର ଲକ୍ଷ ଲକ୍ଷ ଉପକୂଳବାସୀ ହା-ହା-କାର କରିବାକୁ ଲାଗିଲେ । ଏହି ମର୍ମନ୍ତୁଦ ସତ୍ୟ ଘଟଣା ଫକୀରମୋହନ ନିଜର ‘ବାଲେଶ୍ୱରୀ ପଙ୍ଗାଲୁଣ’ କାହାଣୀରେ (ଗଳ୍ପ-ସଳ୍ପ—ଦ୍ୱିତୀୟ ଭାଗ) ଲିପିବଦ୍ଧ କରି ଯାଇଛନ୍ତି । ସ୍ୱଦେଶୀ ଶିଳ୍ପ ବିନାଶରେ ସେତେବେଳେ ସେ କିପରି ବିଚଳିତ ହୋଇଥିଲେ, ତାହା ନିମ୍ନ ପଦ୍ୟାଂଶରୁ ଜଣାପଡ଼େ:—

“ଓଳି ତଳେ ଲୁଣ କୋଠିଏ ମହଣ
ଥାଉଁ ମୋହ କଥା ଶୁଣ,
ବୋଇଲେ କି ହେବ ଖାଇବାକୁ ହେବ
ଲିଭରପୁଲରୁ ଲୁଣ ।
ମାଞ୍ଚେଷ୍ଟର ତନ୍ତୀ ଲୁଗା ବୁଣୁଛନ୍ତି
ତୁମ୍ଭମାନଙ୍କ ସକାଶେ,
ବୁଡ଼ୁ ତନ୍ତୀ ବଂଶ, ହେଉ ସର୍ବନାଶ
ଯାଉନ୍ତୁ ସେ ବନବାସେ ।
ସ୍ୱଦେଶର ଶିଳ୍ପ ସବୁ ଅଳ୍ପ ଅଳ୍ପ
ଦେଖୁଛ ଯାଉଛି ବୁଡ଼ି,
ଦେଖ ନାହିଁ ଭଲ ସବୁଛି ସଙ୍ଗୋଳି
ଶୋଇଛ ମାଠି ଘୋଡ଼ି ।” —ଉତ୍କଳ ଭୂମି (ଅ. ବା:)

ମୋଟାମୋଟି ଏହି ହେଲା ଇଂରେଜମାନଙ୍କ ଅର୍ଥନୈତିକ ଶୋଷଣର ଇତିହାସ । ଏହା ଫଳରେ ଓଡ଼ିଶାର କି ଧନୀ ଜମିଦାର,

କୁ ନିର୍ଧନ ପ୍ରଜା ସମସ୍ତେ ଉଚ୍ଛନ୍ନ ହୋଇଗଲେ । ମୋଟେ ଚଉଦ ବର୍ଷର ଇଂରେଜ ଶାସନ ଏତେ ଅସହନୀୟ ହୋଇଉଠିଲା ଯେ ୧୮୧୭ ମସିହାରେ ସୁପ୍ତ ଓଡ଼ିଆ ପାଇକ-ଶକ୍ତି ଏହା ବିରୁଦ୍ଧରେ ଦେଶବ୍ୟାପୀ ବିଦ୍ରୋହ ଘୋଷଣା କଲା । ଡକ୍ଟର ହରେକୃଷ୍ଣ ମହତାବ ପାଇକ ବିଦ୍ରୋହକୁ "ଅତ୍ୟାଚାରିତ ଜନତାର ବିଦ୍ରୋହ" ଆଖ୍ୟା ଦେଇ "ଏହାର ଉଦ୍ଦେଶ୍ୟ ଇଂରେଜ ରାଜତ୍ୱର ମୂଳୋତ୍ପାଟନ" ଥିଲା ବୋଲି ଅଭିମତ ପ୍ରକାଶ କରିଛନ୍ତି । (୧) କିନ୍ତୁ ପାଇକ ବିଦ୍ରୋହ ଓଡ଼ିଶାର ଗଣ ଆନ୍ଦୋଳନ ହେଲେ ମଧ୍ୟ ଏହାର ଯେ ଏକ ନିର୍ଦ୍ଦିଷ୍ଟ ମହତ୍ତ୍ୱର ଲକ୍ଷ୍ୟ ଥିଲା, ତାହା ଜୋର୍ କରି ବୋଲିଯାଇ ନ ପାରେ । ମୁସଲମାନ ତଥା ମରହଟ୍ଟା ଶାସନରେ ଜନସାଧାରଣ ଅତ୍ୟାଚାରିତ ହେଉଥିଲେ, ଇଂରେଜ ଶାସନରେ ମଧ୍ୟ ହେଲେ । ପାଇକ ବିଦ୍ରୋହରେ ଓଡ଼ିଶାରୁ ଯଦି ଇଂରେଜ ରାଜତ୍ୱର ମୂଳୋତ୍ପାଟନ ହୋଇ ଯାଇଥାନ୍ତା, ତାହେଲେ ସୁଦ୍ଧା ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦଦେବ କିଂବା ବକ୍ସି ଜଗବନ୍ଧୁ ବିଦ୍ୟାଧର ଓଡ଼ିଶାର ଲୁପ୍ତ ଶାନ୍ତି ଓ ସ୍ୱାଧୀନତା କଦାପି ଫେରାଇ ଆଣି ପାରି ନ ଥାନ୍ତେ । କାରଣ ଦେଶର ତତ୍କାଳୀନ ରାଜନୈତିକ ପରିସ୍ଥିତି ଏଥିଲାଗି ଅନୁକୂଳ ନ ଥିଲା । ମରହଟ୍ଟା ଅତ୍ୟାଚାର ଓ ଗୃହଯୁଦ୍ଧରେ ପୁଣି ଦେଶ ଛାରଖାର ହୋଇ ଯାଇଥାନ୍ତା । ରାଜା ମୁକୁନ୍ଦଦେବ, ବକ୍ସି ଜଗବନ୍ଧୁ କିଂବା ପାଇକଦଳ ନିଜ ନିଜର ସୀମାବଦ୍ଧ ସ୍ୱାର୍ଥ ଦୃଷ୍ଟିରୁ ଇଂରେଜ ରାଜତ୍ୱର ମୂଳୋତ୍ପାଟନ କରିବାକୁ ବାହାରିଥିଲେ; କିନ୍ତୁ ତାହା ଦ୍ୱାରା ସମଗ୍ର ଓଡ଼ିଶାର ସ୍ୱାର୍ଥ ସାଧିତ ହୋଇ ପାରି ନ ଥାନ୍ତା ।

ଯାହାହେଉ, ପାଇକ ବିଦ୍ରୋହ ବିଫଳ ହେଲା । ଏ ବିଦ୍ରୋହ ଯେ ଓଡ଼ିଆ ସାମରିକ ଶକ୍ତି ଓ ଜାତୀୟ ସଂଗଠନର ଶେଷ ପରିଚୟ,

(୧) ହରେକୃଷ୍ଣ ମହତାବ—ଓଡ଼ିଶା ଇତିହାସ, ପୃଷ୍ଠା ୭୦୧

ଏଥିରେ ସନ୍ଦେହ ନାହିଁ । ଏହାର ମାତ୍ର ୭୫ ବର୍ଷ ପୂର୍ବରୁ ଢେଙ୍କାନାଳ ଯୁଦ୍ଧରେ ଯେଉଁ ଶକ୍ତିଶାଳୀ ଓଡ଼ିଆ ବାହିନୀର ପରିଚୟ ଆମେ କବି ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ'ରୁ ପାଉଁ, ସେ ବାହିନୀ ଆନୁଷ୍ଠାନିକ ଭାବରେ ଏହିଠାରୁ ବିଲୁପ୍ତ ହେବାକୁ ଲାଗିଲା । ବିଦ୍ରୋହ ପରେ ପରେ ସରକାରୀ ଆଦେଶ ଜାରି ହେଲା—"ଓଡ଼ିଆମାନଙ୍କୁ ସୈନ୍ୟ ବିଭାଗରେ ଗ୍ରହଣ କରାଯିବ ନାହିଁ ।" [୧] ଫଳତଃ ଓଡ଼ିଶାର ଗୋଟିଏ ପାରଂପରିକ ଯୋଦ୍ଧୃ ବାହିନୀ—ବିଶିଷ୍ଟ ପାଇକ ବଂଶ ଧ୍ୱଂସ ହୋଇଗଲା । ଆଜି କର୍ପୂର ନାହିଁ, ମାତ୍ର କନା ଅଛି । ଏବେ ମଧ୍ୟ ଦଶହରା ଦିନ ଓଡ଼ିଆ କୃଷକ ଖଣ୍ଡାୟତ ପ୍ରଭୃତିଙ୍କର ଢାଲ ତରବାରୀ ପୂଜା ଏହି ଲୁପ୍ତ ବାହିନୀର ଲୁପ୍ତ ଗୌରବ-ସ୍ମୃତି ବହନ କରି ଆଣେ ।

ଇଂରେଜ ଶାସକ ଓଡ଼ିଆଙ୍କ ତୁଣ୍ଡରୁ ଦାନା କାଢି ନେଇଥିଲେ, ପୁଣି ବାହୁରୁ କାଢିନେଲେ ଶକ୍ତି । କାଙ୍ଗାଳ ଓଡ଼ିଆ ଜାତି ଏବେ ପୌରୁଷହୀନ ହୋଇଗଲା ।

ସେବର ଓଡ଼ିଆ ସାମାଜିକ ଜୀବନର କରୁଣ କାହାଣୀ ଓଡ଼ିଶା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ନାହିଁ । କିନ୍ତୁ ତତ୍କାଳୀନ ସରକାରୀ କାଗଜପତ୍ର ଓ ଓଡ଼ିଆ ସାହିତ୍ୟ ମଧ୍ୟରୁ କିଂବା କିଂବଦନ୍ତୀ ଆକାରରେ ପୁରୁଖା ଲୋକମାନଙ୍କଠାରୁ ଏହାର ନଗ୍ନ ଚିତ୍ର ଆଜି ଆମେ କିଛି କିଛି ପାଇ ପାରୁଛୁ । ସେତେବେଳେ ଲୋକେ ସାଧାରଣତଃ ଗରିବ ଥିଲେ । ଫକୀରମୋହନ ନିଜ 'ଆତ୍ମଜୀବନ ଚରିତ'ରେ (୧୯ ପୃଷ୍ଠା) ଲେଖିଛନ୍ତି—''ସେତେବେଳେ ସଂସାରର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଖୁବ୍ ସୁଲଭ ଥିଲା ।'' [ଯଥା ଚାଉଳ ଟଙ୍କାକୁ ଦେଢ଼ ମହଣ, ବିରି ଡାଲି ଅଠାଂଶାକୁ ମହଣେ, ଘିଅ ଟଙ୍କାକୁ ତିନି ସେର ।] କିନ୍ତୁ ଏ ସବୁ ସୁଲଭ ଥିଲା କେବଳ ମୁଷ୍ଟିମେୟ ଧନୀ ଓ

(୧) ହରେକୃଷ୍ଣ ମହତାବ—ଓଡ଼ିଶା ଇତିହାସ, ପୃଷ୍ଠା ୭୦୬

ମଧ୍ୟବର୍ତ୍ତ ଶ୍ରେଣୀ ପକ୍ଷରେ । ଦେଶର ଅଗଣିତ ଜନସାଧାରଣ ଅତି ଦୀନହୀନ ଅବସ୍ଥାରେ ଥିଲେ । ନିଜର ଯେଉଁ ସ୍ୱଳ୍ପ ପରିମାଣ ଜମି ଚାଷ କରୁଥିଲେ, ତାହା ସେମାନଙ୍କୁ ପୂରା ବର୍ଷକର ଦାନା ଯୋଗାଇ ପାରୁ ନ ଥିଲା । ଏହା ଉପରେ ପୁଣି ଥିଲା ଅତ୍ୟଧିକ ରାଜସ୍ୱ କୃଷିହାନି ଓ ଦୁର୍ଭିକ୍ଷ । ଲୋକେ ଅଭାବ-ଅସୁବିଧାବଶତଃ ଜମିଦାର-ମହାଜନଙ୍କ-ଠାରେ ଜିନିଷ ବନ୍ଧକ ରଖି ନୋହିଲେ ହ୍ୟାଣ୍ଡନୋଟ୍ କରି ଧାନ ବା ଟଙ୍କା କରଜ ଆଣୁଥିଲେ । ଅନେକେ ଏ କରଜ ଶୁଝି ନ ପାରି ନିଜର ଚଳନ୍ତି ଅଚଳନ୍ତି ସମ୍ପତ୍ତି ହରାଉଥିଲେ । ଆଉ କେତେକ ମୂଲ ମଜୁରି ଲାଗି ଦି'ପଇସା ରୋଜଗାର କରିବା ସକାଶେ କଲିକତା-କାଲିମାଟି ପଳାଇ ଯାଉଥିଲେ । ମାଘଠାରୁ ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ—ଚାଷକାମ ନ ଥିବା ସମୟରେ ପ୍ରବାସ ଚାକିରି କାର୍ଯ୍ୟ-କାଳ । ଯେ ପ୍ରବାସ ଯାଉ ନ ଥିଲା, ସେ ଫସଲ ଅମଳ ପରେ ପୁଣି ଚାଷକାମ ଆରମ୍ଭ ହେବା ପର୍ଯ୍ୟନ୍ତ ପ୍ରାୟ ଛ'ମାସ ଘରେ ବସି ଆଳସ୍ୟରେ କାଳ କଟାଉଥିଲା । ଲୋକେ ଭଲ ଖାଇବାକୁ ଓ ପିନ୍ଧିବାକୁ ପାଉ ନ ଥିଲେ । ଏପରି କି ଯାହାର ସାମର୍ଥ୍ୟ ଥିଲା, ସେ ମଧ୍ୟ ନିଜ ଧନରୁ ପଇସାଟିଏ ଖର୍ଚ୍ଚ ନ କରି ଖୁବ୍ ହୀନ ହୀନ ଭାବରେ ଚଳୁଥିଲା । ବାଲେଶ୍ୱର ସେଟଲ-ମେଣ୍ଟ ରିପୋର୍ଟରେ [୧୮୯୦-୧୯୦୦] ମିଷ୍ଟର କିଙ୍ଗସ୍‌ଫୋର୍ଡ଼ ଏହିପରି ଏକ କୃପଣ ବ୍ରାହ୍ମଣର ଦୃଷ୍ଟାନ୍ତ ଦେଇଛନ୍ତି । ବ୍ରାହ୍ମଣଟି ଅର୍ଦ୍ଧଲକ୍ଷ ଟଙ୍କା ନିଜ କୁଡ଼ିଆ ଘର ଭୁଇଁରେ ପୋତି ରଖିଥିଲା, କିନ୍ତୁ ତା'ର ନିତ୍ୟ ନୈମିତ୍ତିକ ପରିଧାନ ଥିଲା କେବଳ ଖଣ୍ଡିଏ ମୋଟା ଧୋତି ଓ ଗାମୁଛା ।

କି ଗ୍ରାମ, କି ସହର ଚାରିଆଡ଼େ ଲୋକେ ଭୟ ଓ ଆଶଙ୍କାରେ କାଳ କାଟୁଥିଲେ । ବର୍ଗୀ ଅତ୍ୟାଚାରର ଭୟାବହତା ସେମାନେ ଭୁଲି ଯାଇ ନ ଥିଲେ । ଇଂରେଜ ପୁଣି ବର୍ଗୀ ରୂପ ଧରିବ କି !—ଏହି

ଅଶଙ୍କାରେ ସେମାନେ ଇଂରେଜ ଶାସନରେ ହଠାତ୍ ଅସ୍ଥା ସ୍ଥାପନ କରି ପାରୁ ନ ଥିଲେ । ଗୋରା ସାହେବ ତ ଦୂରର କଥା; ସାମାନ୍ୟ ଗାଁ ଚୌକିଦାରକୁ ଦେଖିଲେ, ସେମାନେ ଭୟରେ ଥରହର ହେଉଥିଲେ । ନିଜର 'ଆତ୍ମଜୀବନ ଚରିତ'ରେ ଫକୀରମୋହନ ଏହିପରି ଏକ କୌତୁକପ୍ରଦ ଘଟଣା ଉଲ୍ଲେଖ କରିଛନ୍ତି । ଥରେ ସରକାରୀ ପାଇକ ପରବାନା ଧରି ତାଙ୍କ ଘରକୁ ଆସିଲାରୁ ଫକୀରମୋହନଙ୍କ ଠାକୁର-ମା' କୁଟଲା ଦେଇ ପିଲାଙ୍କୁ ଘର କୋଣରେ ମସିଣା ଘୋଡ଼ାଇ ପକାଇ ନିଜେ କବାଟ କିଳି ଘରେ ଲୁଚିଥିଲେ । (ଆ, ଜୀ, ଚ, ପୃଷ୍ଠା ୩)

ଦେଶରେ ସର୍ବତ୍ର ଜାଲ୍ ଜୁଆଚୋରି, ଶଠତା ପ୍ରବଞ୍ଚନା, ଉତ୍କୋଚ ବ୍ୟଭିଚାର ପୂରି ରହିଥିଲା । ଅନ୍ୟାୟ ଉପାୟ ଦ୍ୱାରା ଲୋକେ ଅର୍ଥ ଉପାର୍ଜନ କରିବାକୁ ଆଦୌ ଗର୍ହିତ ବୋଲି ବିଚାରୁ ନ ଥିଲେ । ସରକାରୀ ଅମଲାମାନେ ମଧ୍ୟ ଅର୍ଥଲାଭ ସକାଶେ ଯେ କୌଣସି ମନ୍ଦ ଉପାୟ ଅବଲମ୍ବନ କରିବାକୁ ପଛାଉ ନ ଥିଲେ । ଦଶପଲ୍ଲା ଜେଲରେ କଏଦୀମାନଙ୍କ ସରି-ଉପାର୍ଜିତ ଚୋରିଦ୍ରବ୍ୟ ଜେଲ୍-ରକ୍ଷକ ଓ କଏଦୀ-ଚୋରମାନଙ୍କମଧ୍ୟରେ କିପରି ବଣ୍ଟା ହେଉଥିଲା, ଫକୀରମୋହନ ତାହା ନିଜର 'ଆତ୍ମଜୀବନ ଚରିତ'ରେ (ପୃଷ୍ଠା ୧୧୦) ଉଲ୍ଲେଖ କରିଛନ୍ତି । ସେତେବେଳେ ଠଗଦଳର ଅତ୍ୟାଚାର ସାରା ଭାରତ ବ୍ୟାପି ଯାଇଥିଲା । ବାଲେଶ୍ୱର ଜିଲାରେ ବିଖ୍ୟାତ ଗଦେଇ କଣ୍ଡରା ଡକାୟତ ଦଳ ଓ ଅନ୍ୟାନ୍ୟ ସାନ ସାନ ଦଳ ଭାରି ପ୍ରବଳ ହୋଇ ଉଠିଥିଲେ । (ଆ, ଜୀ, ଚ, ପୃଷ୍ଠା ୨୧-୨୩) ମୁସଲମାନ ଶାସନ ଅମଳରୁ ସମାଜର ଧନୀ ଓ ପ୍ରତିପତ୍ତିଶାଳୀ ଲୋକଙ୍କ ମଧ୍ୟରେ ଯେଉଁ ବ୍ୟଭିଚାର, ଦୁଷ୍ଟଚରିତତା ପ୍ରବେଶ କରିଥିଲା, ତାହା ଏତିକିବେଳେ ଚରମ ସୀମାରେ ପହଞ୍ଚିଥିଲା । ବହୁ ସୁନ୍ଦରୀ ସ୍ତ୍ରୀଙ୍କୁ ଅନ୍ଦର ମହଲରେ ଆବଦ୍ଧ କରି ଏହି

ଧନିକ ଶ୍ରେଣୀ ପୁଷ୍ପ-ଉଦ୍ୟାନରେ ଭ୍ରମର ପରି ବିହାର କରୁଥିଲେ । ତଥାପି ସେଥିରେ ସନ୍ତୋଷ ନ ଥିଲା । ପତ୍ନୀ ଓ ଉପପତ୍ନୀମାନଙ୍କୁ ପରଦା ଭିତରେ କଡ଼ା ପହରାରେ ରଖି ଏମାନେ ପ୍ରକାଶ୍ୟରେ ବେଶ୍ୟାଳୟ ଯାଉଥିଲେ । ବାଇଜୀମାନଙ୍କୁ ନିଜ ଘରକୁ ଡାକି ନୃତ୍ୟ-ଗୀତର ବୈଠକ ବସାଉଥିଲେ । ପର ସ୍ତ୍ରୀ-କନ୍ୟା ଧର୍ଷଣ ସେମାନଙ୍କ ପକ୍ଷରେ ଗର୍ହିତ ନ ଥିଲା । ତାଡ଼ି, ଗଞ୍ଜେଇ ଓ ସ୍ଥାନ ବିଶେଷରେ ବିଲାତି ମଦ-ନିଶାରେ ସେମାନେ ଦିନରାତି ମଜଗୁଲ୍ ରହୁଥିଲେ ଏବଂ ଯାତ୍ରା, ରାସ, ପାଲା, ଗୋଟିପୁଅ ନାଚ ପ୍ରଭୃତି ଅଭିନୟ କରି ବା କରାଇ ଆମୋଦ-ପ୍ରମୋଦରେ କାଳ କଟାଉଥିଲେ । ଫକୀର-ମୋହନଙ୍କ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପ (ଗଳ୍ପସଳ୍ପ—ପ୍ରଥମ ଭାଗ) ଓ 'ମାମୁଁ' ଉପନ୍ୟାସର ସପ୍ତପଞ୍ଚାଶତ ପରିଚ୍ଛେଦରୁ ଏହାର କିଛି କିଛି ପ୍ରମାଣ ମିଳିବ ।

ଏହି ଦୁଃସ୍ଥିର ଜାତୀୟ ଜୀବନ ଉନ୍ନତ, ନିୟମିତ କରିବାଲାଗି ସେତେବେଳେ ଦେଶରେ ଉପଯୁକ୍ତ ଶିକ୍ଷା-ବ୍ୟବସ୍ଥା ନ ଥିଲା । କଟକ ଜିଲ୍ଲାର କରଣ ଓ ମାଟିବଂଶ ଅବଧାନମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁ ଚାଟଶାଳୀ ବସାଉଥିଲେ, ତା'ର ଶିକ୍ଷା କଡ଼ାଗଣ୍ଡା ପଣକିଆ, ଓଡ଼ାଙ୍କ ଫେଡ଼ାଙ୍କ ଓ ଭାଗବତ ବୋଲାରେ ସୀମାବଦ୍ଧ ଥିଲା । ଓଡ଼ିଆ ବ୍ୟତୀତ ପିଲାମାନେ ମଧ୍ୟ ପାରସି ଓ ଉର୍ଦ୍ଦୁ ଭାଷା ଶିକ୍ଷା କରୁଥିଲେ । କାରଣ ସେତେବେଳେ କୋର୍ଟ, କଚେରି ଓ ସରକାରୀ ଅଫିସ୍‌ରେ ମୁଖ୍ୟ ଭାଷା ଥିଲା ପାରସୀ । ଫକୀରମୋହନ, ରାଧାନାଥ ପ୍ରଭୃତି ପିଲାଦିନେ ମୁସଲମାନ ଆଖୁନଜୀଙ୍କଠାରୁ ଏହି ପାରସି ଭାଷା ଶିକ୍ଷା କରିଥିଲେ । ସ୍ଥାନେ ସ୍ଥାନେ ଟୋଲ୍‌ମାନଙ୍କରେ ମଧ୍ୟ ସଂସ୍କୃତ ଶିକ୍ଷା ଦିଆ ଯାଉଥିଲା । କିନ୍ତୁ ସାଧାରଣତଃ ବ୍ରାହ୍ମଣ ପିଲାଙ୍କ ବ୍ୟତୀତ ଅନ୍ୟ କେହି ସଂସ୍କୃତ ପଢ଼ୁ ନ ଥିଲେ । ଏହା ବ୍ୟତୀତ ଉନ୍ନତ ଜୀବନ ଗଠନ ଓ

ଜାତୀୟ ସଂଗଠନରେ ସାହାଯ୍ୟ କଲା ଭଳି କୌଣସି ନୂତନ ଧରଣର ଶିକ୍ଷା ଦେଶରେ ପ୍ରଚଳିତ ନ ଥିଲା । ଭାରତର ଅନ୍ୟାନ୍ୟ ସ୍ଥାନରେ ସେତେବେଳକୁ ପାଶ୍ଚାତ୍ୟ ଶିକ୍ଷାର ଅଗ୍ରମାରମ୍ଭ ହୋଇଥିଲେ ସୁଦ୍ଧା ଓଡ଼ିଶା ସେ ପର୍ଯ୍ୟନ୍ତ ସେଥିରୁ ବଞ୍ଚିତ ହୋଇଥିଲା । ସେତେବେଳକୁ ଖ୍ରୀଷ୍ଟିଆନ ପାଦ୍ରୀ ରେଭରେଣ୍ଡ୍ କାଂପବେଲ୍ ଓ ରେଭରେଣ୍ଡ୍ ଲସି ପ୍ରମୁଖ ଓଡ଼ିଶାକୁ ଆସି ନ ଥାନ୍ତି, କଟକ ଇଂଲିଶ୍ ରେଇଟି ସ୍କୁଲ୍ ସ୍ଥାପିତ ହୋଇ ନ ଥାଏ, କିଂବା ପୁରୀ ଇଂଲିଶ୍ ସ୍କୁଲର କଳ୍ପନା ସୁଦ୍ଧା ହୋଇ ନ ଥାଏ । ଓଡ଼ିଶାର ତତ୍କାଳୀନ ଶିକ୍ଷା ଅବସ୍ଥା ସମ୍ପର୍କରେ ଐତିହାସିକ ହଣ୍ଟର ସାହେବ ଲେଖିଛନ୍ତି:—

"ଅତେଇ ନିୟୁତ ଲୋକସଂଖ୍ୟା-ସମ୍ବଳିତ ସମଗ୍ର ପ୍ରଦେଶଟି ଅଜ୍ଞାନତା ଓ ଅନ୍ଧ ବିଶ୍ୱାସରେ ପୂର୍ଣ୍ଣ ଥିଲା । କାଁ ଭାଁ କେଉଁଠି ଜଣେ ଅଧେ ପଣ୍ଡିତ ଧନୀ ଜମିଦାରଙ୍କ ବଙ୍ଗଳା କୋଣରେ ଅଳ୍ପ କେତୋଟି ପିଲାଙ୍କୁ ଧରି ସଂସ୍କୃତ ପଢ଼ାଉଥିଲେ । ବଡ଼ ବଡ଼ ଗାଁଗୁଡ଼ିକରେ ଗୋଟିଏ ଗୋଟିଏ ଚଟଶାଳୀ ଥିଲା । ସେଠାରେ ଅଧ ଡଜନ ପର୍ଯ୍ୟନ୍ତ ପିଲା ଅବଧାନଙ୍କ ସହିତ ଭୂଇଁରେ ଆଣ୍ଠୁ ମାଡ଼ି ବସି ଧୂଳି ଉପରେ ବର୍ଣ୍ଣମାଳା ଲେଖୁଥିଲେ ଏବଂ ଶୁଆଙ୍କ ଭଳି ଗୀତ ଗାଇବା ଢଙ୍ଗରେ ପଣକିଆ ଆବୃତ୍ତି କରୁଥିଲେ । ତାଳପତ୍ରରେ ଯେ ଗୋଟିଏ ·ଦୁଇଟି ବାକ୍ୟ ଲେଖି ପାରୁଥିଲା, ସେ ଶିକ୍ଷିତ ଲୋକ ବୋଲି ବିବେଚିତ ହେଉଥିଲା ।" (୧)

ଜନସାଧାରଣ ଦରିଦ୍ର, ଅଶିକ୍ଷିତ । ସମାଜ କ୍ଷୟଶୀଳ, ବ୍ୟଭିଚାର-ପୂର୍ଣ୍ଣ । ଓଡ଼ିଶାର ଜାତୀୟ ଜୀବନ ସେତେବେଳେ ଯେ କିପରି ମୁମୂର୍ଷୁ ଅବସ୍ଥାରେ ଥିଲା, ତାହା ସହଜରେ ଅନୁମେୟ । ସେବର ଏହୁ ଓଡ଼ିଆ

(୧) Bengal District Gazetteers—Balasore (1907) —୫୦ ପୃଷ୍ଠାରୁ ଉଦ୍ଧୃତ ଓ ଗୃହୀତ ।

ଜାତୀୟ ଚରିତ୍ରର ଅପ୍ରୀତିକର ଚିତ୍ର ଦେବାକୁ ଯାଇ ୧୮୨୨ ମସିହାରେ ଷ୍ଟାର୍ଲିଙ୍ଗ୍ ସାହେବ ଲେଖିଛନ୍ତି :—

"ଗୋଟିଏ ଜାତି ହିସାବରେ ଓଡ଼ିଆମାନେ ବଡ଼ ମାଇଚିଆ ବୋଲି ଅବୁଲ ଫାଜଲ ଯଥାର୍ଥ ବର୍ଣ୍ଣନା କରିଛନ୍ତି । ପ୍ରକୃତରେ, ଓଡ଼ିଆମାନଙ୍କର ପୁରୁଷପଣିଆ ଏକବାରେ ନାହିଁ । × × ସେମାନେ ପୁଣି ସେପରି ଅଜ୍ଞ, ସେହିପରି ନିର୍ବୋଧ । ଅନ୍ୟ ପ୍ରଦେଶ ଲୋକଙ୍କ ତୁଳନାରେ ଓଡ଼ିଶାବାସୀଙ୍କର ବୌଦ୍ଧିକ ବିକାଶ ହୋଇ ନାହିଁ । ଏହି ଦୃଷ୍ଟିରୁ ଓଡ଼ିଶାକୁ 'ଭାରତର ବୋଏସିଆ' [Boeotia of India] (୧) ଆଖ୍ୟା ଦିଆଯାଇ ପାରେ । ଏପରି ବିଗୁରର ଏକ ଉଲ୍ଲେଖଯୋଗ୍ୟ ପ୍ରମାଣ ହେଉଛି—ଓଡ଼ିଶା ରାଜତନ୍ତ୍ର ପତନଠାରୁ ସବୁ ଯୁଗରେ ଏବଂ ସମସ୍ତ ସରକାର ଅଧୀନରେ ସମଗ୍ର ପ୍ରଦେଶର ପ୍ରଧାନ ପ୍ରଧାନ ସରକାରୀ ଚାକିରୀଗୁଡ଼ିକ ବିଦେଶୀମାନେ ଏକଚାଟିଆ କରି ନେଉଛନ୍ତି; ବିଦେଶୀ ବୋଇଲେ ଉତ୍ତରରୁ ବଙ୍ଗାଳୀ ଓ ଚିଲିକା ଦକ୍ଷିଣରୁ ତେଲେଙ୍ଗା । ଏହାର କାରଣ, ସୁବିଧା-ଅସୁବିଧାରେ ନିର୍ଭରଯୋଗ୍ୟ ହେଲା ଭଳି ଉପଯୁକ୍ତ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ଓଡ଼ିଆମାନଙ୍କ ଭିତରୁ ମିଳିବା କଷ୍ଟକର । ଜନସାଧାରଣ ନିଜର ମାଇଚିଆ ସ୍ୱଭାବ ଯୋଗୁଁ କୌଣସି ଦୁଃସାହସିକ ଓ ଘୃଣ୍ୟ ଧରଣର ଅପରାଧ କରିବାରେ ଅଭ୍ୟସ୍ତ ନୁହନ୍ତି । କିନ୍ତୁ କ୍ଷୁଦ୍ର କଳିଗୋଳ, ଭଣ୍ଡାମି, ବଦମାସି ଆଦି

(୧) ବୋଏସିଆ—ମଧ୍ୟ ଗ୍ରୀସ୍‌ର ଗୋଟିଏ ଜିଲ୍ଲା । ପ୍ରବାଦ ଅଛି, ବୋଏସିଅର ଜଳବାୟୁ ଖରାପ । ବୋଏସୀୟମାନେ ମଧ୍ୟ ମୂର୍ଖ ଓ ନିର୍ବୋଧ । ତଥାପି ସେଠାରେ ପିଣ୍ଡାର୍, ପ୍ଲୁଟାର୍କ୍‌ଙ୍କ ଭଳି ଲୋକ ଜନ୍ମି ଥିଲେ । ମାତ୍ର ଓଡ଼ିଶାରେ ସେପରି କୌଣସି ପୁରୁଷ ଜନ୍ମି ଥିବାର ଷ୍ଟାର୍ଲିଙ୍ଗ୍ ସାହେବ ବୋଧହୁଏ ଦେଖି ପାରିଲେ ନାହିଁ ।

ଗୁଣରେ ସେମାନେ ବେଶ୍ ଧୁରନ୍ଧର । × × × ଅଳ୍ପ ଉଦ୍ୟମଶୀଳ ଓ ହୀନବୁଦ୍ଧି-ସମ୍ପନ୍ନ ହେଲେ ମଧ୍ୟ କର୍ମକ୍ଷେତ୍ରରେ ଉତ୍କଳମାନେ ବଡ଼ ପରିଶ୍ରମୀ । ଦୋଷ ଯାହା ଥାଉ ପଛକେ, ସମଗ୍ର ଅଞ୍ଚଳର ଓଡ଼ିଆମାନେ ପ୍ରକୃତିରେ ଖୁବ୍ ନିରୀହ, ଶାନ୍ତ, ମେଳାପି ଓ କର୍ମାନୀ-ଅଧିକୃତ ପ୍ରଦେଶମାନଙ୍କରେ ଭଲ ପୋଷମାନିବା ଜାତି । ସେମାନେ ମଧ୍ୟ ମୂଲ୍ୟବାନ ଚାକର ଶ୍ରେଣୀପାଇଁ ଉପଯୁକ୍ତ । ଓଡ଼ିଆ ଚାକରଙ୍କଠାରେ ସାଧୁତା ଓ ପ୍ରଭୁପରାୟଣତା (ଅବଶ୍ୟ ଏ ଗୁଣଗୁଡ଼ିକ ବିଷୟରେ ସେମାନଙ୍କର ଯାହା ଧାରଣା) ସ୍ପଷ୍ଟ ଦେଖିବାକୁ ମିଳେ ।" (୧)

ଓଡ଼ିଆ ଜାତି ସମ୍ପର୍କରେ ଏହା ବିଶେଷ କଥନ ହେଲେ ମଧ୍ୟ ଏଥିରେ ଥିବା କେତେକ ଅପ୍ରିୟ ସତ୍ୟ କଥା ଅସ୍ୱୀକାର କରିହେବ ନାହିଁ । ଯାହାହେଉ, ଓଡ଼ିଆ ଜାତୀୟ ଚରିତ୍ରର ଏପରି ଅଧଃପତନ ସମୟରେ ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷା-ସଭ୍ୟତା ପ୍ରବର୍ତ୍ତିତ ହେଲା । ଇଂରେଜ ଶାସନର ସୁବିଧା ଓ ସୁବନ୍ଦୋବସ୍ତଲାଗି ମୂଳତଃ ଏପରି କରାଯାଇଥିଲେ ମଧ୍ୟ, ଅପର ପକ୍ଷରେ ଏହା ଦେଶୀୟ ସ୍ୱାର୍ଥ-ସାଧନରେ ସାହାଯ୍ୟ କରିଥିଲା । ତେଣୁ ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷା-ସଭ୍ୟତା ପ୍ରବର୍ତ୍ତନ ହିଁ ଜାତୀୟ ଜାଗରଣ ଦିଗରେ ପ୍ରଥମ ଓ ପ୍ରଧାନ ପଦକ୍ଷେପ ବୋଲି କହିବାକୁ ହେବ ।

ଭାରତ ଅଧିକାର ପରେ ସଚେତ ଚତୁର ଇଂରେଜ ଶାସକମାନେ ସହସା ଏ ଦେଶରେ ପାଶ୍ଚାତ୍ୟ ଶିକ୍ଷା-ସଂସ୍କୃତି ପ୍ରବର୍ତ୍ତନ କରି ନ ଥିଲେ । କାରଣ ଏହା କରିବାକୁ ଯାଇ ଦେଶୀୟ ଧର୍ମ, ଶିକ୍ଷା, ସଂସ୍କାର ଉପରେ ହସ୍ତକ୍ଷେପ କଲେ, କାଳେ ଲୋକେ ବିଦ୍ରୋହୀ ହୋଇ ଉଠିବେ—ଏ ଆଶଙ୍କା ସେମାନଙ୍କର ଥିଲା । ତେଣୁ ପ୍ରଥମେ ପ୍ରଥମେ ସେମାନେ ଏ

[୧] Bengal District Gazetteers—Balasore [1907]
—୭୬-୪୭ ପୃଷ୍ଠା ଉଦ୍ଧୃତିରୁ ଗୃହୀତ ।

ଦେଶୀୟ ପ୍ରାଚୀନ ଧର୍ମାନୁଷ୍ଠାନମାନଙ୍କର ସହାୟତା କରୁଥିଲେ । ବଡ଼ ବଡ଼ ଜାତୀୟ ପର୍ବ ଓ ଉତ୍ସବରେ ଇଂରେଜ ଦୁର୍ଗରେ ତୋପଧ୍ୱନି କରା ଯାଉଥିଲା ଏବଂ ଇଂରେଜ ସୈନ୍ୟ, କେଉଁଠି ବା ସ୍ୱୟଂ ଜିଲା ମାଜିଷ୍ଟ୍ରେଟ୍ ଉକ୍ତ ସ୍ଥଳରେ ଉପସ୍ଥିତ ରହି ଶାନ୍ତିରକ୍ଷା ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ଯୁଦ୍ଧ, ବିଦ୍ରୋହ-ଦମନ ପ୍ରଭୃତିରେ ଜୟଲାଭ ହେଲେ, ସରକାରଙ୍କ ତରଫରୁ ପ୍ରସିଦ୍ଧ ଦେବଦେବୀଙ୍କଠାରେ ପୂଜା ଦିଆ ଯାଉଥିଲା । ପଞ୍ଜାବ ଦଖଲ ହେବା ସମୟରେ ବାଲେଶ୍ୱରସ୍ଥ ଝାଡ଼େଶ୍ୱର ମହାଦେବଙ୍କୁ ସରକାରଙ୍କ ତରଫରୁ ଏହିପରି ପୂଜା ଦିଆଯାଇଥିବା କଥା ଫକୀରମୋହନ ନିଜ 'ଆତ୍ମଜୀବନ ଚରିତ'ରେ [ପୃଷ୍ଠା ୧୬] ଉଲ୍ଲେଖ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ମଧ୍ୟ ଇଂରେଜମାନେ ଏ ଦେଶୀୟ ପନ୍ଥା ଅନୁସରଣ କରି ୧୭୮୧ ମସିହାରେ କଲିକତାରେ ଗୋଟିଏ ମାଦ୍ରାସା ଏବଂ ୧୭୯୨ ମସିହାରେ କାଶୀଠାରେ ଗୋଟିଏ ସଂସ୍କୃତ କଲେଜ ସ୍ଥାପନ କରିଥିଲେ । ମାଦ୍ରାସାରେ ପ୍ରାଚୀନ ରୀତି ଅନୁଯାୟୀ ଆରବୀ ଓ ପାରସୀ ଶିକ୍ଷା ଦିଆ ଯାଉଥିଲା । ସଂସ୍କୃତ କଲେଜର ନିୟମ ଥିଲା—ସେଠାରେ ମନୁପ୍ରଣୀତ ଧର୍ମଶାସ୍ତ୍ରର ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁଯାୟୀ ଶିକ୍ଷା ଦିଆଯିବ ଏବଂ ବୈଦ୍ୟଶାସ୍ତ୍ର ବ୍ୟତୀତ ଅନ୍ୟାନ୍ୟ ବିଭାଗର ଅଧ୍ୟାପକ ବ୍ରାହ୍ମଣଜାତୀୟ ହେବେ । (୧)

ଏଠାରେ ଆଉ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି—୧୮୧୧ ମସିହାରେ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ଲର୍ଡ ମିଣ୍ଟୋ ଭାରତୀୟ ଶିକ୍ଷା ସମ୍ପର୍କରେ ଗୋଟିଏ ରିପୋର୍ଟ ଲେଖି ଉହିଁରେ କାଶୀ ସଂସ୍କୃତ କଲେଜ ବ୍ୟତୀତ ଆଉ ଦୁଇଟି ସଂସ୍କୃତ କଲେଜ ସ୍ଥାପନ କରିବା ଲାଗି ପ୍ରସ୍ତାବ ଦେଇଥିଲେ । ଫଳରେ ବିଲାତର କୋର୍ଟ ଅବ୍ ଡିରେକ୍ଟର୍ସ୍

(୧) ଶିବନାଥ ଶାସ୍ତ୍ରୀ—ରାମତନୁ ଲାହିଡ଼ୀ ଓ ତତ୍କାଳୀନ ବଙ୍ଗ ସମାଜ—[୧୯୬୧] ପୃଷ୍ଠା ୭୧—୭୬

ସଭ୍ୟମାନେ ୧୮୧୩ ମସିହାରେ ଏ ଦେଶରେ ଶିକ୍ଷା ବିସ୍ତାର ଲାଗି ବାର୍ଷିକ ଅନ୍ୟୁନ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଭାରତ ସରକାରଙ୍କ ପ୍ରତି ଆଦେଶ କଲେ । ତଦନୁଯାୟୀ ୧୮୨୩ ମସିହାରେ "କମିଟି ଅବ୍ ପବ୍ଲିକ ଇନଷ୍ଟ୍ରକସନ୍" ଗଠିତ ହେଲା ଏବଂ କମିଟିର ସଭ୍ୟଗଣ ବାର୍ଷିକ ସେହି ଏକ ଲକ୍ଷ ଟଙ୍କା ପ୍ରାଚୀନ ସଂସ୍କୃତ ଓ ଆରବୀ ଗ୍ରନ୍ଥ ମୁଦ୍ରଣ— ପଣ୍ଡିତ ଓ ସଂସ୍କୃତ ଶିକ୍ଷାର୍ଥୀମାନଙ୍କ ବୃତ୍ତି ଆଦିରେ ବ୍ୟୟ କରିବାକୁ ନିର୍ଦ୍ଦେଶ ଦେଲେ । ଏଥିରୁ ସ୍ପଷ୍ଟ ଜଣାପଡ଼େ, ଇଂରେଜ ଶାସକମାନେ ପ୍ରଥମେ ଭାରତର ପ୍ରାଚୀନ ଶିକ୍ଷା-ଦୀକ୍ଷା ପ୍ରସାରରେ ସାହାଯ୍ୟ କରିଥିଲେ ଏବଂ ପାଶ୍ଚାତ୍ୟ ଶିକ୍ଷା ପ୍ରଚଳନ କରିବାଲାଗି ଆଦୌ ଇଚ୍ଛା ପ୍ରକାଶ କରି ନ ଥିଲେ ।

କିନ୍ତୁ ସେମାନଙ୍କର ଏପରି ଶିକ୍ଷା-ନୀତି ବେଶୀ ଦିନ ତିଷ୍ଠି ରହି ପାରିଲା ନାହିଁ । ଲୋକେ କ୍ରମେ ପ୍ରାଚ୍ୟ ଶିକ୍ଷାପ୍ରତି ବିତୃଷ୍ଣା ପ୍ରକାଶ କଲେ । ସଂସ୍କୃତ କଲେଜର ଛାତ୍ରମାନେ ଇଂରାଜୀ ଶିକ୍ଷାର ପ୍ରଚଳନ ଲାଗି ଶିକ୍ଷା କମିଟି ନିକଟକୁ ଦରଖାସ୍ତ କଲେ । ଦେଶର ପ୍ରଗତିଶୀଳ ବ୍ୟକ୍ତିମାନେ ପାଶ୍ଚାତ୍ୟ ଶିକ୍ଷା ପ୍ରବର୍ତ୍ତନ ସକାଶେ ଆନ୍ଦୋଳନ ଆରମ୍ଭ କଲେ । ଭାରତ ପକ୍ଷରୁ ରାଜା ରାମମୋହନ ରାୟ ଏବଂ ଇଂରେଜ-ମାନଙ୍କ ପକ୍ଷରୁ ଲର୍ଡ଼ ମେକଲେ ଓ ଲର୍ଡ଼ ବେଣ୍ଟିକ୍ ଏ ଦିଗରେ ଅଗ୍ରଣୀ ହେଲେ । ୧୮୩୫ ମସିହା ଫେବ୍ରୁଆରୀ ମାସ ୨ ତାରିଖରେ ମେକଲେ ସାହେବ ଭାରତୀୟ ଶିକ୍ଷା ସମ୍ବନ୍ଧରେ ନିଜର ପ୍ରସିଦ୍ଧ ରିପୋର୍ଟ ପେଶ୍ କଲେ । ଏହାର ପ୍ରାୟ ମାସକ ପରେ (ମାର୍ଚ୍ଚ ୭ ତାରିଖ) ଗଭର୍ଣ୍ଣର ଜେନେରାଲ ଲର୍ଡ ବେଣ୍ଟିଙ୍କ ସରକାରୀ ଘୋଷଣା ପ୍ରଚାର କଲେ— ଶିକ୍ଷାଲାଗି ନିର୍ଦ୍ଦିଷ୍ଟ ଥିବା ବାର୍ଷିକ ଏକ ଲକ୍ଷ ଟଙ୍କା ଏଣିକି ପ୍ରାଚ୍ୟ ଶିକ୍ଷାର ଉନ୍ନତି ନିମନ୍ତେ ଖର୍ଚ୍ଚ ନ ହୋଇ ପାଶ୍ଚାତ୍ୟ ସାହିତ୍ୟ-ବିଜ୍ଞାନାଦି ଶିକ୍ଷାରେ ବ୍ୟୟିତ ହେବ ଏବଂ ଇଂରେଜୀ ଭାଷା ମାଧ୍ୟମରେ ହିଁ ଏ

ଶିକ୍ଷା ଦିଆଯିବ । ଏହା ପୂର୍ବରୁ ଦେଶରେ ପାଶ୍ଚାତ୍ୟ ଶିକ୍ଷା ପ୍ରଚଳନ ଲାଗି ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ଯେଉଁ କ୍ଷୀଣ ଉଦ୍ୟମ କରୁଥିଲେ, ତାହା ଏହି ଘୋଷଣା ଦ୍ୱାରା ବଳବତ୍ତର ହେଲା । ଭାରତରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ ପଥ ସୁଗମ ହୋଇଗଲା ।

ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷା ପ୍ରସାରଲାଗି ସରକାରୀ ଉଦ୍ୟମ ପ୍ରକାଶ ପାଇବା ପୂର୍ବରୁ ୧୮୨୨ ମସିହାରୁ ରେଭରେଣ୍ଡ ଲାଂପବନ୍, ରେଭରେଣ୍ଡ ଲସି ପ୍ରମୁଖ ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ଏଠାକୁ ଆସି ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ପ୍ରଚାର କରିଥିଲେ । ସେହିମାନଙ୍କ ଉଦ୍ୟମରେ ଲୋକମାନଙ୍କୁ ଇଂରେଜୀ ଶିକ୍ଷା ଦେବାଲାଗି ୧୮୨୩ ମସିହା ଅଗଷ୍ଟ ମାସରେ 'କଟକ ଇଂଲିଶ୍ ଚ୍ୟାରିଟି ସ୍କୁଲ୍' ଆରମ୍ଭ ହେଲା । (୧) ଖ୍ରୀଷ୍ଟଧର୍ମ ସଂପର୍କୀୟ ବିଭିନ୍ନ ବିଷୟ ସ୍କୁଲର ପାଠ୍ୟବସ୍ତୁ ଥିଲା । ଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସାହେବ ପିଲା ଏବଂ ଅଳ୍ପ କେତୋଟି ବଙ୍ଗାଳୀ ପିଲା । କୌଣସି ଓଡ଼ିଆ ପିଲା ପ୍ରଥମେ ପ୍ରଥମେ ସ୍କୁଲକୁ ଆସୁ ନ ଥିଲେ । କାରଣ ପାଦ୍ରୀ ସାହେବଙ୍କ ସ୍କୁଲରେ ଛାପା ପୋଥି ପଢ଼ିଲେ ଜାତି ଯିବ—ଏହି ଭୟରେ । ତାପରେ ୧୮୩୫ ମସିହାରେ ସରକାରଙ୍କ ପ୍ରଥମ ପ୍ରଚେଷ୍ଟା ସ୍ୱରୂପ 'ପୁରୀ ଇଂଲିଶ୍ ସ୍କୁଲ୍' ସ୍ଥାପିତ ହେଲା । ସ୍କୁଲ୍ ଶିକ୍ଷକ ଗଙ୍ଗାନାରାୟଣ ବୋଷ ୧୮୩୬ ମସିହାରେ ସରକାରଙ୍କୁ ଯେଉଁ ରିପୋର୍ଟ ଦେଇଥିଲେ, ତହିଁରୁ ଜଣାଯାଏ—ସେତେବେଳେ ସ୍କୁଲର ଛାତ୍ର ସଂଖ୍ୟା ଥିଲା ୨୫ ଏବଂ ସମସ୍ତ ଛାତ୍ର ଥିଲେ ହିନ୍ଦୁ । (୨) ସ୍କୁଲରେ ଇଂରେଜୀ ଓ ଭର୍ଣ୍ଣାକୁଲାର ବ୍ୟତୀତ

(୧) ବଂଶୀଧର ମହାନ୍ତି—ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ - ରବିବାର ପ୍ରଜାତନ୍ତ୍ର, ଅଗଷ୍ଟ ୨୩ – ୧୯୫୩

[୨] P R. Sen—Modern Oriya Literature, ପୃଷ୍ଠା ୧୪୩

ସଂସ୍କୃତ, ପାରସୀ ଆଦି ଶିକ୍ଷା ଦିଆ ଯାଉଥିଲା । ସାଧାରଣତଃ ଖୃଷ୍ଟାନ ସରକାରୀ କର୍ମଚାରୀମାନଙ୍କ ପିଲା ସ୍କୁଲରେ ପଢ଼ୁଥିଲେ । ଏ ସ୍କୁଲଟି ଶିକ୍ଷା ଓ ଛାତ୍ରସଂଖ୍ୟା ଦୃଷ୍ଟିରୁ ଉନ୍ନତ କରିଥିଲେ ମଧ୍ୟ ୧୮୪୦ ମସିହା ବେଳକୁ ଭାଙ୍ଗିଗଲା । ୧୮୪୧ ମସିହାରେ ମିସନାରୀମାନଙ୍କ ଦ୍ୱାରା ପରିଚାଳିତ ପୂର୍ବୋକ୍ତ 'କଟକ ଇଂଲିଶ୍ ଚ୍ୟାରିଟି ସ୍କୁଲ୍' ସରକାରଙ୍କ ହାତକୁ ଗଲା । ତାପରେ ୧୮୫୩ ମସିହାରେ ସରକାର ବାଲେଶ୍ୱରଠାରେ ଗୋଟିଏ ଇଂରେଜୀ ସ୍କୁଲ ସ୍ଥାପନ କଲେ ଏବଂ ପୁରୀ ଇଂଲିଶ୍ ସ୍କୁଲକୁ ପୁନର୍ଜୀବିତ କରାଇଲେ । ଏତିକି ବେଳକୁ ୧୮୫୪ ମସିହାରେ ଦେଶୀୟ ଶିକ୍ଷା ସମ୍ପର୍କରେ ସରକାରଙ୍କ ନୂତନ ନିୟମ (Educational Despatch) ପ୍ରବର୍ତ୍ତିତ ହେଲା । ତଦନୁଯାୟୀ ୧୮୫୭ ମସିହା ବେଳକୁ ଭାରତର ପ୍ରଧାନ ପ୍ରଧାନ ସହରମାନଙ୍କରେ ବିଶ୍ୱବିଦ୍ୟାଳୟମାନ ସ୍ଥାପିତ ହେଲା ଏବଂ ଓଡ଼ିଶାର ସ୍କୁଲ ସମୂହ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ରହିଲା ।

ପାଶ୍ଚାତ୍ୟ ଶିକ୍ଷା ପ୍ରବର୍ତ୍ତନ ସହିତ ଓଡ଼ିଶାରେ ମୁଦ୍ରାଯନ୍ତ୍ର ସ୍ଥାପନ ଓ ମୁଦ୍ରଣ-ଶିଳ୍ପ ବିକାଶର ଇତିହାସ ଜଡ଼ିତ । ୧୮୩୭ ମସିହାରେ ଉପରୋକ୍ତ ପାଦ୍ରୀମାନଙ୍କ ଦ୍ୱାରା କଟକରେ ସର୍ବ ପ୍ରଥମେ ମୁଦ୍ରାଯନ୍ତ୍ର ଓ ଟାଇପ୍ ଫାଉଣ୍ଡ୍ରୀ ସ୍ଥାପିତ ହେଲା । ଅବଶ୍ୟ ତା' ପୂର୍ବରୁ କଲିକତା ଓ ଶ୍ରୀରାମପୁରରେ ଓଡ଼ିଆ ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କଲିକତା ଫୋର୍ଟ ଉଇଲିୟମ୍ କଲେଜ କର୍ତ୍ତୃପକ୍ଷ ପ୍ରଥମେ ଓଡ଼ିଆ ଭାଷା ଚର୍ଚ୍ଚାଲାଗି ଉଦ୍ୟମ କରିଥିଲେ ଏବଂ ତା'ର ଫଳରେ ୧୮୦୭ ମସିହାରେ ମୋହନପ୍ରସାଦ ଠାକୁର ଖଣ୍ଡିଏ ଓଡ଼ିଆ-ଇଂରେଜୀ ଅଭିଧାନ ପ୍ରକାଶ କରିଥିଲେ । ଏହା ବ୍ୟତୀତ ଶ୍ରୀରାମପୁର ପାଦ୍ରୀମାନଙ୍କ ଉଦ୍ୟମରେ ୧୮୧୧ଠାରୁ ୧୮୨୨ ମସିହା ମଧ୍ୟରେ ବାଇବେଲ୍

ପ୍ରଭୃତି କେତେକ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରନ୍ଥର ଓଡ଼ିଆ ଅନୁବାଦ ଏବଂ ମୂର୍ତ୍ତିପୂଜା, ଜଗନ୍ନାଥ ରଥ ଆଦି ସମ୍ପର୍କରେ ଅନ୍ୟ କେତେକ ଓଡ଼ିଆ ବହି ପ୍ରକାଶିତ ହୋଇଥିଲା । ପ୍ରଥମ ଓଡ଼ିଆ ଟାଇପ୍ କାହାର କୃତିତ୍ୱ ?—ଏ ବିଷୟରେ ଶ୍ରୀସୁରେନ୍ଦ୍ର ମହାନ୍ତି ବଙ୍ଗଳା, ଆରବୀ, ପାରସୀ ପ୍ରଭୃତି ଟାଇପ୍-ନିର୍ମାତା ପଞ୍ଚାନନ କର୍ମକାର ବୋଲି ସମ୍ଭାବନା ପ୍ରକାଶ କରିଛନ୍ତି । (୧) ଯାହାହେଉ, କଟକରେ ମୁଦ୍ରାଯନ୍ତ୍ର ସ୍ଥାପିତ ହେବା ପରେ ସେଠାରୁ ଡକ୍ଟର ସୁଟନ୍‌ଙ୍କ ଦ୍ୱାରା 'ପିଲଗ୍ରିମସ୍ ପ୍ରୋଗ୍ରେସ୍'ର ଓଡ଼ିଆ ଅନୁବାଦ, କେତେକ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ସଙ୍ଗୀତ ଏବଂ କେତୋଟି ପାଠ୍ୟପୁସ୍ତକ ପ୍ରକାଶିତ ହୋଇଥିଲା । କିନ୍ତୁ ପାଦ୍ରୀମାନଙ୍କର ଏହି ଛାପାଖାନାରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ଓଡ଼ିଶା ସମ୍ପର୍କୀୟ ଅନ୍ୟାନ୍ୟ ଗ୍ରନ୍ଥ ମୁଦ୍ରିତ ହେବାର କୌଣସି ସମ୍ଭାବନା ନ ଦେଖି ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କର ରାୟ ପ୍ରମୁଖ ଉତ୍ସାହୀ ବନ୍ଧୁମାନେ କଟକରେ ଆଉ ଗୋଟିଏ ଛାପାଖାନା ବସାଇବାର ଉଦ୍ୟମ କଲେ । ତତ୍କାଳୀନ ଓଡ଼ିଶା କମିସନର୍ ରେଭେନ୍‌ସା ସାହେବଙ୍କ ଉତ୍ସାହ ଓ ଗଡ଼ଜାତ ରାଜା-ମହାରାଜାମାନଙ୍କ ସହାୟତାରେ ୧୮୬୬ ମସିହାରେ ସାତ ହଜାର ପାଞ୍ଚ ଶହ ଟଙ୍କା ମୂଳଧନରେ 'କଟକ ପ୍ରିଣ୍ଟିଂ କମ୍ପାନୀ' ସ୍ଥାପିତ ହେଲା । ତା'ପରେ ୧୮୬୮ ମସିହାରେ ଫକୀରମୋହନଙ୍କ ଉଦ୍ୟମରେ 'ପି, ଏମ, ସେନାପତି ଆଣ୍ଡ୍ କୋ—ଉତ୍କଳ ପ୍ରେସ୍' ବାଲେଶ୍ୱରଠାରେ ଆରମ୍ଭ ହୋଇଥିଲା ।

ମୁଦ୍ରାଯନ୍ତ୍ର ସ୍ଥାପିତ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ସମ୍ବାଦପତ୍ର ସାହିତ୍ୟ ବିକାଶ ଲାଭ କଲା । କିନ୍ତୁ ଏହାର ବହୁ ପୂର୍ବରୁ—ଖୁବ୍ ସମ୍ଭବ ଅଷ୍ଟାଦଶ ଶତାବ୍ଦୀ ମଧ୍ୟ ଭାଗରୁ—ପ୍ରଥମ ଓଡ଼ିଆ ସାମୟିକ ପତ୍ର

[୧] ସୁରେନ୍ଦ୍ର ମହାନ୍ତି—ଓଡ଼ିଆ ସାହିତ୍ୟରେ ଅନ୍ଧକାର ଯୁଗ—'ଡଗର' —୧୬ଶ ବର୍ଷ ୧ମ ସଂଖ୍ୟା ।

'କୁଜବର ପତ୍ରିକା' ପ୍ରକାଶ ପାଇଥିଲା । କୁଜବର ମଠରେ ମହନ୍ତ ସାଧୁସୁନ୍ଦର ଦାସ ଏହାର ପ୍ରତିଷ୍ଠାତା । ପ୍ରଥମେ ତାଳପତ୍ରରେ ଓ ପରେ କାଗଜରେ ଲେଖା ହୋଇ ପତ୍ରିକାଟି ଓଡ଼ିଶାର ସମସ୍ତ ଚିନ୍ତାଶୀଳ ପଣ୍ଡିତ ବ୍ୟକ୍ତିମାନଙ୍କ ମଧ୍ୟରେ ଗୃହୀତମତ ପ୍ରଚାରିତ ହେଉଥିଲା । ଏଥିରେ ବେଦ ବେଦାନ୍ତର ଭାବଧାରା ଓ ଅନ୍ୟାନ୍ୟ ଧର୍ମମତ ଆଲୋଚିତ ହେଉଥିଲା । ଓଡ଼ିଶାରେ ଖ୍ରୀଷ୍ଟ ଧର୍ମ ପ୍ରଚାରିତ ହେଉଥିବା ବେଳେ ଏ ଧର୍ମର ଦାର୍ଶନିକ ଭିତ୍ତିର ଅସାରତା ଘେନି ଯୁକ୍ତିଯୁକ୍ତ ଆଲୋଚନା ମଧ୍ୟ ଏଥିରେ କରାଯାଉଥିଲା । ତେଣୁ ପତ୍ରିକାଟି ଓଡ଼ିଶାଗତ ଖ୍ରୀଷ୍ଟିଆନ୍ ମିସନାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା । ମିସନାରୀମାନେ ପତ୍ରିକାସ୍ଥ ପ୍ରବନ୍ଧମାନଙ୍କର ଅଂଶ ଅନୁବାଦ କରି ବିଲାତର ବ୍ୟାପ୍ଟିଷ୍ଟ ମିସନାରୀ ରିପୋର୍ଟ ଓ ଜର୍ଣ୍ଣାଲ ପ୍ରଭୃତିରେ ପ୍ରକାଶ କରୁଥିଲେ । ଏଥିରୁ 'କୁଜିବର ପତ୍ରିକା' ସେତେବେଳେ କିପରି ପ୍ରଭାବଶାଳୀ ଥିଲା, ଅନୁମାନ କରାଯାଇ ପାରେ । ୧୮୩- ମସିହାରେ ମୁଦ୍ରା-ଯନ୍ତ୍ରର ପ୍ରତିଯୋଗିତାରେ ସକ୍ଷମ ହୋଇ ନ ପାରି ପତ୍ରିକାଟି ବନ୍ଦ ହୋଇ ଯାଇଥିଲା । ମୁଦ୍ରିତ ସାମୟିକ ପତ୍ର ହିସାବରେ ପ୍ରଥମେ ୧୮୪୯ ମସିହାରେ ରେଭରେଣ୍ଡ୍ ଲସି-ସଂପାଦିତ ମାସିକ 'ଜ୍ଞାନାରୁଣ' ଏବଂ ୧୮୬୧ ମସିହାରେ 'ଖ୍ରୀଷ୍ଟିଆନ୍ ଭର୍ଣ୍ଣାକୁଲାର ଲିଟରେଚର୍ ସୋସାଇଟି' ପୃଷ୍ଠପୋଷକତାରେ ଅନ୍ୟ ଏକ ମାସିକ 'ଅରୁଣୋଦୟ' ପ୍ରକାଶିତ ହୋଇଥିଲା । ବୋଲିବା ବାହୁଲ୍ୟ, ଖ୍ରୀଷ୍ଟଧର୍ମ ପ୍ରଚାର ପତ୍ରିକା ଯୋଡ଼ିକର ମୂଳ ଉଦ୍ଦେଶ୍ୟ ଥିଲା । କିନ୍ତୁ ଦୁଇଟିଯାକ ପତ୍ରିକା ବେଶୀ ଦିନ ବଞ୍ଚି ପାରି ନ ଥିଲା । ଏହାପରେ ୧୮୬୫ ମସିହା ଅଗଷ୍ଟ ମାସରେ କଟକ ପ୍ରିଣ୍ଟିଂ କଂପାନୀରୁ ଗୌରୀଶଙ୍କର ରାୟଙ୍କ ସଂପାଦନାରେ 'ଉତ୍କଳ ଦୀପିକା' ପ୍ରକାଶିତ ହେଲା । ଏହିଠାରୁ ହିଁ ଓଡ଼ିଆ ସମ୍ବାଦପତ୍ର ସାହିତ୍ୟର ପ୍ରକୃତ ଭିତ୍ତି ସ୍ଥାପନ କରାଗଲା ବୋଲି କହିବାକୁ ହେବ ।

'ଦୀପିକା' ଦେଖାଦେଖି ୧୮୬୮ ମସିହାରେ ବାଲେଶ୍ବରରୁ ଫକୀରମୋହନଙ୍କ ଉଦ୍ୟମରେ 'ବୋଧଦାୟିନୀ ଏବଂ ବାଲେଶ୍ବର ସଂବାଦ-ବାହିକା' ପ୍ରକାଶିତ ହେଲା । ଏହି ଗୋଟିଏ ପତ୍ରିକାରେ ଥିଲା ଦୁଇଟି ବିଭାଗ :—'ବୋଧଦାୟିନୀ' ସାହିତ୍ୟ-ବିଷୟକ ଏବଂ 'ସମ୍ବାଦବାହିକା' ସମ୍ବାଦ-ମୂଳକ ।

ପତ୍ର-ପତ୍ରିକା ବ୍ୟତୀତ ଧୀରେ ଧୀରେ ବିଭିନ୍ନ ଓଡ଼ିଆ ପୁସ୍ତକ ମଧ୍ୟ ପ୍ରକାଶିତ ହେବାକୁ ଲାଗିଲା । ୧୮୬୭ ମସିହାରେ ପାଦ୍ରୀମାନଙ୍କର ଖ୍ରୀଷ୍ଟଧର୍ମ ପୁସ୍ତକ ବ୍ୟତୀତ ନିମ୍ନ ଓଡ଼ିଆ ପୁସ୍ତକଗୁଡ଼ିକ ପ୍ରକାଶ ପାଇଥିଲା ବୋଲି 'ଉତ୍କଳ ଦୀପିକା' ବିଜ୍ଞାପନରୁ ଜଣାପଡ଼େ :—(୧)

୧ । ଉକିଲ୍ ଓ ମୁକ୍ତାର ବିଷୟରେ ନୂତନ ଦସ୍ତୁର ଅମଲ

୨ । ୧୮୫୯ ମସିହା ଆଇନ୍‌ର ଚତୁର୍ଦ୍ଦଶ ଧାରା

୩ । ରେଜିଷ୍ଟ୍ରେସନ ଫିର ସେଡ୍ୟୁଲ ଏବଂ

୪ । ବିଦ୍ୟାସାଗରଙ୍କ 'ଶକୁନ୍ତଳା' ଉପାଖ୍ୟାନର ଓଡ଼ିଆ ଅନୁବାଦ ।

ପୁଣି ୧୮୬୭ ମସିହାରେ ବାଲେଶ୍ବରର ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ବିଦ୍ୟାସାଗରଙ୍କ 'ବ୍ୟାକରଣ କୌମୁଦୀ' ଓ ରାମକମଲ ଶର୍ମାଙ୍କ 'ଧାତୁ ବିବେକ' ଓଡ଼ିଆରେ ଅନୁବାଦ କରି କଲିକତା ସ୍କୁଲ ପାଠ୍ୟ-ପୁସ୍ତକ ନିର୍ବାଚନ କମିଟି ନିକଟରେ ଦାଖଲ କରିଥିଲେ । ଏହି ସମୟରେ ଫକୀରମୋହନ 'ରାଜପୁତର ଇତିହାସ' ଲେଖି ଅର୍ଥାଭାବରୁ ପ୍ରକାଶ କରି ପାରି ନ ଥିଲେ । ତା'ପରେ ସେ ବିଦ୍ୟାସାଗରଙ୍କ 'ଜୀବନ ଚରିତ' ଅନୁବାଦ କରି କଲିକତା ବ୍ୟାପ୍‌ଟିଷ୍ଟ ମିସନ୍ ପ୍ରେସ୍‌ରେ ଛପାଇ ଥିଲେ । ଏହା ବ୍ୟତୀତ ଫକୀରମୋହନଙ୍କ 'ଓଡ଼ିଆ ବ୍ୟାକରଣ', ଦୁଇ ଭାଗରେ 'ଭାରତବର୍ଷର ଇତିହାସ' ଓ 'ଅଙ୍କମାଳା' ମଧ୍ୟ ପ୍ରକାଶିତ ହୋଇ ସ୍କୁଲ ପାଠ୍ୟ-ପୁସ୍ତକ ରୂପେ ଚଳିଥିଲା ।

(୧) P. R. Sen—Modern Oriya Literature, ପୃଷ୍ଠା ୭୨

ଦେଶର ସ୍ଥାନେ ସ୍ଥାନେ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନମାନ ଗଠିତ ହେବାକୁ ଲାଗିଲା । ୧୮୬୭ ମସିହା ବେଳକୁ ବାଲେଶ୍ୱରରେ 'ଉତ୍କଳ ଭାଷା ଉନ୍ନତି-ବିଧାୟିନୀ ସଭା' ଏବଂ କଟକରେ 'ଉତ୍କଳ ଭାଷା-ଉଦ୍ଦୀପନୀ ସଭା' ପ୍ରତିଷ୍ଠିତ ହୋଇଥିଲା । ଉକ୍ତ ଦୁଇଟି ଯାକ ଅନୁଷ୍ଠାନର ଲକ୍ଷ୍ୟ ଥିଲା—ଓଡ଼ିଆ ଭାଷା ତଥା ସାହିତ୍ୟର ଉନ୍ନତି ଓ ପରିପୁଷ୍ଟି । ବାଲେଶ୍ୱର ସଭା ପ୍ରଥମେ ସମସ୍ତ ପ୍ରାଚୀନ ଓଡ଼ିଆ କାବ୍ୟ ଛପାଇବାଲାଗି ଏବଂ ମଫସଲ ଅଞ୍ଚଳରେ ସ୍କୁଲ ସ୍ଥାପନ କରିବାଲାଗି ସ୍ଥିର କରିଥିଲା । ତଦନୁଯାୟୀ 'ରସକଲ୍ଲୋଳ' କାବ୍ୟ ଛପାଇବାର ବ୍ୟବସ୍ଥା ହୋଇଥିଲା । ବାଲେଶ୍ୱର ନିକଟବର୍ତ୍ତୀ ରେମୁଣା ଗ୍ରାମରେ ଗୋଟିଏ ସ୍କୁଲ ମଧ୍ୟ ସ୍ଥାପନ କରାଯାଇଥିଲା । କଟକସ୍ଥ ସଭା ତରଫରୁ ବିଶ୍ୱବିଦ୍ୟାଳୟ ଏଣ୍ଟ୍ରାନସ୍ ପରୀକ୍ଷା ପାଠ୍ୟ ନିମନ୍ତେ ଖଣ୍ଡିଏ ଓଡ଼ିଆ ପୁସ୍ତକ ସମ୍ପାଦନା କରିବାଲାଗି ସ୍ଥିରୀକୃତ ହୋଇଥିଲା ଏବଂ ପଣ୍ଡିତ ଆର୍ତ୍ତତ୍ରାଣ ତର୍କପଞ୍ଚାନନ, କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦଚନ୍ଦ୍ର ମହାପାତ୍ର ଓ ଗୌରୀଶଙ୍କର ରାୟ ପ୍ରଭୃତିଙ୍କୁ ଓଡ଼ିଆ ବିଦ୍ୱାନମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ଦାୟିତ୍ୱ ଦିଆଯାଇଥିଲା । ବିଶେଷ କରି ପ୍ରାଚୀନ ସାହିତ୍ୟ ଉଦ୍ଧାର ଓ ପ୍ରଚାରଲାଗି ସେତେବେଳେ 'ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାରଣ କମିଟି' ଏବଂ 'ପୁରାଣ ପ୍ରକାଶିକା କମ୍ପାନୀ' ଗଠିତ ହୋଇଥିଲା । ଏହା ବ୍ୟତୀତ କଟକରେ 'ଡିବେଟିଂ ସୋସାଇଟି', 'ଓଡ଼ିଶା ଆସୋସିଏସନ୍' ବାଲେଶ୍ୱରରେ 'ନେସନାଲ୍ ସୋସାଇଟି' ଓ ପୁରୀରେ 'ବ୍ରାହ୍ମଣ ସମିତି' ଆଦି ନାନା ସାଂସ୍କୃତିକ ଅନୁଷ୍ଠାନ ସେ ସମୟରେ ପ୍ରତିଷ୍ଠିତ ହୋଇଥିଲା । ସାହିତ୍ୟ, ଧର୍ମ, ଦର୍ଶନ, ବିଜ୍ଞାନାଦିର ଆଲୋଚନା ଓ ସମାଜ-ସଂସ୍କାର, ଦେଶସେବା ପ୍ରଭୃତି ବିଭିନ୍ନ ଉଦ୍ଦେଶ୍ୟ ନେଇ ଉକ୍ତ ଅନୁଷ୍ଠାନଗୁଡ଼ିକ ସମଗ୍ର ଦେଶରେ କାର୍ଯ୍ୟ କରୁଥିଲେ ।

କ୍ରମେ କ୍ରମେ ଲୋକେ ପାଶ୍ଚାତ୍ୟ ଶିକ୍ଷା-ଦୀକ୍ଷାରେ ଦୀକ୍ଷିତ ହୋଇ ଏ ଦେଶୀୟ ଧର୍ମ ଓ ନୀତି ଭିତରେ ନାନା ଦୋଷ ଦୁର୍ବଳତା ଦେଖି ପାରିଲେ ଏବଂ ଏହି ପ୍ରାଚୀନ ଧର୍ମ- ଓ ରକ୍ଷଣଶୀଳ ସମାଜ-ନିଗଡ଼ରୁ ମୁକ୍ତି ପାଇବାକୁ ବାଟ ଖୋଜିଲେ । ଏହି ସମୟରେ ଭାରତର ଚାରିଆଡ଼େ ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ଖ୍ରୀଷ୍ଟ ଧର୍ମ ପ୍ରଚାର କରିବାରେ ଲାଗି ପଡ଼ିଥାନ୍ତି । ବଙ୍ଗଳାର ନବ୍ୟ ଶିକ୍ଷିତ ସମାଜରେ ବ୍ରାହ୍ମଧର୍ମର ବନ୍ୟା ଖେଳି ଯାଇଥାଏ । ଓଡ଼ିଶାରେ ଇଂରାଜୀ-ଶିକ୍ଷିତ ବ୍ୟକ୍ତିମାନଙ୍କ ଭିତରୁ କେତେକ ଖ୍ରୀଷ୍ଟ ଧର୍ମ ଓ ଅନ୍ୟ କେତେକ ବ୍ରାହ୍ମ ଧର୍ମ ଗ୍ରହଣ କରି ସମାଜ-ସଂସ୍କାର କାର୍ଯ୍ୟରେ ବ୍ରତୀ ହୋଇଥିଲେ । ସେବେର ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଉତ୍କଳ-ଗୌରବ ମଧୁସୂଦନ ଦାସ ଏବଂ ବ୍ରାହ୍ମ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଜଗନ୍ମୋହନ ରାୟ, ଗୌରୀଶଙ୍କର ରାୟ ପ୍ରମୁଖ ପ୍ରଧାନ ଥିଲେ । ମହର୍ଷି ଦେବେନ୍ଦ୍ରନାଥ ଠାକୁର ନିଜ ଜମିଦାରି ପରିଦର୍ଶନରେ ଓଡ଼ିଶାକୁ ଆସି ପ୍ରାୟ ୧୮୬୦ ମସିହା ବେଳକୁ ରାମମୋହନ ରାୟ-ପ୍ରବର୍ତ୍ତିତ ଆଦି ବ୍ରାହ୍ମ ସମାଜ ଶାଖା କଟକରେ ସ୍ଥାପନ କରିଥିଲେ । ଜଗନ୍ମୋହନ ଓ ଗୌରୀଶଙ୍କର ଏହି ଆଦି ବ୍ରାହ୍ମ ସମାଜର ଅନ୍ତର୍ଭୁକ୍ତ ଥିଲେ । ଏହା ପରେ ପ୍ୟାରୀମୋହନ ଆଚାର୍ଯ୍ୟ, ମଧୁସୂଦନ ରାଓ ପ୍ରଭୃତି କେଶବଚନ୍ଦ୍ର ସେନ-ପ୍ରବର୍ତ୍ତିତ ଭାରତବର୍ଷୀୟ ବ୍ରାହ୍ମ ସମାଜରେ ଯୋଗ ଦେଇଥିଲେ । ବାଲେଶ୍ୱରରେ ମଧ୍ୟ ୧୮୬୭-୬୮ ମସିହା ବେଳକୁ ପ୍ରସନ୍ନକୁମାର ଚଟାର୍ଜିଙ୍କ ପ୍ରେରଣାରେ ବ୍ରାହ୍ମ ମନ୍ଦିର ସ୍ଥାପିତ ହୋଇଥିଲା । ଏହି ବ୍ରହ୍ମୋପାସନାରେ ଫକୀରମୋହନ ଯୋଗ ଦେଉଥିଲେ । ତତ୍ପୂର୍ବରୁ ଫକୀରମୋହନ ଓ ରାଧାନାଥ ଦୁହେଁ ଯାକ ମିଳି କିପରି ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବାକୁ ବାହାରି ଥିଲେ ଏବଂ ଶେଷରେ ପଶ୍ଚାତ୍ପଦ ହୋଇଥିଲେ, ତାହା ଫକୀରମୋହନ ନିଜ

'ଆତ୍ମଜୀବନ ଚରିତ'ରେ (ପୃଷ୍ଠା ୫୩-୫୪) ଉଲ୍ଲେଖ କରିଛନ୍ତି । ସମାଜ-ସଂସ୍କାର ଓ ଦେଶସେବା କରିବାଲାଗି ଧର୍ମାନ୍ତର ଗ୍ରହଣ ଆବଶ୍ୟକ, ଏହିପରି ଏକ ଧାରଣା ସେତେବେଳେ ଶିକ୍ଷିତ ଲୋକଙ୍କ ମନରେ ଉପୁଜିଥିଲା ।

ଅନନ୍ତର କଥା, ତତ୍କାଳୀନ ସଂସ୍କାରକମାନେ ଉଗ୍ରପନ୍ଥୀ ନ ଥିଲେ । ଗୋଟିଏ ଐତିହ୍ୟପୂର୍ଣ୍ଣ ପ୍ରାଚୀନ ସମାଜକୁ ସମୂଳେ ପରିବର୍ତ୍ତନ କରି ତା' ଉପରେ ଅନ୍ୟ ଏକ ବିଦେଶୀ ସଭ୍ୟତା ଲଦି ଦେବାକୁ ସେମାନେ କଦାପି ଚାହୁଁ ନ ଥିଲେ । ଦେଶୀୟ ସମାଜରୁ ସମସ୍ତ ଦୋଷ ଦୁର୍ବଳତା ଦୂର କରିବା ଏବଂ ନବାଗତ ବିଦେଶୀ ସଭ୍ୟତାରୁ ଆବଶ୍ୟକୀୟ ଗୁଣଗୁଡ଼ିକ ଗ୍ରହଣ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ମୋଟାମୋଟି ଏ ଦେଶର ପ୍ରାଚୀନ ସଭ୍ୟତା ଓ ପାଶ୍ଚାତ୍ୟ ସଭ୍ୟତା ମଧ୍ୟରେ ଏକ ସଫଳ ସମନ୍ୱୟ ଓ ସମବାୟ ସ୍ଥାପନ କରିବା ସେମାନଙ୍କର ଆଦୌ ଲକ୍ଷ୍ୟ ରହିଥିଲା । ଏହି ଲକ୍ଷ୍ୟ ଅନୁଯାୟୀ ସେମାନେ ସମାଜ-ସଂସ୍କାର କରିବାଲାଗି ଅଣ୍ଟା ଭିଡ଼ିଥିଲେ । ସେତେବେଳେ ରକ୍ଷଣଶୀଳ ସମାଜ ନାନା କୁସଂସ୍କାର ଓ ଅନ୍ଧ ବିଶ୍ୱାସରେ ପୂର୍ଣ୍ଣ ଥିଲା । ଅସ୍ପୃଶ୍ୟତା ଓ ଜାତି ବିଭାଗ ଦ୍ୱାରା ସମାଜ ଖଣ୍ଡ ବିଖଣ୍ଡ ହୋଇ ପଡ଼ିଥିଲା । ସତୀଦାହ, ମେରିଆ ଆଦି ଘୃଣ୍ୟ ପ୍ରଥା ପ୍ରଚଳିତ ଥିଲା । ସେତେବେଳେ ଘୁମୁସର ଓ ଦଶପଲ୍ଲା ଅଞ୍ଚଳର ମେରିଆ ପ୍ରଥା ସଂପର୍କରେ ଫକୀରମୋହନ ଲେଖିଛନ୍ତି:—

"କନ୍ଧମାନଙ୍କର ପ୍ରଧାନ ଚାଷ ହଳଦୀ । ସେହି ହଳଦୀର ରଙ୍ଗ ବଢ଼ାଇବାପାଇଁ କନ୍ଧମାନେ ଦେବତା ଜାଗାରେ 'ମେରିଆ' ଅର୍ଥାତ୍ ନରବଳି ଦେଉଥିଲେ । ୧୮୩୬ ମସୀହାରେ ଗଭର୍ଣ୍ଣମେଣ୍ଟ ସେହି ନରବଳି ରହିତ କରି ଦେଇଥିଲେ । ସରକାର ପଲଟନ ଯାଇ ବଳିଦାନ ସକାଶେ ରକ୍ଷିତ ଅନେକଗୁଡ଼ିଏ ମାନବଶିଶୁ କନ୍ଧ-ମାହାଲ

ମଧ୍ୟରୁ ସଂଗ୍ରହ କରି ଆଣିଥିଲେ । ମିସନାରୀମାନଙ୍କ ତତ୍ତ୍ୱାବଧାନରେ ଥାଇ ଶିକ୍ଷିତ ହେଉଥିବା ସେପରି ଗୁଡ଼ିଏ ଶିଶୁଙ୍କୁ ମୁଁ ଦେଖିଅଛି ।”
(ଆତ୍ମଜୀବନ ଚରିତ, ପୃଷ୍ଠା ୧୦୯)
ସରକାରୀ ଆଇନ୍ ବ୍ୟତୀତ ସମାଜସଂସ୍କାରକମାନେ ସ୍ୱଭମତ ଏହି ସାମାଜିକ କୁସଂସ୍କାର ବିରୁଦ୍ଧରେ ଲଢ଼େଇ କରିଥିଲେ । ସମାଜରେ ବିଧବା ବିବାହ, ସ୍ତ୍ରୀଶିକ୍ଷା ପ୍ରଚଳନ କରିବାଲାଗି ମଧ୍ୟ ସେମାନଙ୍କର ଉଦ୍ୟମ ଊଣା ନ ଥିଲା ।

ଏହା ହିଁ ଓଡ଼ିଶାର ନବ ଜାଗରଣର କାଳ । ଦେଶୀୟ ଶିକ୍ଷା, ସାହିତ୍ୟ କ୍ଷେତ୍ରରେ—ଓଡ଼ିଆ ଜାତୀୟ ଜୀବନରେ ଏହି ନବଜାଗରଣ ଉପସ୍ଥିତ ହୋଇଥିଲା । ସେତେବେଳେ ବହୁକାଳ ଧରି ଅପରିବର୍ତ୍ତିତ ରହିଥିବା ଏକ ରକ୍ଷଣଶୀଳ ସମାଜ ଧ୍ୱଂସ ମୁଖରେ ଗତି କରୁଥିଲା ଏବଂ ତା’ ପାଖରେ ଧୀରେ ଧୀରେ ବିକାଶ ଲାଭ କରୁଥିଲା ଆଉ ଏକ ନୂତନ ଜୀବନ୍ତ ସମାଜ—ଗୋଟିଏ କଳଙ୍କିଲଗା ଯୁଗ ଅବସାନ ହେଉଥିଲା ଏବଂ ଆରମ୍ଭ ହେଉଥିଲା ଆଉ ଗୋଟିଏ ଉଜ୍ଜ୍ୱଳ ଆଲୋକମୟ ଯୁଗ । ଦେଶ ଓ କାଳର ଏହି ପୃଷ୍ଠଭୂମି ଉପରେ ଫକୀରମୋହନ ଅନୁଷ୍ଠାନର ଉନ୍ମେଷ ଓ ବିକାଶ ।

୧୮୬୫-୬୬ ମସୀହାରେ ନଅଙ୍କ ଦୁର୍ଭିକ୍ଷର ଧ୍ୱଂସ-ଲୀଳାରେ ଓଡ଼ିଶା ଯେତେବେଳେ ନାରଖାର, ସେତେବେଳେ ଫକୀରମୋହନ ନିଜ କର୍ମମୟ ଜୀବନର ଅଧିବାସ କରନ୍ତି । ସେତେବେଳେ ସେ ପ୍ରଧାନତଃ ଦୁଇଟି କର୍ତ୍ତବ୍ୟ ଆଖି ଆଗରେ ଦେଖି ପାରିଥିଲେ । ପ୍ରଥମତଃ ଦୁର୍ଭିକ୍ଷ-ପ୍ରପୀଡ଼ିତ ଓଡ଼ିଆ ଜାତିଲାଗି ଦାନାକନା ବ୍ୟବସ୍ଥା ଏବଂ ଦ୍ୱିତୀୟତଃ ଓଡ଼ିଆ ଭାଷାର ସ୍ୱତ୍ତ୍ୱରକ୍ଷା । ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାରୁ ଦଶ ଲକ୍ଷ ଲୋକ (ତତ୍‌କାଳୀନ ଲୋକସଂଖ୍ୟାର ଏକ ତୃତୀୟାଂଶ) ପ୍ରାଣ ହରାଇଥିଲେ । ଅନେକ ‘ଛଅଙ୍କିଆ’ ବୋଲି ହିଡ

ସମାଜରେ ପତିତ ହୋଇ ଯାଇଥିଲେ । ଅଙ୍ଗେ ଲିଭେଇଥିବା ଏଇ ଭୟାବହ ତାଣ୍ଡବଲୀଳାର ବିବରଣୀ ଫକୀରମୋହନ ନିଜ ଆତ୍ମଜୀବନ ଚରିତ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି । ୧୮୬୬ ମସୀହା ଆରମ୍ଭ ବେଳକୁ ବାଲେଶ୍ୱର ଲୋକମାନେ ଦୁର୍ଭିକ୍ଷର ଭୟାବହତା ଅନୁଭବ କଲେ । (୧) ଅନ୍ୟ କୌଣସି ଉପାୟ ନ ଦେଖି ସେମାନେ ଧାନ ଗୁଣ୍ଡଲ ଥିବା ଲୋକଙ୍କ ଘର ଲୁଟ୍ ତରାଜ ଆରମ୍ଭ କରି ଦେଲେ । ଗ୍ରାମମାନଙ୍କରୁ ଶହ ଶହ ସଂଖ୍ୟାରେ ଲୋକେ ଖାଦ୍ୟ ଅନ୍ୱେଷଣରେ ଯାଇ ସହରରେ ରୁଣ୍ଡ ହେଲେ । ସହରରେ ସରକାରୀ ରିଲିଫ୍ କମିଟି ତରଫରୁ ଯେଉଁ ସାହାଯ୍ୟ ବ୍ୟବସ୍ଥା କରି ଯାଇଥିଲା, ତାହା 'ସମୁଦ୍ରକୁ ଶଙ୍ଖେ ପାଣି' । ଲୋକେ ପେଟ ଜ୍ୱାଳାରେ ଅତୁର ହୋଇ ଗଛର ଚେର, ମୂଳ, ପତ୍ର ଯାହା ପାଇଲେ, ତାହା ଖାଇବାକୁ ଲାଗିଲେ । ମଣିଷ ମାଂସ ମଧ୍ୟ ମଣିଷ ଖାଇଥିବାର ଦୃଷ୍ଟାନ୍ତ ଏହି ସମୟରେ ମିଳିଥିଲା । ସେତେବେଳେ ବାହାରୁ ଦେଶକୁ ଧାନ ଗୁଣ୍ଡଲ ଆଣିବାଲାଗି ସ୍ଥଳପଥ କିଂବା ଜଳପଥ ସୁବିଧା ନ ଥିଲା । ତେଣୁ ସରକାର ଆପତ-କାଳୀନ ଅବସ୍ଥା ସମ୍ଭାଳିବାଲାଗି ନିରୁପାୟ ହୋଇ ପଡ଼ିଲେ । ଏପରି ପରିସ୍ଥିତିରେ ସଙ୍ଗତିସାମର୍ଥ୍ୟ-ହୀନ ଫକୀରମୋହନ ଆଉ କରନ୍ତେ କଣ ? ନିଜର ଧାନକ୍ଷେତ ମଧ୍ୟରେ ପ୍ରତିଦିନ ନୀରବରେ ବସି ଲୋକମାନଙ୍କ ରକ୍ଷା ସକାଶେ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । (ଆ: ଜୀ: ଚ: ପୃଷ୍ଠା ୬୫)

ଓଡ଼ିଆ ପେଟରେ ଦାନା ନ ଥିଲା, ପୁଣି ଏତିକିବେଳେ ତା' ତୁଣ୍ଡରୁ ଭାଷା କାଢ଼ି ନେବାଲାଗି ଉଦ୍ୟମ କରାଗଲା । ଓଡ଼ିଆ ଭାଷା ଲୋପ କରି ଓଡ଼ିଶାରେ ବଙ୍ଗଳା ଭାଷା ପ୍ରଚଳନ କରିବା ସକାଶେ

(୧) Bengal District Gazetteers—Balasore, ପୃଷ୍ଠା ୯୯-୧୨୦

ବଙ୍ଗାଳୀମାନେ ଷଡ଼ଯନ୍ତ୍ର କଲେ । ସେତେବେଳେ ଓଡ଼ିଆଭାଷୀ ଅଞ୍ଚଳ ଖଣ୍ଡ ବିଖଣ୍ଡ ହୋଇ ଅନେକାଂଶ ବଙ୍ଗଳା, ବିହାର, ମାନ୍ଦ୍ରାଜ ଓ ମଧ୍ୟ ପ୍ରଦେଶ ସହିତ ମିଶି ରହିଥିଲା । ଓଡ଼ିଆ ଭାଷାର ଉନ୍ନତି ଲାଗି ଏହା ଥିଲା ଏକ ବଡ଼ ପ୍ରତିବନ୍ଧକ । ସେତେବେଳେ ପୁଣି ଓଡ଼ିଶାର ବଡ଼ ବଡ଼ ଅମଲା, କର୍ମଚାରୀ, ଏପରି କି ସ୍କୁଲ ଶିକ୍ଷକ ପର୍ଯ୍ୟନ୍ତ ସମସ୍ତେ ଥିଲେ ବଙ୍ଗାଳୀ । ଏମାନଙ୍କ ଭିତରୁ ଦଳେ ଓଡ଼ିଆଙ୍କ ଉପରେ ବଙ୍ଗଳା ଭାଷା ଲଦି ଦେବାକୁ ମୂଳରୁ ଚେଷ୍ଟା କରିଥିଲେ । ସେହିପରି ୧୮୩୬ ମସିହାରେ ଅସମିୟା ଭାଷା ଲୋପ କରିବାଲାଗି ଆସାମରେ ବଙ୍ଗାଳୀମାନେ ଉଦ୍ୟମ କରିଥିବା କଥା ପ୍ରସଙ୍ଗ କ୍ରମେ ଏଠାରେ ଉଲ୍ଲେଖ କରା ଯାଇପାରେ । ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ, ଓଡ଼ିଶାର ସ୍ୱଳ୍ପ ଲୋକସଂଖ୍ୟା ଗୋଟିଏ ସ୍ୱତନ୍ତ୍ର ଭାଷା ରକ୍ଷା କରିବା ଅସମ୍ଭବ, ଓଡ଼ିଆରେ ପାଠ୍ୟପୁସ୍ତକ ନାହିଁ— ଇତ୍ୟାଦି ନାନା ଅଭିଯୋଗ ଉପସ୍ଥାପିତ କରି ବାଲେଶ୍ୱରର ଏକ ସାଧାରଣ ସ୍କୁଲ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କଠାରୁ ପ୍ରସିଦ୍ଧ ଐତିହାସିକ ରାଜେନ୍ଦ୍ରଲାଲ ମିତ୍ରଙ୍କ ପର୍ଯ୍ୟନ୍ତ ବ୍ୟକ୍ତିମାନେ ଓଡ଼ିଆ ଭାଷା ବିରୁଦ୍ଧରେ ଏହି ହୀନ ଷଡ଼ଯନ୍ତ୍ରରେ ଭାଗ ନେଇଥିଲେ । କଟକରେ ଗୌରୀଶଙ୍କର ରାୟ, ବାଲେଶ୍ୱରରେ ଫକୀରମୋହନ ଏହି ଷଡ଼ଯନ୍ତ୍ର ବିଫଳ କରିବାଲାଗି କିପରି ପ୍ରାଣପଣ ଉଦ୍ୟମ କରି କୃତକାର୍ଯ୍ୟ ହୋଇଥିଲେ, ତା'ର ପୂର୍ଣ୍ଣ ବିବରଣୀ ୧୮୬୯-୭୦ ମସିହାର 'ଉତ୍କଳ ଦୀପିକା' ଓ ଫକୀରମୋହନଙ୍କ 'ଆତ୍ମଜୀବନ ଚରିତ' (ଅପ୍ରକାଶିତ ଅଧ୍ୟାୟ) ପୃଷ୍ଠାରୁ ମିଳି ପାରିବ । ଯାହାହେଉ, ୧୮୭୨ ମସିହା ବେଳକୁ ଜନ୍ ବିମସ୍ ଓ ରେଭେନ୍‌ସା ସାହେବଙ୍କ ସହାୟତାରୁ ଉକ୍ତ ଓଡ଼ିଆ ଭାଷା-ବିଲୋପ ଆନ୍ଦୋଳନ ସଂପୂର୍ଣ୍ଣ ରୂପେ ବ୍ୟର୍ଥ ହେଲା । ଏ ସଂପର୍କରେ ଫକୀରମୋହନ ଲେଖିଛନ୍ତି :—

"ସେ ସମୟ୍ରେ ବାଲେଶ୍ୱରର କଲେକ୍ଟର ଜନ୍ ବିମସ୍ ସାହେବ ଜଣେ ଭାଷାବିତ୍ ପଣ୍ଡିତ ବୋଲି ଗଭର୍ଣ୍ଣମେଣ୍ଟରେ ପରିଚିତ ଥିଲେ । ଆମ୍ଭମାନଙ୍କ ଦରଖାସ୍ତ ତାଙ୍କ ହଜୁରରେ ଦାଖଲ ହେବାରୁ ଅନୁକୂଳ ମତ ପ୍ରକାଶ କରି, କମିସନର୍ ସାହେବଙ୍କ ସମୀପକୁ ପଠାଇ ଦେଲେ । ଓଡ଼ିଆ ଅତି ପ୍ରାଚୀନ ସ୍ୱତନ୍ତ୍ର ଭାଷା । ଏହି ଭାଷା ଦେଶରେ ବହୁଳ ରୂପରେ ଶିକ୍ଷା ଦିଆଯିବା ଉଚିତ । ଏହି ମର୍ମରେ ଖଣ୍ଡିଏ ଇଂରାଜୀ ପୁସ୍ତକ ମଧ୍ୟ ଲେଖି ସରକାରକୁ ପଠାଇ ଦେଲେ । ଓଡ଼ିଶାର ପରମବନ୍ଧୁ ଟି: ରେଭେନ୍‌ସା ସେ ସମୟରେ ଉତ୍କଳର କମିସନର୍ । କଲେକ୍ଟରଙ୍କ ପ୍ରେରିତ ଦରଖାସ୍ତରେ ଆପଣାର ବିଶେଷ ରୂପେ ଅନୁକୂଳ ମତ ଲେଖି ଗଭର୍ଣ୍ଣମେଣ୍ଟକୁ ପଠାଇ ଦେଲେ । ସରକାରରୁ ହୁକୁମ ଆସିଲା—ଓଡ଼ିଶାର ସମସ୍ତ ସ୍କୁଲରୁ ବଙ୍ଗ ଭାଷା ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ! ଏବଂ ଉତ୍କଳ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ୍ ସ୍ଥାପିତ ହେଉ !" (୧)

ତା'ପରେ ଓଡ଼ିଶା ଶିକ୍ଷା ବିଭାଗ ତତ୍ତ୍ୱାବଧାନ ନିମନ୍ତେ ଏକ ଜଏଣ୍ଟ ଇନ୍‌ସପେକ୍ଟର ପଦ ସୃଷ୍ଟି ହେଲା ଏବଂ ୧୮୭୩ ମସିହାରେ ରାୟବାହାଦୁର ନନ୍ଦକିଶୋର ଦାସ ଏ ପଦରେ ନିଯୁକ୍ତ ହେଲେ ।

ଓଡ଼ିଶା ସ୍କୁଲମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ କଥା ସ୍ଥିର ହେବାରୁ ଏଣିକି ଓଡ଼ିଆରେ ବିଭିନ୍ନ ପାଠ୍ୟପୁସ୍ତକ ରଚନା ଜରୁରି ହୋଇ ପଡ଼ିଲା । ଭୂଗୋଳ, ଇତିହାସ, ସାହିତ୍ୟ, ଗଣିତ ଆଦି ନାନା ବିଷୟରେ ପାଠ୍ୟପୁସ୍ତକ ରଚନା କରିବାଲାଗି ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷିତ ହେଲା । ଢେଙ୍କାନାଳ ରାଜା ଭଗୀରଥ ମହୀନ୍ଦ୍ର ବାହାଦୁର ଏହା ପୂର୍ବରୁ ଉତ୍କଳ ଇତିହାସ ସଂକଳନଲାଗି ଶିକ୍ଷା

(୧) ସୁରେନ୍ଦ୍ର ମହାନ୍ତି—ଫକୀରମୋହନ (ପରିଶିଷ୍ଟ) ୧୬୯ ୩୦ ।

ବିଭାଗ ହାତରେ ଏକ ହଜାର ଟଙ୍କା ଅର୍ପଣ କରିଥିଲେ । (୧) ଏଥିରେ ଉତ୍ସାହିତ ହୋଇ କଟକରେ ବିଚ୍ଛନ୍ଦ ପଟ୍ଟନାୟକ, ଜଗମୋହନ ଲାଲ, ଗୋବର୍ଦ୍ଧନଚନ୍ଦ୍ର ପଟ୍ଟନାୟକ, ପଣ୍ଡିତ ଗୋବିନ୍ଦ ରଥ, ଗୌରୀଶଙ୍କର ରାୟ ପ୍ରମୁଖ ଏବଂ ବାଲେଶ୍ୱରରେ ରାଜା ବୈକୁଣ୍ଠନାଥ ଦେଙ୍କ ସହାୟତାରେ ଫକୀରମୋହନ, ରାଧାନାଥ, ମଧୁସୂଦନ ପ୍ରଭୃତି ପାଠ୍ୟ-ପୁସ୍ତକ ରଚନାରେ ଅଗ୍ରସର ହୋଇଥିଲେ । ସେତେବେଳେ ଓଡ଼ିଆ ପାଠ୍ୟପୁସ୍ତକର କିପରି ଚାହିଦା ଥିଲା, ତାହା ଗୋଟିଏ ଉଦାହରଣରୁ ଜଣାପଡ଼େ । ରାଧାନାଥ ଓ ମଧୁସୂଦନ ଉଭୟଙ୍କ ଦ୍ୱାରା ଲିଖିତ 'ପ୍ରଥମ ପାଠ' ପୁସ୍ତକଟି ଦଶ ହଜାର ଛାପା ହୋଇ ମାତ୍ର ତିନି ମାସ ମଧ୍ୟରେ ନିଃଶେଷ ହୋଇ ଯାଇଥିଲା । (୨)

ନଅଙ୍କ ଦୁର୍ଭିକ୍ଷ ଓ ଭାଷା-ବିଲୋପୀ ଆନ୍ଦୋଳନ କବଳରୁ ମୁକ୍ତି ଲାଭ କଲା ପରେ ଓଡ଼ିଆ ଜାତୀୟ ଜୀବନ, ସାହିତ୍ୟ, ସଂସ୍କୃତି ବିଭିନ୍ନ ଭାବେ କ୍ରମୋନ୍ନତି କରିବାକୁ ଲାଗିଲା । ସେତେବେଳକୁ ଦେଶରେ ପାଶ୍ଚାତ୍ୟ ଶିକ୍ଷାନୁପ୍ରାଣିତ ନୂତନ ପାଠକ ସମାଜ—ଏହାର ପରିସର ସୀମାବଦ୍ଧ ଥିଲେ ବି—ସୃଷ୍ଟି ହୋଇ ସାରିଥିଲା । ନିଜର ପରିବର୍ତ୍ତିତ ସାହିତ୍ୟିକ ରୁଚି ଓ ଦୃଷ୍ଟିକୋଣ ଘେନି ଏମାନେ ଓଡ଼ିଆ ସାହିତ୍ୟରେ ନୂତନ ଭାବ, ନୂତନ ପ୍ରକାଶଭଙ୍ଗୀ ଖୋଜି ବସିଲେ । ପଦ୍ୟ ସଙ୍ଗେ ସଙ୍ଗେ ଗଦ୍ୟ ସାହିତ୍ୟ ଆସ୍ୱାଦନରେ ଏମାନଙ୍କର ମନ ବଳିଲା । ସେତେବେଳକୁ 'ଉତ୍କଳ ଦୀପିକା', 'ବୋଧଦାୟିନୀ ଏବଂ ବାଲେଶ୍ୱର ସମ୍ବାଦ ବାହିକା' ପ୍ରଭୃତି ପତ୍ର-ପତ୍ରିକା ଓଡ଼ିଆ ଗଦ୍ୟ ସାହିତ୍ୟ ସୃଷ୍ଟିରେ ନେତୃତ୍ୱ ନେଇ ସାରିଥିଲେ । ଏଠାରେ ଗୋଟିଏ କଥା ଲକ୍ଷଣୀୟ । ୧୮୭୧ ମସିହାରେ ଉତ୍-

[୧] ମୃତ୍ୟୁଞ୍ଜୟ ରଥ—କର୍ମଯୋଗୀ ଗୌରୀଶଙ୍କର [୧୯୨୬] ପୃଷ୍ଠା ୩୮

[୨] ଦୁର୍ଗାଚରଣ ରାୟ—ରାଧାନାଥ ଜୀବନୀ (୧୯୦୯) ପୃଷ୍ଠା ୭୧

କାଳୀନ ଲେଫଟେନେଣ୍ଟ ଗଭର୍ଣ୍ଣର ସାର୍ ଜର୍ଜ କାଂପବେଲ୍ ବଙ୍ଗଳା ଓ ଓଡ଼ିଆ ଭାଷାରୁ ଆରବୀ, ପାରସୀ ଭାଷାର ପ୍ରଭାବ ଲୋପ କରିବା ଲାଗି ଏକ ଆଦେଶ ପ୍ରଚାର କରିଥିଲେ । କାଂପବେଲ୍‌ଙ୍କ ମତରେ ଦାଣ୍ଡଘାଟରେ ପ୍ରଚଳିତ ଜନସାଧାରଣଙ୍କ ଭାଷା ହିଁ 'ଶୁଦ୍ଧ ଭାଷା' ଏବଂ ସେହି ଭାଷାରେ ଲିଖିତ ସାହିତ୍ୟ ହିଁ 'ଶୁଦ୍ଧ ସାହିତ୍ୟ' । କଚେରୀ-ମାନଙ୍କରେ ଏହି 'ଶୁଦ୍ଧ ଭାଷା' ଓ ଇଂରେଜୀ ଭାଷା ପ୍ରଚଳିତ ହେବ ବୋଲି ଆଦେଶ ଦିଆ ଯାଇଥିଲା । ଏହି 'ଶୁଦ୍ଧ ଭାଷା'ରେ ଲିଖିତ ପାଠ୍ୟପୁସ୍ତକଗୁଡ଼ିକ ଅନୁମୋଦନ କରିବାଲାଗି ମଧ୍ୟ ଶିକ୍ଷା ବିଭାଗ ଡିରେକ୍ଟର ଆଦେଶ ପାଇଥିଲେ । କାଂପବେଲ୍ ସାହେବଙ୍କର ଏହି ଇସ୍ତାହାର ସଂପର୍କରେ ଆଲୋଚନା କରି 'ଉତ୍କଳ ଦୀପିକା' ୧୮୭୧ ମସିହା ଡିସେମ୍ବର ୨୦ ତାରିଖ ସଂଖ୍ୟାରେ ମତ ପ୍ରକାଶ କରିଥିଲେ ଯେ, ଓଡ଼ିଆକୁ 'ଶୁଦ୍ଧ ଭାଷା' କରିବାଲାଗି ତହିଁରୁ ଭାରତର ଅତି ପ୍ରାଚୀନ ଓ ମାର୍ଜିତ ଭାଷା ସଂସ୍କୃତକୁ କୌଣସିମତେ ଲୋପ କରିବା ଉଚିତ ନୁହେଁ । (୧) ଏହା ଫଳରେ ଓଡ଼ିଆ ସାହିତ୍ୟରେ ଦୁଇ ପ୍ରକାର ରଚନାରୀତି ପ୍ରକାଶ ପାଇଲା । ଗୋଟିଏ ସରଳ ସ୍ୱାଭାବିକ ଜନସାଧାରଣଙ୍କ ଭାଷାରେ ଏବଂ ଅନ୍ୟଟି ସଂସ୍କୃତ-ଅନୁସାରୀ ତତ୍ସମ-ତଦ୍ଭବ ଶବ୍ଦପୂର୍ଣ୍ଣ ଓ ସନ୍ଧି-ସମାସଯୁକ୍ତ ଭାଷାରେ । ଫକୀରମୋହନ ପ୍ରଥମୋକ୍ତ ରୀତି ଅନୁଯାୟୀ ଏବଂ ରାଧାନାଥ, ମଧୁସୂଦନ ଦ୍ୱିତୀୟ ରୀତି ଅନୁସାରେ ସାହିତ୍ୟ ସୃଷ୍ଟି କଲେ ।

ବିକାଶ କାଳରେ ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରାଥମିକ ସ୍ୱରୂପ କିପରି ଥିଲା, ତାହା ନିମ୍ନ ଉଦାହରଣ ଦୁଇଟିରୁ ଜଣାପଡ଼ିବ । 'ଉତ୍କଳ

[୧] ସୁରେନ୍ଦ୍ର ମହାନ୍ତି—ଅଦ୍ୟ ବଂଶ ଶତାବ୍ଦୀର କାବ୍ୟସତ୍ତା ଓ ପଲ୍ଲୀ କବି ନନ୍ଦକିଶୋର—ନବ ଭାରତ, ନୂଆସ୍ତର (୧୯୫୦) ୨ୟ ବର୍ଷ ୧୧ଶ ସଂଖ୍ୟା

ଦୀପିକା' ୧୮୬୯ ମସିହା ଜୁଲାଇ ୧୫ ତାରିଖ ସଂଖ୍ୟାରୁ ତତ୍‌କାଳୀନ ଓଡ଼ିଆ ଗଦ୍ୟର ଏକ ନମୁନା:—

"ବିଗତ ଅଧିବେଶନରେ କେତେକ ବଙ୍ଗୀୟ ସଭ୍ୟ ବକ୍ତୃତା ଦ୍ୱାରା ଏହା ବ୍ୟକ୍ତ କରିଅଛନ୍ତି ଯେ, ଉତ୍କଳ ପୁସ୍ତକ ବଙ୍ଗାକ୍ଷରରେ ମୁଦ୍ରିତ କରି ପ୍ରଚାର କଲେ ଏବଂ ଏ ଦେଶୀୟ କଚେରୀ ଦରବାର-ମାନଙ୍କରେ ବଙ୍ଗାକ୍ଷର ବ୍ୟବହାର କଲେ, ଅନେକ ଧର୍ମିଷ୍ଠ ବଙ୍ଗୀୟ-ମାନଙ୍କ ସହବାସରେ ଏତଦ୍ଦେଶର ଅନେକ ଉପକାର ଏବଂ ଶ୍ରୀବୃଦ୍ଧି ହେବ । ଏ ବିଷୟରେ କେତେକ ଏତଦ୍ଦେଶୀୟ ବ୍ୟକ୍ତି ଆପତ୍ତି ଉତ୍ଥାପନ କରିଥିଲେ; କିନ୍ତୁ ଶ୍ରୀବାବୁ ରାଜକୃଷ୍ଣ ମୁଖୋପାଧ୍ୟାୟ ମହାଶୟ ସ୍ୱୀୟ ଅସାଧାରଣ ବିଦ୍ୟାବତ୍ତା ଓ ବାକ୍‌ପଟୁତା ସହକାରେ ବାଗାଡ଼ମ୍ବର କରିବାରେ ଉଲ୍ଲିଖିତ ବିଷୟ ଧାର୍ଯ୍ୟ ହେଲା । ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ ଲାଭ କରି କ୍ରମେ ଉପାଧିପ୍ରାପ୍ତ ହୋଇ ଅଛନ୍ତି । ସ୍ୱଦେଶ ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ନିମିତ୍ତ କୃତସଂକଳ୍ପ ହୋଇ ଆମ୍ଭମାନଙ୍କର ସୌଭାଗ୍ୟ କ୍ରମେ ଏ ଦେଶରେ ଅବତୀର୍ଣ୍ଣ ହୋଇ ଅଛନ୍ତି । ଉତ୍କଳ ସୌଭାଗ୍ୟ ଲାଭ କରିବ ।" ଇତ୍ୟାଦି

ଏହାର ଠିକ୍ ଦଶ ବର୍ଷ ପରେ 'ବାଲେଶ୍ୱର ସମ୍ବାଦ ବାହିକା' ୧୮୭୯ ମସିହା ଜୁନ୍ ୫ତାରିଖ ସଂଖ୍ୟାରୁ ସେହିପରି ଓଡ଼ିଆ ଗଦ୍ୟର ଆଉ ଏକ ନମୁନା:—

"କାଞ୍ଚପୁରର ଜମିଦାର ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟ ବାଲେଶ୍ୱର ହିନ୍ଦୁ ବାଳିକା ବିଦ୍ୟାଳୟ ନିମନ୍ତେ ଦଶ ଟଙ୍କା ଦାନ ସ୍ୱରୂପ ପ୍ରେରଣ କରି ଅଛନ୍ତି । ଉକ୍ତ ଟଙ୍କା ତାଙ୍କ ଅଭିପ୍ରାୟ ଅନୁସାରେ ଖରଚ କରାଯିବ । ଶିକ୍ଷା ସମ୍ବନ୍ଧରେ ଗୋବିନ୍ଦବଲ୍ଲଭ ବାବୁଙ୍କର ବଦାନ୍ୟତା ଦେଖି ଆମ୍ଭେମାନେ ବଡ଼ ପ୍ରୀତ ହୋଇଅଛୁଁ । ଏଣୁ

ଆମ୍ଭେମାନେ ଅନ୍ତଃକରଣ ସହିତ ତାହାଙ୍କର ପ୍ରଶଂସା କରୁଅଛୁଁ । ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟଙ୍କର ଅଙ୍ଗୀକୃତ ପୁରସ୍କାର ଯେଉଁ ୧୮୭୯ ମସୀହା ଛାତ୍ରବୃତ୍ତି ପରୀକ୍ଷାରେ ଓଡ଼ିଶା ମଧ୍ୟରେ ଯେଉଁ ସ୍କୁଲ ୨ୟ ଓ ୩ୟ ସ୍ଥାନ ପ୍ରାପ୍ତ ହେବ, ଉକ୍ତ ସ୍କୁଲ ଦ୍ୱୟର ପ୍ରଧାନ ଶିକ୍ଷକଙ୍କୁ ୫୧୦୯ ହିସାବରେ ୫୨୦୯ ପୁରସ୍କାର ଦିଆଯିବ ।" ଇତ୍ୟାଦି ।

ମାଦଳାପାଞ୍ଜି ଗଦ୍ୟ ଭାଷାରେ ଏହିମାନଙ୍କ ସ୍ପଷ୍ଟ ଦେଖାଯାଏ । ଊନବିଂଶ ଶତାବ୍ଦୀ ପ୍ରଥମ ଭାଗରେ ମାଦଳାପାଞ୍ଜିର ଗଦ୍ୟ ନିମ୍ନ ପ୍ରକାର ଥିଲା:—

"ଏ ଉତାରୁ ମୁକୁନ୍ଦଦେବ ମହାରାଜା ହୋଇଲେ । ନାଗପୁର ରାଜା ଦେବଗ୍ରାମ ଇଂରାଜଙ୍କ ସଙ୍ଗେ ଯୁଦ୍ଧ କରି ହାରିଗଲେ । ସେଠାରୁ ମହାରାଜାଙ୍କ ୯ଅଙ୍କ ୧୮୦୩ ମସୀହାରେ ହ୍ୟୁଣ ନାମକ ଇଂରାଜୀ ବାହାଦୁର ସାହେବ ଦକ୍ଷିଣରୁ ମିଲି ମିଲି ସାହେବ କଲିକତାରୁ ବଡ଼ ଜନରଲ ହାରକୋର୍ଟ ସାହେବ ବହୁତ ସନ୍ୟ ଘେନି ଓଡ଼ିଶାକୁ ଆକ୍ରମଣ କଲେ । ମରହଟ୍ଟାମାନେ କଟକରେ ସାମାନ୍ୟ ଯୁଦ୍ଧ କରି ଇଂରାଜଙ୍କୁ ଓଡ଼ିଶା ଛାଡ଼ି ଦେଇଗଲେ । ଖୋରଧା ରାଜା ମୁକୁନ୍ଦ-ଦେବଙ୍କ ନିକଟକୁ ଇଂରାଜମାନେ ସତ୍କାର କରିବା ସକାଶେ ଦୂତ ପଠାଇଲେ । ମୁକୁନ୍ଦଦେବ ଶାସନ କରିବା ସକାଶେ ହୃଷ୍ଟ ଥିଲେ ।" ଇତ୍ୟାଦି । ବୋଲିବା ବାହୁଲ୍ୟ ଯେ ଏ ଗଦ୍ୟ ସରଳ, ସ୍ୱାଭାବିକ, ହାଟଘାଟରେ ଜନସାଧାରଣଙ୍କ ଚଳନ୍ତି ଭାଷା । ଏହା ସହିତ ଉପରୋକ୍ତ 'ଉତ୍କଳ ଦୀପିକା' କିଂବା 'ସମ୍ବାଦ ବାହିକା' ଭାଷା ତୁଳନା କଲେ, ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ଦେଖିବାକୁ ମିଳେ । 'ଦୀପିକା' କିଂବା 'ସମ୍ବାଦ ବାହିକା' ଭାଷା ସଂସ୍କୃତ ଶବ୍ଦବହୁଳ; 'ପାଇଅଛନ୍ତି' ସ୍ଥାନରେ 'ପ୍ରାପ୍ତ ହୋଇ ଅଛନ୍ତି', 'ପଠାଇ ଅଛନ୍ତି' ସ୍ଥାନରେ 'ପ୍ରେରଣ କରିଅଛନ୍ତି' ଆଦି ବ୍ୟବହୃତ ହୋଇଛି । ସବୁଠାରୁ ବଡ଼ କଥା, ଏ

ଭାଷାରେ ସାବଲୀଳ ପ୍ରବାହର ଅଭାବ ଅନୁଭୂତ ହୁଏ । କିନ୍ତୁ ମାଦଳାପାଞ୍ଜି ଭାଷା ସହଜ, ସାବଲୀଳ—ଏହା ହିଁ ଜାମ୍‌ସବେଲ୍ ସାହେବ-ନିର୍ଦ୍ଦେଶିତ "ଶୁଦ୍ଧ ଭାଷା" । ଜାତୀୟ ପରଂପରାରୁ ଏହି ଭାଷାକୁ ଫକୀରମୋହନ ନିଜ ସାହିତ୍ୟ ସୃଷ୍ଟିର ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମ ଉପନ୍ୟାସ "ଛମାଣ ଆଠ ଗୁଣ୍ଠ" ଏହି ଭାଷାରେ ଲିଖିତ ହୋଇ ବିଶେଷ ସଫଳତା ଲାଭ କରିଥିଲା ।

ଓଡ଼ିଆ ଗଦ୍ୟ ବିକାଶ ଲାଭ କରିବା ସଙ୍ଗେ ସଙ୍ଗେ ଗଳ୍ପ ଉପନ୍ୟାସ, ପ୍ରବନ୍ଧ ଆଦି ଲିଖିତ ହେବାକୁ ଲାଗିଲା । ପ୍ରାୟ ୧୮୬୮ ମସୀହାରେ 'ବୋଧଦାୟିନୀ'ରେ ପ୍ରକାଶିତ ଫକୀରମୋହନଙ୍କ 'ଲଛମନିଆ' ଓଡ଼ିଆ ସାହିତ୍ୟରେ ସର୍ବପ୍ରଥମ ଆଧୁନିକ ଗଳ୍ପ । ଏହା ବ୍ୟତୀତ ବାଲେଶ୍ୱରର 'ଉତ୍କଳ ଦର୍ପଣ', ବାରିପଦାର 'ଉତ୍କଳ ପ୍ରଭା' ପ୍ରଭୃତି ପତ୍ର-ପତ୍ରିକାରେ ବିଭିନ୍ନ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସେ ସମୟରେ ପ୍ରକାଶ ପାଇଥିଲା । ୧୮୮୮ ମସୀହାରେ ପ୍ରକାଶିତ ଉମେଶ୍ଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ ଓ ୧୮୯୧ ମସୀହାରେ ପ୍ରକାଶିତ ରାମଶଙ୍କର ରାୟଙ୍କ 'ବିବାସିନୀ' ଉପନ୍ୟାସ ଦ୍ୱୟ ସେତେବେଳେ ଗଦ୍ୟ ସାହିତ୍ୟକୁ ଉଲ୍ଲେଖଯୋଗ୍ୟ ଅବଦାନ । ଓଡ଼ିଆ ଗଦ୍ୟ ସାହିତ୍ୟର ଏହି ବିକାଶ-ଧାରା ମଧ୍ୟରେ ଫକୀରମୋହନଙ୍କର ଆବିର୍ଭାବ ।

୧୮୯୬ ମସୀହାରେ କଟକ ଅବସ୍ଥାନ କାଳଠାରୁ ଫକୀରମୋହନ-ଙ୍କର ପ୍ରକୃତ ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା ବୋଲି କହିବାକୁ ହେବ । ଏହା ପୂର୍ବରୁ ବାଲେଶ୍ୱରରେ ଶିକ୍ଷକତା କରୁଥିଲା ସମୟରେ ସେ କେତେକ ପାଠ୍ୟପୁସ୍ତକ ଲେଖିଥିଲେ ଏବଂ ତା'ପରେ ଓଡ଼ିଶାର ବିଭିନ୍ନ ଗଡ଼ଜାତ ରାଜ୍ୟରେ ଦେୱାନୀ କିଂବା ମେନେଜରୀ କରୁଥିଲା ବେଳେ ରାମାୟଣ-ମହାଭାରତ-ଭଗବଦ୍‌ଗୀତାର ଅନୁବାଦ ଓ 'ଉତ୍କଳଭ୍ରମଣ', 'ପୁଷ୍ପମାଳା', 'ଉପହାର' ନାମରେ ତିନୋଟି ମୌଳିକ

କାବ୍ୟଗ୍ରନ୍ଥ ରଚନା କରିଥିଲେ । କିନ୍ତୁ କଟକ ଅବସ୍ଥାନ କାଳଠାରୁ ସେ ନିୟମିତ ଭାବରେ କବିତା ଓ ଗଳ୍ପ-ଉପନ୍ୟାସ ରଚନା ଆରମ୍ଭ କଲେ । ଏହିଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସାହିତ୍ୟ-ସାଧନା ହିଁ ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ ।

ଫକୀରମୋହନଙ୍କ ବ୍ୟକ୍ତିତ୍ୱରେ ମୁଖ୍ୟତଃ ଦୁଇ ଗୋଟି ଦିଗ ଦେଖିବାକୁ ମିଳେ । ପ୍ରଥମଟି ସମାଜ-ସଂସ୍କାରକ ବା ଦେଶ ହିତୈଷୀର ବ୍ୟକ୍ତିତ୍ୱ (ସେତେବେଳେ ସମାଜ-ସଂସ୍କାର ଦେଶ ସେବାର ଏକ ଅଙ୍ଗ ଥିଲା) ଏବଂ ଦ୍ୱିତୀୟଟି ସାହିତ୍ୟକର ବ୍ୟକ୍ତିତ୍ୱ । ସମ୍ପ୍ରଦାୟ ଫକୀରମୋହନ-ମାନସ ଗଠନରେ ଏ ଦୁଇଟିଯାକ ବ୍ୟକ୍ତିତ୍ୱ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିଛନ୍ତି । ନିଜର କର୍ମମୟ ଜୀବନର ଅଧିବାସଠାରୁ ଉଦ୍‌ଯାପନ ପର୍ଯ୍ୟନ୍ତ ଫକୀରମୋହନ ସମାଜ-ସଂସ୍କାର ଲାଗି ଆନ୍ଦୋଳନ କରିଛନ୍ତି—ସ୍ୱଦେଶ ଓ ମାତୃଭାଷା ପ୍ରତି ଗଭୀର ଶ୍ରଦ୍ଧା ପ୍ରକାଶ କରିଛନ୍ତି ଏବଂ ଅନ୍ୟ ଯାହାକୁ ତଦ୍ରୂପ କରିବାର ଦେଖିଛନ୍ତି, ତାହା ପ୍ରତି ହୃଦୟର ପୂଜା-ନିବେଦନ ବାଢ଼ିଛନ୍ତି । ତାଙ୍କର 'ଉତ୍କଳ ଭ୍ରମଣଂ' ଏହାର ଜ୍ୱଳନ୍ତ ନିଦର୍ଶନ । ପଣ୍ଡିତ ନୀଳକଣ୍ଠଙ୍କ ଦେଖିବାରେ : "କାହିଁ ସାପ୍ତାହିକ ପତ୍ରିକାରେ ଗୋଟିଏ ପଦ୍ୟ ପ୍ରକାଶିତ, କାହିଁ ମାସିକ ପତ୍ରିକାରେ ଗୋଟିଏ ଗଳ୍ପ ବା ପ୍ରବନ୍ଧ ବାହାରିଅଛି, କାହିଁ ଜଣେ ନବ ଲେଖକ କେତେକ ପଦ ଯୋଜନା କରି ଗୋଟିଏ ପଦ୍ୟ ପୁସ୍ତକ ଲେଖି ଅଛନ୍ତି, ଫକୀର-ମୋହନ ସେ ସବୁକୁ ଚକୋର ଜ୍ୟୋତ୍ସ୍ନା ପାନ କଲା ପରି ଗଦ୍ ଗଦ୍ ପ୍ରାଣରେ ପଢ଼ିବାର ଦେଖାଯାଏ । ଯେ କୌଣସି ଲେଖକର ବାଲ୍ୟ-ସୁଲଭ ସାହିତ୍ୟିକ ଅନୁରାଗ ପର୍ଯ୍ୟନ୍ତ ଦେଖି ଫକୀରମୋହନ ଶତ ଆଶାରେ ଉତ୍ପୁଲ୍ଲିତ ହୁଅନ୍ତି । କୌଣସି ଉଦୀୟମାନ ଲେଖକକୁ ଦେଖିଲା ମାତ୍ରକେ ପ୍ରାଣର ଆବେଗରେ ଆଲିଙ୍ଗନ କରି କେତେ

ଆଶୀର୍ବାଦ କରନ୍ତୁ । ଓଡ଼ିଆ ସାହିତ୍ୟର ଯେଉଁ ଯୁଗରେ ଫକୀର-ମୋହନଙ୍କ ଜୀବନର ପ୍ରାରମ୍ଭ, ସେଥିରେ କୌଣସି ପ୍ରକାର ଉନ୍ନତିର ଲକ୍ଷଣ ଦେଖିଲେ ତାଙ୍କର ଏପରି ଆଶା ଓ ଅହ୍ଲାଦ ହେବା ସ୍ୱାଭାବିକ ।" (୧) ବିଭିନ୍ନ ଗଡ଼ଜାତ ରାଜ୍ୟରେ ତାଙ୍କର ଶାସକ ଜୀବନ ମଧ୍ୟ ଏହି ଦେଶ ହିତୈଷିଣୀ ଭାବ ଦ୍ୱାରା ଅନୁପ୍ରାଣିତ ହୋଇଥିଲା । ସେତେ-ବେଳେ ଗଡ଼ଜାତର ଅନ୍ଧାର ମୁଲକରେ ସେ ନିଜର ସାଧ୍ୟମତେ ସ୍କୁଲମାନ ବସାଇ ଥିଲେ, କୂଅ-ପୋଖରୀ ଖୋଳାଇଥିଲେ, ବିଭିନ୍ନ ଧରଣର ନୂତନ ଗୃହ କରାଇ ଥିଲେ । ଶାସକ ହୋଇ ସେ କେବଳ ପ୍ରଜାଶାସନ କରୁ ନ ଥିଲେ । ଶାସିତ ପ୍ରତି ଶାସକର ଯେଉଁ କର୍ତ୍ତବ୍ୟ ରହିଛି, ତାହା ମଧ୍ୟ ପାଳନ କରୁଥିଲେ । ସାମ, ଦାନ, ଦଣ୍ଡ, ଭେଦ ରାଜ୍ୟ ଶାସନରେ ଏହି ଚାରିଗୋଟି ଉପାୟର ଆଶ୍ରୟ ନେଇଥିବା କଥା ଫକୀରମୋହନ ନିଜେ ସ୍ୱୀକାର କରିଛନ୍ତି । (ଆ: ଜୀ: ଚ: ପୃଷ୍ଠା ୭୨) ଶାସକ ରୂପେ ଫକୀରମୋହନ ଜନସାଧାରଣଙ୍କ ସହିତ ଘନିଷ୍ଠ ଭାବରେ ମିଶିବାର ସୁଯୋଗ ପାଇଥିଲେ । ଫଳତଃ ଲୋକ-ମାନସ ସହିତ ତାଙ୍କର ପ୍ରତ୍ୟକ୍ଷ ଓ ନିବିଡ଼ ପରିଚୟ ଘଟିଥିଲା । ଉତ୍ତର ଜୀବନରେ ସାହିତ୍ୟ-ସାଧନା ବେଳେ ଏ ପରିଚୟ ତାଙ୍କୁ ବିଶେଷ ସାହାଯ୍ୟ କରିଥିଲା । ତାଙ୍କର ଉପନ୍ୟାସ ଓ ଗଳ୍ପଗୁଡ଼ିକରୁ ମଣିଷ ସମାଜର ଯେଉଁ ଜୀବନ୍ତ ଛବି ଦେଖିବାକୁ ମିଳେ, ତାହା ଏହି ଅନ୍ତରଙ୍ଗ ପରିଚୟର ଫଳ ।

ଏହି ବ୍ୟକ୍ତିତ୍ୱ ଯୋଡ଼ିକ ଦ୍ୱାରା ଫକୀରମୋହନ ନବ ଉତ୍କଳର ଅନ୍ୟତମ ନିର୍ମାତା ରୂପେ ପରିଗଣିତ । ନିଜର ସମଗ୍ର ଜୀବନ-ସାଧନାକୁ ସେ ଉତ୍ସର୍ଗ କରିଥିଲେ ଦେଶ-ନିର୍ମାଣ ଓ ଜାତୀୟ ସଂଗଠନ କାର୍ଯ୍ୟରେ । ୧୮୬୭ ମସୀହାରେ 'ଉତ୍କଳ ଭାଷା-ଉନ୍ନତି ବିଧାୟିନୀ ସଭା' ଗଠନ

(୧) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୪) ପୃଷ୍ଠା ୧୨୭

କରିବା ଠାରୁ ୧୯୧୭ ମସିହାରେ 'ଉତ୍କଳ ସମ୍ମିଳନୀ'ରେ ସଭାପତିତ୍ୱ କରିବା ପର୍ଯ୍ୟନ୍ତ ସେ ଏହି ମହନୀୟ ଲକ୍ଷ୍ୟ ସମ୍ମୁଖରେ ରଖି ଅଗ୍ରସର ହୋଇଥିଲେ । ସେତେବେଳେ ସେ ପ୍ରାୟ ପ୍ରତ୍ୟେକ ଦେଶ-ହିତକର କାର୍ଯ୍ୟ ଓ ଜାତୀୟ ଅନୁଷ୍ଠାନରେ ଅଂଶ ଗ୍ରହଣ କରୁଥିଲେ । ୧୮୯୮ ମସିହାରେ ମାନ୍ଦ୍ରାଜରେ ଅନୁଷ୍ଠିତ ଭାରତୀୟ କଂଗ୍ରେସ ଅଧିବେଶନରେ ଫକୀରମୋହନ ପ୍ରତିନିଧି ଭାବରେ ଯୋଗ ଦେଇଥିଲେ । ସେହି ପ୍ରସଙ୍ଗରେ ସେ ଲେଖିଛନ୍ତି :—

"ଯଦିଚ ଆମ୍ଭମାନଙ୍କର ରାଜନୈତିକ ଆକାଙ୍‌କ୍ଷାଗୁଡ଼ିକ ସଫଳ ହେବାର କୌଣସି ନିକଟ ସମ୍ଭାବନା ନାହିଁ, ତଥାପି ଆମ୍ଭମାନଙ୍କ ଅଭାବ ଅଭିଯୋଗ ପ୍ରକାଶ ନ କରି ତୁନି ହୋଇ ରହିବା ଆମ୍ଭମାନଙ୍କ ପକ୍ଷରେ ଉଚିତ ହେବ ନାହିଁ । କଂଗ୍ରେସ ଭାରତର ଭିନ୍ନ ଭିନ୍ନ ଅଞ୍ଚଳବାସୀ ସୁଶିକ୍ଷିତ, ସ୍ୱଦେଶବତ୍ସଳ, ମାତୃଭୂମିର ଦୁର୍ଦ୍ଦଶା-ମୋଚନ-କାମୀ ସୁସନ୍ତାନମାନଙ୍କୁ ଏକତା ସୂତ୍ରରେ ଗ୍ରଥିତ କରୁଅଛି । ଏକତାର ହୀନତା ହିଁ ଭାରତ ପତନର ପ୍ରଧାନ କାରଣ ।" (ଆ: ଜୀ: ଚ: ପୃଷ୍ଠା ୧୬୭)

ଓଡ଼ିଶାରେ ଏହି ଜାତୀୟ ଏକତା ଆଣିବାଲାଗି ଫକୀରମୋହନ ମୂଳରୁ ଉଦ୍ୟମ କରିଥିଲେ । ତେଣୁ ଉତ୍କଳ-ଗୌରବ ମଧୁସୂଦନ ଦାସ-ପ୍ରତିଷ୍ଠିତ 'ଉତ୍କଳ ସମ୍ମିଳନୀ'ର ସେ ଥିଲେ ଆଜୀବନ ଭକ୍ତ ଓ ସମର୍ଥକ । ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ପ୍ରଥମ ଅଧିବେଶନରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧନଲାଗି କବିବର ରାଧାନାଥ ଯେଉଁ ଷୋଳ ଜଣ ସଭ୍ୟ-ବିଶିଷ୍ଟ ସ୍ଥାୟୀ ସମିତି ଗଠନର ପ୍ରସ୍ତାବ ଦେଇଥିଲେ, ତହିଁରେ ମୟୂରଭଞ୍ଜ ଓ ତାଳଚେର ମହାରାଜା, ଭକ୍ତକବି ମଧୁସୂଦନଙ୍କ ନାମ ସହିତ ସେ ଫକୀରମୋହନଙ୍କ ନାମ ଅନ୍ତର୍ଭୁକ୍ତ କରିଥିଲେ । ପୁଣି ୧୯୧୭ ମସିହାରେ 'ଉତ୍କଳ

ସାହିତ୍ୟ ସମାଜ' ଅଧିବେଶନରେ ଫକୀରମୋହନ ସଭାପତିର ସମ୍ମାନ ଗ୍ରହଣ କରିଥିଲେ ।

ଫକୀରମୋହନଙ୍କ ସାହିତ୍ୟ-ସାଧନା ହିଁ ଏକ ଦେଶ-ସେବା । ଶେଷ ଜୀବନରେ ନିଜର ଅଭାବ ଅସୁବିଧା, ରୋଗ ଶୋକ ଖାତିର୍ ନ କରି ସେ ନିରବଚ୍ଛିନ୍ନ ଭାବରେ ଏହି ପ୍ରକାର ଦେଶ-ସେବା କରିଥିଲେ । ଓଡ଼ିଆ ସାହିତ୍ୟର କ୍ରମୋନ୍ନତି ହେଉଛି, ଓଡ଼ିଶାର ଉନ୍ନତି ନିଶ୍ଚିତ—ଏ ବିଷୟରେ ଫକୀରମୋହନଙ୍କର ଦୃଢ଼ ଆଶା ଓ ବିଶ୍ୱାସ ରହିଥିଲା । ସେଥିଲାଗି ୧୯୧୬ ମସୀହାରେ ସେ ଜଣେ ବଙ୍ଗୀୟ ଭଦ୍ରବ୍ୟକ୍ତିଙ୍କ ପ୍ରବନ୍ଧର ପ୍ରତିବାଦ କରିଥିଲା ବେଳେ ଲେଖିଛନ୍ତି :—

"ଉତ୍କଳ ସାହିତ୍ୟର ସେହିପରି ଜୀବନୀ ଶକ୍ତି ଥିବାରୁ ବହୁ ଶତ ବର୍ଷ-ବ୍ୟାପୀ ଅତ୍ୟାଚାର ସହି ମଧ୍ୟ ଆଜିଯାଏ ପଡ଼ି ରହିଛି । କିଏ ବୋଲେ, ଭାଷାଟା ନିର୍ଜୀବ ? × × × × କେବଳ ଉତ୍କଳ ସାହିତ୍ୟ କଥା କଣ ବୋଲୁଛନ୍ତି, ଭାରତୀୟ ସମସ୍ତ ପ୍ରାଦେଶିକ ସାହିତ୍ୟ କେବଳ ଇଂରାଜୀ ସାହିତ୍ୟ ସହାୟତାରେ ଉନ୍ନତି ସ୍ରୋତରେ ଧାବିତ ହେଉଛନ୍ତି । ବିଂଶ ଶତାବ୍ଦୀର ଉନ୍ନତି ଯୁଗରେ ଉତ୍କଳ ସାହିତ୍ୟ କଣ ପଛକୁ ପଡ଼ି ରହିବ ? ପ୍ରକୃତ କଥା ଧରିବାକୁ ଗଲେ ସାହିତ୍ୟର ବର୍ତ୍ତମାନ ଯୁଗର ଆରମ୍ଭ କାଳ ପନ୍ଦର କୋଡ଼ିଏ ବର୍ଷରୁ ଅଧିକ ନୁହେ । ତତ୍‌ପୂର୍ବେ ଶିକ୍ଷିତ ସଂପ୍ରଦାୟଙ୍କ ଦୃଷ୍ଟି ଏହା ପ୍ରତି ତାଦୃଶ ନ ଥିଲା । ସେ ସମୟ, ସେ ଭାବ ଗତ ହୋଇଅଛି । ବର୍ତ୍ତମାନ ଶିକ୍ଷିତ ସମାଜ ମାତୃଭାଷାର ଉନ୍ନତି କାମନାରେ ଲାଗି ପଡ଼ିଛନ୍ତି । ଏଥକୁ ଏହାର ପ୍ରକୃତ ଉନ୍ନତି ଅବଶ୍ୟମ୍ଭାବୀ ।" (୧)

୧ । ଉତ୍କଳ ସାହିତ୍ୟ—୨୦ଶ ଭାଗ ୨ୟ ସଂଖ୍ୟା—ଜ୍ୟୈଷ୍ଠ ୧୩୨୩ ସାଲ ।

ଓଡ଼ିଆ ସାହିତ୍ୟର ତତ୍କାଳୀନ ନୈରାଶ୍ୟଜନକ ପରିସ୍ଥିତି ମଧ୍ୟରେ ଏପରି ଦୃଢ଼ ଆଶା ଓ ଆତ୍ମ-ବିଶ୍ୱାସ କେତେ ଜଣ ପୋଷଣ କରି ପାରନ୍ତି ?

ଓଡ଼ିଶା ଇତିହାସର ଏକ ଯୁଗସନ୍ଧି କାଳରେ ଫକୀରମୋହନଙ୍କର ଆବିର୍ଭାବ । ଏହା ଏକ କ୍ଷୟଶୀଳ ପ୍ରାଚୀନ ସମାଜ ଓ ଅନ୍ୟ ଏକ ଉଦୀୟମାନ ନୂତନ ସମାଜର ସଂଘର୍ଷ-ଜନିତ ଯୁଗସନ୍ଧି । ଫକୀରମୋହନ-ଅନୁଷ୍ଠାନ ଏହି ଦୁଇଟି ପରସ୍ପର-ବିରୋଧୀ ସମାଜର ମିଳନ-ସେତୁ । ତାଙ୍କ ମଧ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସଫଳ ସମନ୍ୱୟ ସାଧିତ ହୋଇଥିଲା । ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ ଫକୀରମୋହନ "ଇଂରେଜ ପ୍ରଭାବର ଫଳ ସତ—କିନ୍ତୁ ଆଜିକାଲି ବହୁ ଲେଖକଙ୍କ ପରି କୌଣସି ମ୍ଳେଚ୍ଛ ଅନୁକରଣର ଫଳ ନୁହନ୍ତି । ଫକୀରମୋହନ ଏହି ଦେଶର, ଏହି ସମାଜର, ଏହି ଆଦର୍ଶର ଓ ଏହି ଆକାଂକ୍ଷାର ଅତି ଅନ୍ତରଙ୍ଗ ପ୍ରତିରୂପ ।" (୧) ତାଙ୍କର ସମାଜ ସଂସ୍କାର ତଥା ସାହିତ୍ୟ-ସୃଷ୍ଟିରେ ଏହି ପ୍ରାଚୀନ ଓ ନବୀନ ଭାବଧାରାର ସମବାୟ ସ୍ଥାପିତ ହୋଇଛି । ସେ ହିନ୍ଦୁଧର୍ମର ମହତ୍ତ୍ୱ ସ୍ୱୀକାର କରିଛନ୍ତି, ଅଥଚ ନଅଙ୍କ ଦୁର୍ଭିକ୍ଷର ଛତରଖିଆମାନଙ୍କୁ ହିନ୍ଦୁ ସମାଜ ବର୍ଜନ କରିଥିବା କଥା ଅନ୍ୟାୟ ବୋଲି ଘୋଷଣା କରିଛନ୍ତି । ଡୋମପଡ଼ାରେ ପ୍ରଥମ ଥର ଦେବାନ ଥିବା ବେଳେ ସେ ନିଧି ପଟ୍ଟନାୟକଙ୍କ ସହ କୁଟୁମ୍ବିତା ଖେଳିଛନ୍ତି, କିନ୍ତୁ ସେଥିଲାଗି ପ୍ରାୟଶ୍ଚିତ୍ତ କରି ଆସିବାକୁ ଭୁଲି ନାହାନ୍ତି । ସାହିତ୍ୟ ସୃଷ୍ଟିରେ ମଧ୍ୟ ସେ ପାଶ୍ଚାତ୍ୟ ଗଳ୍ପ-ଉପନ୍ୟାସ ରଚନା-ରୀତି ଗ୍ରହଣ କରିଛନ୍ତି, ମାତ୍ର ଏ ଦେଶୀୟ ପରଂପରା ଓ ପରିବେଶ କଦାପି ପରିତ୍ୟାଗ କରି ନାହାନ୍ତି ।

[୧] ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ, ପୃଷ୍ଠା ୨୧୫

ସେତେବେଳେ ଅଧିକାଂଶ ଇଂରେଜୀ-ଶିକ୍ଷିତ ନବ୍ୟ ସଭ୍ୟ ଓଡ଼ିଆ ମେକଲେ ସାହେବଙ୍କ ଭାଷାରେ "କେବଳ ଦେହର ବର୍ଣ୍ଣ ଓ ରକ୍ତରେ ଥିଲେ ଭାରତୀୟ; କିନ୍ତୁ ରୁଚି, ମତାମତ, ନୀତିଜ୍ଞାନ ଓ ବୁଦ୍ଧିରେ ଥିଲେ ଇଂରେଜ" । ସେମାନେ ଦେଶୀୟ ରୀତି ନୀତି, ସଂସ୍କାର, ସଭ୍ୟତା ପରିବର୍ତ୍ତେ ପାଶ୍ଚାତ୍ୟ ବେଶ-ସଭ୍ୟତାରେ ନିଜକୁ ତଥା ଅପରକୁ ପୂର୍ଣ୍ଣରୂପେ ଦୀକ୍ଷିତ କରିବାଲାଗି ଉଦ୍ୟମ କରୁଥିଲେ । ଫକୀରମୋହନଙ୍କର 'ସଭ୍ୟ ଜମିଦାର' ଓ 'ଡାକମୁନ୍‌ସି' ଗଳ୍ପ ଯୋଡ଼ିକରୁ ସେମାନଙ୍କ ଗତି-ବିଧିର ଅତି ହାସ୍ୟକର ଚିତ୍ର ଦେଖିବାକୁ ମିଳେ । ସେହିମାନଙ୍କୁ ଲକ୍ଷ୍ୟ କରି ପଣ୍ଡିତ ଗୋଦାବରୀଶ ମିଶ୍ର ମଧ୍ୟ ଲେଖିଥିଲେ 'ଫିଉଚର୍ ସାହେବ' :—

"ଏଥର ମଲେ ସାହେବ ହେବି
ଲାଲ୍ ମୁଣ୍ଡରେ କ୍ୟାପ୍ ଦେବି ।
ଗିନି ଫାଉଲ୍‌ଙ୍କ ବଂଶ ମାରିବି,
ଟେବଲ୍ ଉପରେ ଖାନା ଖାଇବି ।
ନେଟିଭ୍ ଦେଖିଲେ ନିକଟେ ଆସିଲେ
ଡାର୍ଟି ବୋଲି ଦୂର୍ ଦୂର୍ କରିବି ।"

ଫକୀରମୋହନ କିନ୍ତୁ ସାହେବଙ୍କ ସଙ୍ଗରେ ସାହେବ ଓ ନେଟିଭ୍‌ଙ୍କ ସଙ୍ଗେ ନେଟିଭ୍ ହୋଇ ପାରିଥିଲେ । ତାଙ୍କ ହୃଦୟର ସାହେବ ଓ ନେଟିଭ୍ ଦୁହେଁ କେବେ ପରସ୍ପର-ବିରୋଧୀ ହୋଇ ନାହାନ୍ତି । ତେଣୁ ଉତ୍କଳଗୌରବ ମଧୁସୂଦନ, କର୍ମଯୋଗୀ ଗୌରୀଶଙ୍କର ପ୍ରଭୃତି ବ୍ୟକ୍ତିତ୍ୱ ସଙ୍ଗରେ ଫକୀରମୋହନଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ମିଳିତ ହୋଇ ଉତ୍କଳର ନବ ଜାଗରଣ ଆଣିବାରେ ଅଦମ୍ୟ ସାଧନା